# ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ କୋରାପୁଟ ଗସ୍ତ

ଜୟପୁର, ୦୪/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ଗସ୍ତରେ ଆସି ପହଂଚିଛନ୍ତି ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲ। ଗତକାଲି କୋରାପୁଟ ସ୍ଥିତ ସର୍କିଟ ହାଉସ ଠାରେ ପହଂଚିଛନ୍ତି ଶ୍ରୀ ସାମଲ। ତାଙ୍କ ସହିତ ଦେଖା କରିବାକୁ କୋରାପୁଟ ଜିଲ୍ଲାର ବିଜେପି କର୍ମୀ ଓ ନେତାଙ୍କ ମଧ୍ୟରେ ଏକ ପ୍ରକାର ଉତ୍ସାହ ଦେଖିବାକୁ ମିଳିଥିଲା। ନିର୍ବାଚନ ପରେ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲ ପ୍ରଥମ ଥର ନିମନ୍ତେ କୋରାପୁଟ ଜିଲ୍ଲା ଗସ୍ତରେ ଆସିଛନ୍ତି। କୋରାପୁଟ ସ୍ଥିତ ସର୍କିଟ ହାଉସ୍ ଠାରେ ଦଳୀୟ ନେତା ଓ ସକ୍ରିୟ କର୍ମୀମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। କୋରାପୁଟ ସର୍କିଟ୍ ହାଉସ ଠାରେ କୋରାପୁଟ ଜିଲ୍ଲା ସଭାପତି ସୁମନ୍ତ କୁମାର ପ୍ରଧାନ, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୂପ ଭତ୍ରା, ଭାରତୀୟ ଜନତା ପାର୍ଟି ର ରାଜ୍ୟ ସମ୍ପାଦିକା, ତଥା କୋରାପୁଟ ଜିଲ୍ଲା ପ୍ରଭାରୀ ପୂର୍ଣ୍ଣିମା କେରକେଟା, ବିଜେପି ରାଜ୍ୟ ସମ୍ପାଦିକା ଶ୍ରୀମତୀ ପୂର୍ଣ୍ଣିମା ନାୟକ, ବିଜେପି ଏସ୍ ଟି. ସେଲ୍ ରାଷ୍ଟ୍ରୀୟ ସାଧାରଣ ସଂପାଦକ କାଳୀରାମ ମାଝୀ, ସମେତ ଅନ୍ୟ ବିଜେପିର କର୍ମୀମାନେ ଉପସ୍ଥିତ ରହିଥିଲେ। କୋରାପୁଟ ସର୍କିଟ ହାଉସ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀର ଅୟୋଜନ ମଧ୍ୟ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଓଡିଶାର ଜନତା ତଥା ଭୋଟର ଭାଇ ଓ ମାଆ ଭଉଣୀ ମାନେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଭାରତୀୟ ଜନତା ପାର୍ଟିକୁ ଏକାକୀ ସରକାର ଗଠନ କରିବା ପାଇଁ ସୁଯୋଗ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏବଂ ଯେଉଁ ଆଶା ଓ ବିଶ୍ୱାସ ନେଇ ବିପୁଳ ପରିମାଣରେ ଭାରତୀୟ ଜନତା ପାର୍ଟିକୁ ଭୋଟ ଦେଇଛନ୍ତି ତାକୁ ଭାରତୀୟ ଜନତା ପାର୍ଟି ବିଶ୍ୱାସର ସହିତ ନେଇ ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କ ପାଇଁ କାମ କରିବ ବୋଲି ବିଜେପି ରାଜ୍ୟ ସଭାପତି ଶ୍ରୀ ସାମଲ ଗଣମାଧ୍ୟମରେ କହିଛନ୍ତି। କୋରାପୁଟ ଜିଲ୍ଲା ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପର୍ଯ୍ୟଟନ, ରେଳ, ଏବଂ ଭିତିଭୂମିର ବିକାଶ ନିମନ୍ତେ ଅଧିକ ଦୃଷ୍ଟି ଦିଆଯିବ ବୋଲି ଶ୍ରୀ ସାମଲ କହିଛନ୍ତି। କୋରାପୁଟ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ତେଣୁ ଏହି ଜିଲ୍ଲା ଉପରେ ବିକାଶ କିପରି ହେବ ସେଥିପାଇଁ କୋରାପୁଟ ଜିଲ୍ଲା ପ୍ରତି ଦଳର ଦୃଷ୍ଟି ରହିବ ବୋଲି ସେ କହିଛନ୍ତି। ଆଦିବାସୀ ସଂଗ୍ରହାଳୟ ସଭାଗୃହ ଠାରେ ମନମୋହନ ସାମଲ ଯୋଗଦେଇ କୋରାପୁଟ ଜିଲ୍ଲାରେ ବିଜେପି ଆଗାମୀ ଦିନରେ ଆଉ କେମିତି ସୁଦୃଢ ହେବ ସେ ନେଇ ମଧ୍ୟ ଦଳୀୟ ନେତା ଓ କର୍ମୀମାନଙ୍କ ସହିତ ଆଲୋଚନା କରିଥିଲେ। ଏବଂ କୋରାପୁଟ ଏବଂ କୋଟପାଡ଼ ଛଡା ଲକ୍ଷ୍ମୀପୁର, ଜୟପୁର, ଏବଂ ପଟାଙ୍ଗୀ ରେ ବିଜେପି କାହିଁକି ପରାଜୟ ହେଲା ତାହାର ମଧ୍ୟ ସମୀକ୍ଷା କରାଯାଇଥିଲା।

# ଶିଳ୍ପମନ୍ତ୍ରୀଙ୍କ ଖୋର୍ଦ୍ଧା ଗସ୍ତ ଓ ବିଭିନ୍ନ ଶିଳ୍ପାଂଚଳ ପରିଦର୍ଶନ

ଭୁବନେଶ୍ୱର , ୦୪/୦୮ (ନି.ପ୍ର): ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଶିଳ୍ପାଂଚଳ ପରିଦର୍ଶନ କରିଛନ୍ତି। ତାଙ୍କର ପରିଦର୍ଶନ ସମୟରେଶିଳ୍ପାଂଚଳ ପାର୍କ ମଧ୍ୟରେ ଥିବା ବିଭିନ୍ନ ପ୍ରକାର ୟୁନିଟ୍ ଯଥା ଏସ୍.ଏସ୍.ଏସ୍ ଗ୍ରୁପ୍ ଇଣ୍ଡୋନିଶିନ୍ ଏବଂ କୋକାକୋଲା ଗ୍ରୁପ୍ ସହ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକଙ୍କୁ ଚାକିରି ସୁଯୋଗ ଦେବାକୁ ସେ ଶିଳ୍ପଗୁଡ଼ିକୁ ଏକରକମ ବାଧ୍ୟ କରିବା ପାଇଁ ଜିଲ୍ଲାର ଆଇଟିଆଇ ଓ ପଲିଟେକ୍‌ନିକ୍ ରୁ ଦକ୍ଷ କୁଶଳୀ ମାନବସମ୍ବଳ ନିଯୁକ୍ତି ପାଇଁ ଜୋର ଦେଇଥିଲେ। ଏହାପରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ମନ୍ତ୍ରୀ ଏକ ବୈଠକରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ଏଥିରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଓ ଶିଳ୍ପ ବିଭାଗ ଓ ଇଡ୍ କୋର ବରିଷ୍ଠ କାର୍ଯ୍ୟକର୍ତ୍ତା, ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଖୋର୍ଦ୍ଧାଠାରେ ଶିଳ୍ପ ଓ ଶିଳ୍ପାଂଚଳ ବିକାଶ ପାଇଁ ଲୋକମାନଙ୍କର ଆଗ୍ରହ ଓ ଦାବି ସମ୍ବନ୍ଧରେ ଜଣାଇଥିଲେ । ସେଥିପାଇଁ ଇଡ୍‌କୋ କାଳିବେଟି, ମୁଣ୍ଡାମ୍ବା, ହଳଦୀପଦା, ବେଗୁନିଆ ଆଦି ଅଂଚଳ ଓ ଏହାର ଆଖପାଖ ଅଂଚଳରେ ଶିଳ୍ପାଂଚଳ ଉନ୍ନୟନ କାର୍ଯ୍ୟକ୍ରମ ଜାରି ରଖିଛି ବୋଲି କହିଥିଲେ। ମୁଣ୍ଡାମ୍ବାଠାରେ ଫୁଡ୍ ପ୍ରୋସେସିଂର ୧୫ ଗୋଟି ୟୁନିଟ୍ ଆବଂଟନ କରିବା ସହ ବରୁନ୍ ବେଭରେଜ୍ କାର୍ଯ୍ୟ ଆରମ୍ଭ କରିବା ଶେଷ କରିଲାଣି ବୋଲି ସୂଚନା ଦେଇଥିଲେ । ସେହିପରି କାଳିବେଟିଠାରେ ନିର୍ଦ୍ଦିଷ୍ଟ ଭାବେ ବୟନଶିଳ୍ପ ପାର୍କ ଗଢ଼ିଉଠିବ ବୋଲି ସେ କହିଥିଲେ । ଇଡ୍ କୋ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ଖୋର୍ଦ୍ଧା, ଭୁବନେଶ୍ୱର, ଜଟଣୀ, ବେଗୁନିଆ, ବୋଲଗଡ଼, ଟାଙ୍ଗୀ ଇତ୍ୟାଦିଠାରେ ଶିଳ୍ପ ପାଇଁ ଆବଂଟିତ ହୋଇଥିବା ବିଭିନ୍ନ ଜମି ବିଷୟରେ ସବିଶେଷ ତଥ୍ୟ ରଖିଥିଲେ। ବିଭିନ୍ନ ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକମାନେ ଖୋର୍ଦ୍ଧା ଅଂଚଳରେ ଶିଳ୍ପାଂଚଳ ବିକାଶର ସରକାରଙ୍କ ପ୍ରଚେଷ୍ଟାକୁ ଖୁବ୍ ପ୍ରଶଂସା କରିଥିଲେ ଓ ସାଧାରଣ ଜନତାଙ୍କ ସହଯୋଗ ପାଇଁ ସମର୍ଥନ ଯୋଗାଇଦେବା ସହ ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ଆଶ୍ୱାସନା ଦେଇଥିଲେ । ସେମାନେ ମଧ୍ୟ ଜିଲ୍ଲାରେ ଆବଂଟିତ ଜମିର ତନ୍ନ ତନ୍ନ ପରୀକ୍ଷା କରିବା ସହ ଏହାର ଫଳପ୍ରଦ ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ ଖୋର୍ଦ୍ଧା ଜିଲ୍ଲାରେ ବିଭିନ୍ନ ଭିତିଭୂମି ନିର୍ମାଣ ଏବଂ ଆରମ୍ଭ ହେବାକୁ ଥିବା ଶିଳ୍ପ ପାର୍କ ସମ୍ପର୍କରେ ସନ୍ତୋଷ ବ୍ୟକ୍ତ କରିଥିଲେ। ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଶିଳ୍ପନିବେଶ ପାଇଁ ଖୋର୍ଦ୍ଧା ବେଶ୍ ଉନ୍ନତ ଅଂଚଳ। ଏଠାରେ ଶିଳ୍ପ ସମ୍ଭାବନା ରହିଛି ଏବଂ ଭବିଷ୍ୟତରେ ଏହା ଦେଶର ଏକ ଶିଳ୍ପାଂଚଳ ହବ୍ ରେ ପରିଣତ କରାଇପାରିବ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ ଯେ ଏଠାରେ ୬,୪୦୦ କୋଟି ନିବେଶରେ ୧୫ଟି ନୂଆ ଶିଳ୍ପ ପ୍ୟାଚ୍ ଚିହ୍ନଟ ହୋଇଛି।

# ଜିଲ୍ଲାପାଳଙ୍କୁ ଭେଟିଲେ ସଭ୍ୟ/ସଭ୍ୟା

କେନ୍ଦ୍ରାପଡ଼ା, ୦୪/୦୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପରିଷଦରେ ପ୍ରାୟ ୪ ମାସ ହେବ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦ ଖାଲିପଡିଛି । ପୂର୍ବରୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଥିବା ଗୀତାଞ୍ଜଳୀ ସେଠୀ ଓ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ନିଜ ନିଜ ପଦବୀରୁ ଇସ୍ତଫା ଦେଇଥିଲେ । ସେହି ଦିନ ଠାରୁ ଦୀର୍ଘଦିନ ହେଲା ଏହି ପଦବୀ ଗୁଡିକ ଖାଲି ପଡି ଥିବାରୁ ଜିଲ୍ଲା ପରିଷଦ ରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଏହି ଗୁରୁତ୍ୱପୂର୍ଣ୍ଣ ପଦବୀକୁ ତୁରନ୍ତ ପୂରଣ କରି ଜିଲ୍ଲା ପରିଷଦ କାର୍ଯ୍ୟଧାରା କୁ ନିୟମିତ କରିବା ପାଇଁ ୫ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ଲିଲିତା ଦାସଙ୍କ ନେତୃତ୍ୱରେ ସତ୍ୟାନନ୍ଦ ରାଉତ, ଅରବିନ୍ଦ ମଲିକ, ନିର୍ମଳା ମହାନ୍ତି, ପ୍ରିୟଦର୍ଶିନୀ ତରାଇ, ପ୍ରମୋଦ କୁମାର ରଥ ପ୍ରମୁଖ ସଦସ୍ୟ/ ସଦସ୍ୟାମାନଙ୍କ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଭେଟି ଆଲୋଚନା କରିବା ସହ ତୁରନ୍ତ ଏହି ପଦବୀକୁ ପୂରଣ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି କରିଥିଲେ । ଜିଲ୍ଲା ପରିଷଦ ଅଧିନରେ ଜିଲ୍ଲାର ବିଭିନ୍ନ ବ୍ଲକରେ ଚାଲୁଥିବା କାର୍ଯ୍ୟ ଗୁଡିକୁ ତଦାରଖ କରିବା ଓ ଗତି ଦେବାପାଇଁ ଜିଲ୍ଲାପାଳଙ୍କ ଠାରେ ଦାବି କରିଥିଲେ। ପଂଚାୟତରାଜ ବ୍ୟବସ୍ଥାରେ ବିଭିନ୍ନ ବ୍ଲକରେ ଅଧା ପନ୍ତରିଆ ହୋଇପଡି ରହିଥିବା ପ୍ରକଳ୍ପ ଗୁଡିକୁ ତୁରନ୍ତ ସଂପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରାତପ କୁମାର ମଲିକ, ରଶ୍ମି ରଂଜନ ରାଉତ, ଆପୁ ପରିଡା, ଅନୁରାଧା ସ୍ୱାଇଁ, ଧନେଶ୍ୱର ସେଠୀ ସଭ୍ୟ/ ସଭ୍ୟାମାନେ ଦାବି ଜଣାଇଥିଲେ ।

# ରାଜ୍ୟ ସରକାରଙ୍କ ଆଦେଶ ପ୍ରତ୍ୟାହାର କରିବା ନିମନ୍ତେ ଦାବି ଜଣାଇଲା ସଂଘ

ଜୟପୁର, ୦୪/୦୮ (ନି.ପ୍ର): ଓଡ଼ିଶା ଅମଲା ସଂଘ ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଶଶୀ ଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲା ମାନେ ଯୋଗଦାନ କରିଥିଲେ । ଏଥିରେ ମୁଖ୍ୟତଃ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ଏକ ମାତ୍ର ନ୍ୟାର୍ଯ୍ୟ ଦାବି ପୂରଣ ନିମନ୍ତେ ଓଡ଼ିଶା ଅମଲା ସଂଘ ଦୀର୍ଘ ଦିନ ଧରି ଦାବି କରି ଆସୁଥିଲେ ମଧ୍ୟ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଶେଷ ସମୟରେ ଅର୍ଥାତ୍ ଆଦର୍ଶ ଆଚରଣ ବିଧି ଲାଗୁ ହେବାର କିଛି ସମୟ ପୂର୍ବରୁ ପତ୍ର ସଂଖ୍ୟା ୮୮୯୮ ତା ୧୫.୦୩.୨୦୨୪ ରିଖ ଦିନ ଏକ ବିଭ୍ରାନ୍ତିକର ନିର୍ଧାରଣ ବାହାର କରିଥିଲେ । ଉକ୍ତ ନିର୍ଧାରଣ ଯୋଗୁଁ ଜିଲ୍ଲା ସ୍ତରୀୟ ଅମଲା ମାନେ କ୍ଷତିଗ୍ରସ୍ତ ହେଉଥିବା ସଂଘ ରେ ଆଲୋଚନା ହୋଇଥିଲା । ଏଣୁ ଉକ୍ତ ନିର୍ଧାରଣ କୁ ପ୍ରତ୍ୟାହାର କରିବା ନିମନ୍ତେ ଓଡ଼ିଶା ଅମଲା ସଂଘ ର ଉପସ୍ଥିତି ସମସ୍ତ ସଦସ୍ୟ ଦାବି କରିଥିଲେ । ରାଜ୍ୟ ସରକାରଙ୍କ ଉକ୍ତ ନିର୍ଧାରଣ କୁ ଆଳ ଦେଖାଇ ବିଭିନ୍ନ ବିଭାଗରେ ଅଧିକାରୀ ମାନେ ପଦନ୍ନତି କୁ ସ୍ଥଗିତ ରଖିଦେଇଥିବା ଯୋଗୁଁ ଉପସ୍ଥିତ ଅମଲା ମାନେ ତିବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ । ଅମଲା ମାନେ ପଦନ୍ନତି ପାଇବା ପାଇଁ ଯୋଗ୍ୟ ଥିବା ଓ ଅପର ପକ୍ଷରେ ପଦବୀ ଖାଲି ପଡିଥିବା ବେଳେ ନେ ମୁଖ୍ୟତଃ ଶିକ୍ଷା ବିଭାଗ ଓ ଜଙ୍ଗଲ ବିଭାଗ ରେ ଖାଲି ପଡିଥିବା ପଦବୀ ର ପୁରଣ ହେଉନଥିବା ଉକ୍ତ ବିଭାଗର ଅମଲା ମାନେ ପ୍ରକାଶ କରିଥିବା ସହିତ ସଭାପତି ଙ୍କ ହସ୍ତକ୍ଷେପ ଲର୍ଡ଼ିଥିଲେ । ତା ୨୧ .୦୭.୨୦୨୪ ରିଖ ଦିନ ଭୁବନେଶ୍ୱର ଲୋହିଆ ଏକାଡେମୀ ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ସଂଘ ର ବୈଠକ ଓ ଉକ୍ତ ବୈଠକର ନିର୍ଧାରଣ କୁ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ସ୍ୱାଗତ କରାଯାଇଥିଲା ଏଥିରେ ମୁଖ୍ୟତଃ ସଞ୍ଜୟ କୁମାର ପଣ୍ଡା ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଲକ୍ଷ୍ମୀ କାନ୍ତ ଦାଶ୍ ଅଧ୍ୟକ୍ଷ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଜଗନ୍ନାଥ ମାଝୀ ଉପସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା,କୈଳାସ ସାମନ୍ତରାୟ ବରିଷ୍ଠ ସଦସ୍ୟ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ସଞ୍ଜିବ କୁମାର ପଟ୍ଟନାୟକ, କାଳି ପ୍ରସାଦ ମିଶ୍ର, ସାନ୍ତୁନୁ କୁମାର ଜେନା, ପଦ୍ମେଶ୍ୱର ବିଷୟୀ, ତ୍ରିନାଥ ପଣ୍ଡା , ପ୍ରମୋଦ କୁମାର ଭୂୟାଁ ଙ୍କ ସମେତ ବହୁ ବରିଷ୍ଠ ଓ କନିଷ୍ଠ ସହାୟକ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ପରିଶେଷରେ ଶ୍ରୀ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ସମସ୍ତ ଉପସ୍ଥିତ ଅମଲା କନିଷ୍ଠ ସହାୟକ ମାନଙ୍କ ପ୍ରବେଶିକା ଦରମା ହାର ୪୨୦୦/- ଗ୍ରେଡ଼ ପେ ପ୍ରଦାନ କରିବା ନିମନ୍ତେ ସରକାରଙ୍କୁ ଦାବି କରିଥିଲେ ।

# ଆଇଆଇଟି ଭୁବନେଶ୍ୱରରେ ନୂତନ ବ୍ୟାଚ୍ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ଭୁବନେଶ୍ୱର , ୦୪/୦୮ (ନି.ପ୍ର): ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ନୂତନ ବ୍ୟାଚ୍ ଛାତ୍ରଛାତ୍ରୀମାନଙ୍କୁ ବହୁତ ଉତ୍ସାହର ସହିତ ସ୍ୱାଗତ କରିଛି। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଆଡମିଶନ ପ୍ରକ୍ରିୟା ପରେ ପ୍ରତ୍ୟେକ ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ପାଇଁ ପୃଥକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଏବଂ ଅନୁଷ୍ଠାନ ଦ୍ୱାରା ଏକ ପ୍ରେରଣାଦାୟକ ସେମିନାର ଆୟୋଜିତ ହୋଇଥିଲା। ଓରିଏଣ୍ଟେସନ୍ ପ୍ରୋଗ୍ରାମ ସମୟରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲକର କ୍ୟାମ୍ପସର ନୂତନ ସଦସ୍ୟମାନଙ୍କୁ ଆଇଆଇଟି ଭୁବନେଶ୍ୱରର ଅନନ୍ୟ ବୈଶିଷ୍ଟ୍ୟ ସହିତ ପରିଚିତ କରାଇଥିଲେ। ୯୩୬ ଏକରରୁ ଅଧିକ ଜମିରେ ବିସ୍ତାରିତ,କ୍ୟାମ୍ପସ୍ ୨୩ଟି ଆଇଆଇଟି ମଧ୍ୟରେ ତୃତୀୟ ବୃହତ୍ତମ । ଏହି କ୍ୟାମ୍ପସ ଐତିହାସିକ ବରୁଣେଇ ପାହାଡର ପାଦଦେଶରେ ଅବସ୍ଥିତ, ଯାହାକି ବ୍ରିଟିଶ୍ ବିରୁଦ୍ଧରେ ୧୮୧୭ ପାଇକ ବିଦ୍ରୋହର ସ୍ଥାନ ଥିଲା । ପ୍ରଶାସନିକ ଭବନରେ ଭିନ୍ନ ଆକାରର ଦୁଇଟି ଅର୍ଦ୍ଧବୃତ୍ତ ସହିତ ଥିବା ଗମ୍ବୁଜଟି ଲୋକମାନଙ୍କ ମଧ୍ୟରେ ପାର୍ଥକ୍ୟକୁ ଗ୍ରହଣ କରିବାର ଅନୁଷ୍ଠାନର ନୀତିକୁ ସୂଚିତ କରେ। ଆଇଆଇଟି ଭୁବନେଶ୍ୱର ଆଇଆଇଟି ଜ୍ଞାନ ସୃଜନ ଏବଂ ଜ୍ଞାନ ବିସ୍ତାର ଠାରୁ ଆଗକୁ ବଢ଼ି ଜ୍ଞାନ ପ୍ରୟୋଗ, ଷ୍ଟାର୍ଟ ଅପ୍ ଏବଂ ଉଦ୍ୟମିତା ବିକାଶ ଦ୍ୱାରା ସାଧନ ସୃଷ୍ଟି ଏବଂ ଗୁଣାତ୍ମକ ଶିକ୍ଷକ ସୃଷ୍ଟି କରିବାରେ ଅଗ୍ରଗତି କରିଛି ବୋଲି ପ୍ରଫେସର କରମଲକର ସୂଚନା ଦେଇଛନ୍ତି। ପ୍ରତିଷ୍ଠାନର ଡିନ୍ ଏବଂ ବରିଷ୍ଠ ଅଧ୍ୟାପକବୃନ୍ଦ ଆଇଆଇଟି ଭୁବନେଶ୍ୱରର ବିଭିନ୍ନ ଏକାଡେମିକ୍ ଏବଂ ଅଣ-ଏକାଡେମିକ୍ ସୁବିଧା ବିଷୟରେ ନୂତନ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇଥିଲେ । ଏହି ଅଧିବେଶନରେ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ପ୍ରଶ୍ନ ଓ ଚିନ୍ତାର ସମାଧାନ କରାଯାଇଥିଲା । ଓରିଏଣ୍ଟେସନ କାର୍ଯ୍ୟକ୍ରମରେ, ଅବସରପ୍ରାପ୍ତ କମାଣ୍ଡର ଭି.କେ. ଜେଟଲୀଙ୍କ ଦ୍ୱାରା ଏକ ପ୍ରେରଣାଦାୟକ ସମ୍ବୋଧନ ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଅଗଷ୍ଟ ୨ ତାରିଖରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ଆଇଆଇଟି ଭୁବନେଶ୍ୱରରେ ଆଗାମୀ ୪ ବର୍ଷରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତର ରୂପ ନିର୍ଦ୍ଧାରଣ' ଉପରେ ବକ୍ତବ୍ୟ ପ୍ରଦାନ କରି ବକ୍ତା ଛାତ୍ରଛାତ୍ରୀମାନଙ୍କୁ 'ଉତ୍ସର୍ଗୀକୃତ ଉଦ୍ୟମ, ନିଷ୍ଠା ଏବଂ ଅନୁଶାସନ' ସହିତ ଭିନ୍ନ ଢଙ୍ଗରେ କାର୍ଯ୍ୟ କରି ପରିବର୍ତ୍ତନକାରୀ ଭାବେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଉତ୍ସାହିତ କରିଥିଲେ। ପ୍ରଫେସର-ଇନ୍-ଚାର୍ଜ (ସେମିନାର) ଡକ୍ଟର ବିଜୟକୃଷ୍ଣ କରୀ ଏହି ସେମିନାରର ସଂଯୋଜନା କରିଥିଲେ। ଆଇଆଇଟି ଭୁବନେଶ୍ୱରରେ ବିଭିନ୍ନ ପାଠ୍ୟକ୍ରମରେ ଆଡମିଶନ ୯ ଜୁଲାଇ ୨୦୨୪ ରୁ ପିଏଚଡି ନାମଲେଖା ସହିତ ଆରମ୍ଭ ହୋଇଥିଲା। ଛାତ୍ରମାନେ ବି.ଟେକରେ ୪୫୧ ଜଣ ଛାତ୍ରଛାତ୍ରୀ, ଏମଟେକରେ ୨୪୦, ଏମଏସସିରେ ୧୦୭, ଏମଏସ (ରିସର୍ଚ୍ଚ) ରେ ୬ ଜଣ ଏବଂ ୧୧୫ ଜଣ ଛାତ୍ରଛାତ୍ରୀ ପିଏଚଡି ପାଠ୍ୟକ୍ରମରେ ଯୋଗ ଦେଇଛନ୍ତି।

# ଅଳିଆ ଉଠାଇ ବୃକ୍ଷ ରୋପଣ କଲା ବିଏମସି

ଭୁବନେଶ୍ୱର , ୦୪/୦୮ (ନି.ପ୍ର): 'ମାଆ ପାଇଁ ଗଛଟିଏ' ତଥା ସବୁଜ ଭୁବନେଶ୍ୱର ଅଭିଯାନର ଆଜି ଦ୍ୱିତୀୟ ଦିନରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ସାଉଥ୍-ଇଷ୍ଟ ଜୋନ୍ର ଦୁଇଟି ସ୍ଥାନରେ ବୃକ୍ଷ ରୋପଣ କରାଯାଇଛି । ଏହି ମେଗା ପ୍ଲାଂଟେସନ କାର୍ଯ୍ୟକ୍ରମରେ ଆଜି ମୁଖ୍ୟ ଅତିଥି ଭାବେ ମାନନୀୟା ମେୟର ଶ୍ରୀମତୀ ସୁଲୋନଚା ଦାସ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ । ୨୮ ନମ୍ବର ୱାର୍ଡ ଅନ୍ତର୍ଗତ ତିରୁପତି ତିରୁମାଲା କଲ୍ୟାଣ ମଣ୍ଡପ ପାର୍ଶ୍ୱ ରାସ୍ତା କଡରେ ବୃକ୍ଷ ରୋପଣ କରାଯାଇଥିଲା । ଜୟଦେବ ବିହାର ଛକ ନିଟକରେ ଅର୍ଥାତ୍ ଆଜି ଯେଉଁଠାରେ ବୃକ୍ଷ ରୋପଣ କରାଯାଇଛି, ସେଠାରେ ଦିନେ ଆବର୍ଜନା ପୂର୍ଣ୍ଣ ପରିବେଶ ରହିଥିଲା । ଲୋକମାନେ ସେଠାରେ ବିଭିନ୍ନ ପ୍ରକାର ବର୍ଜ୍ୟ ପକାଉଥିଲେ । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସେହିସ୍ଥାନକୁ ପରିଷ୍କାର କରାଯାଇ ଆଇ ଲଭ ଭୁବନେଶ୍ୱର ଲେଖାଯିବା ସହ ସୌନ୍ଦର୍ଯ୍ୟକରଣ କରାଯାଇଥିଲା । କେବଳ ଏହି ସ୍ଥାନ ନୁହେଁ ମହାମନଗର ନିଗମ ଅଂଚଳର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଏହିପରି ବର୍ଜ୍ୟ ପ୍ରବଣ ସ୍ଥାନ (ଜିଭିପି)କୁ ସୌନ୍ଦର୍ଯ୍ୟକରଣ କରାଯାଇଛି . କେଉଁଠାରେ ତୁଳସୀ ଗଛତ ଆଉ କେଉଁଠାରେ ଅନ୍ୟାନ୍ୟ ବୃକ୍ଷ ରୋପଣ କରାଯିବା ଦ୍ୱାରା ସେଠାରେ ଏବେ ଆଉ ବର୍ଜ୍ୟ ପକାଉ ନାହାଁନ୍ତି । ସେହିସ୍ଥାନ ଏବଂ ତାର ଆଖପାଖରେ ପ୍ରାୟ ଦେଢ ଶହ ବୃକ୍ଷ ରୋପଣ କରାଯାଇଛି । ସମଗ୍ର ବିଏମସି ଅଂଚଳରେ ଏକ ଲକ୍ଷ ବୃକ୍ଷ ରୋପଣ କରାଯିବ । ସହରରେ ରହିଥିବା ପଡିଆ ଜମି ସହ ନିଜ ନିଜ ଜମିରେ ମଧ୍ୟ ବୃକ୍ଷ ରୋପଣ କରିବା ପାଇଁ ମେୟର ଶ୍ରୀମତୀ ଦାସ ନାଗରିକମାନଙ୍କୁ ଅନୁରୋଧ କରିଛନ୍ତି । ସବୁଜ ଭୁବନେଶ୍ୱର ଅଭିଯାନକୁ ସାକାର କରିବା ସହ ପ୍ରତ୍ୟେକ ନାଗରିକ 'ମା' ପାଇଁ ଗଛଟିଏ' ଲଗାଇବାକୁ ସେ ନିବେଦନ କରିଛନ୍ତି । ସେହିପରି ଷ୍ଟେସନ ବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଧ୍ୟ ବୃକ୍ଷ ରୋପଣ କରାଯାଇଛି । ଏଠାରେ ମେୟର, ଡେପୁଟି ମେୟର, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ସ୍ଥାନୀୟ କର୍ପୋରେଟରଙ୍କ ସହ ବିଦ୍ୟାଳୟର ଛାତ୍ରଛାତ୍ରୀ ମିଶି ଶତାଧିକ ବୃକ୍ଷ ରୋପଣ କରିଥିଲେ ।

# କେନ୍ଦୁଝରର ଡିଏମଏଫରେ କୋଟି କୋଟି ଟଙ୍କାର କେଳେଙ୍କାରୀ: ପୁଣି ସାମ୍ନାକୁ ଆସିଲା ୧୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ହେରଫେର

କେନ୍ଦୁଝର, ୦୪/୦୮ (ନି.ପ୍ର): କେନ୍ଦୁଝରର ଡିଏମଏଫପାଣ୍ଠି ଦୁର୍ନିତର ଗନ୍ତାଘର ପାଲଟିଥିବା ସଂପର୍କରେ ହୋଇ ଆସୁଥିବା ଅଭିଯୋଗ ଧୀରେଧୀରେ ସତ୍ୟରେ ପରିଣତ ହେଉଛି । ପୂର୍ବତନ ଜିଲ୍ଲାପାଳଙ୍କ ସମୟରେ ଏହି ଦୁର୍ନିତି ସମସ୍ତ ସୀମା ଟପି ଯାଇଥିବା ସଂପର୍କରେ ହୋଇଆସିଥିବା ଚର୍ଚ୍ଚା ଏବେ ବି ଥମି ନାହିଁ । ସବୁଠାରୁ କୌତୁହଳ ବିଷୟ ହେଉଛି ପୂର୍ବରୁ ଡିଏମଏଫ ଅର୍ଥର ବିନିଯୋଗସଂପର୍କରେ ଆରଟିଆଇ ମାଧ୍ୟମରେ ଯେବେ ବି କେହି ଜାଣିବାକୁ ଚାହିଁଥାଏ ତାକୁ ପରୋକ୍ଷ ଧମକର ଶୀକାର ହେବାକୁ ପଡିଥାଏ ତଥା ଭୟଭୀତ କରାଯାଇଥାଏ । ଏବେ ବି ଡିଏମଏଫର ଓ୍ୱେବ୍‌ସାଇଡରେ ଦିଆଯାଇଥିବା ତଥ୍ୟ ଗୁଡିକ ଏଭଳି ବିଭ୍ରାନ୍ତିକର ଭାବେ ଦିଆଯାଇଛି ଯେ ସଠିକ ତଥ୍ୟ ମିଳିବା ଅସମ୍ଭବ । ଜିଲ୍ଲାର ଖଣି ପ୍ରଭାବିତ ଅଂଚଳର ଜଳ,ଜମି,ପରିବେଶ ଆଁରସୁରକ୍ଷା ନାମରେ ଗ୍ରାମ୍ୟ ଉଦ୍ୟାନ,ଗ୍ରାମ୍ୟ ଉଦ୍ୟାନ ପାର୍କ ଆଦି ନିର୍ମାଣ ମାଧ୍ୟମରେ ବିଭିନ୍ନ ଯୋଜନାରେ ୧୦୪ଟି ପ୍ରକଳ୍ପରେଡିଏମଏଫରୁ ୧୦କୋଟି ଟଙ୍କାରୁ ଉର୍ଦ୍ଧ ଟଙ୍କାର ଘୋଟାଲା ହୋଇଥିବା ସୂଚନାଅଧିକାରୀ କର୍ମୀ ହିମାଂଶୁଶେଖର ନାଏକ ଅଭିଯୋଗ କରିଛନ୍ତି।

କେନ୍ଦୁଝର ଜିଲ୍ଲାର ଡିଏମଏଫ ଅର୍ଥର ବିନିଯୋଗ ପାଇଁ ଇ ଏଣ୍ଡ ଓ୍ୱାଇ ନାମକ ରାଜ୍ୟ ବାହାରର ଏକ ସଂସ୍ଥାକୁ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି । ଏହି ସଂସ୍ଥାର ପରାମର୍ଶନୁଶାରେ ଡିଏମଏଫର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥାଏ । ବିଭିନ୍ନ ପଂଚାୟତରେ ଗ୍ରାମ୍ୟ ଉଦ୍ୟାନ ନିର୍ମାଣ ପ୍ରକଳ୍ପ ଡିଏମଏଫ ଟ୍ରଷ୍ଟ ବୋର୍ଡରେ ଅନୁମୋନ ହୋଇଥିଲା । ଏହାର ମୂଳ ଲକ୍ଷ୍ୟଥିଲା ଖଣି କାର୍ଯ୍ୟ ଯୋଗୁଁ ପ୍ରଭାବିତ ଅଂଚଳର ଜଳ,ଜମି ଆଁରେ ସୃଷ୍ଟି ହେଉଥିବା ପ୍ରଦୂଷଣକୁ ନିୟନ୍ତ୍ରଣ କରିବାଏହି କ୍ରମରେ କେନ୍ଦୁଝର ସର ବ୍ଲକରେ ୨୦୨୨-୨୩ ବର୍ଷରେ ୧୦ଟି ଗ୍ରାମ୍ୟ ଉଦ୍ୟାନ ନିର୍ମାଣ ହୋଇଥିବା ଦର୍ଶାଯାଇଛି । କିନ୍ତୁ ବାସ୍ତବ ଚିତ୍ର କହୁଛି ଗ୍ରାମ୍ୟ ଉଦ୍ୟାନ ନିର୍ମାଣ ନାମରେ ପ୍ରାୟ ୨କୋଟିରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ କରାଯାଇ ଅବଶିଷ୍ଟ ସମସ୍ତ ଅର୍ଥ ଠିକାଦାରଙ୍କ ମାଧ୍ୟମରେ ଚଳୁ କରାଯାଇଅଛି ।ସର ବ୍ଲକରେ ନର୍ମିତ ଦର୍ଶାଯାଇଥିବା୧୦ଟି ଗ୍ରାମ୍ୟ ଉଦ୍ୟାନ ମଧ୍ୟରୁ ଗୋପୀନାଥପୁର ଉଦ୍ୟାନ କୁ ଅନୁଧାନ କରିବାରେ ଏହା ଗ୍ରାମଠାରୁ ୩କିମି ଦୂରରେ ଏକ ନିଛାଟିଆ ସ୍ଥାନରେ ରହିଥିବା ବେଳେ ପଂଚାୟତବାସୀଙ୍କ କୌଣସି କାମରେ ଆସୁନାହିଁ । ଏଠାରେ ଗୋଟିଏ ଗେଟ୍ ସହ ପାଇଖାନା ଗୃହ ନିର୍ମାଣ ହୋଇଥିଲେ ମଧ୍ୟ ପାଣି କିମ୍ବା ବିଜୁଳି ବ୍ୟବସ୍ଥା ନାହିଁ । ଯଦିଓ ଗୋଟିଏ ବୋରେଓ୍ୱେଲ ଖୋଳା ଯିବା ସହ ଉଦ୍ୟାନ ଭିତରେ ପ୍ଲେଭର ପ୍ଲେଟ ପକାଯାଇ ରାସ୍ତା ନିର୍ମାଣ କରାଯାଇଥିଲେ ବି ସେସବୁ ଭାଙ୍ଗି ଯାଇଥିବା ବେଳେ ଉଦ୍ୟାନଟି ମଶୋତଲ ପୂର୍ଣ୍ଣ ଖେଳିବାକୁ ମିଳିଥିଲା।

ଏହି ଉଦ୍ୟାନ ନିର୍ମାଣରେ ୧୮ଲକ୍ଷ୩୪ହଜାର୦୮୦ଟଙ୍କା ଖର୍ଚ୍ଚ ସୂଚନାଫଳକରେ ଦର୍ଶାଯାଇଥିବା ବେଳେ ଅନ୍ୟପଟେ ଏଥିପାଇଁ ଦୁଇଟି କିସ୍ତିରେ ୨୨ଲକ୍ଷ ୩ହଜାର ୫୧୯ ଟଙ୍କା ପେମେଂଟ ହୋଇଥିବା ବିଭାଗୀୟ ଓ୍ୱେବସାଇଟ୍ରେ ଦର୍ଶାଯାଇଛି।ସେଠାରେ ଅନ୍ୟ ଏକଫଳକରେ, ପଂଚାୟତ ପକ୍ଷରୁ ମାଛକାନ୍ଦଣା ନୀପାର୍କନାମରେ ୨ଲକ୍ଷଟଙ୍କା ଖର୍ଚ୍ଚ କରାଯାଇଛି । ଯେଉଁଥିରୁ ଗୋଟିଏ ଉଦ୍ୟାନକୁ ଦୁଇଟି ବିଭାଗରୁ ଅର୍ଥଖର୍ଚ୍ଚ ହୋଇଥିବାଦର୍ଶାଇ ଲକ୍ଷାଧିକ ଟଙ୍କା ଲୁଟ ଏକପ୍ରକାର ସ୍ପଷ୍ଟହୋଇଛି ।ଅନୁରୂପଭାବେ ଟିକରପଡା ଗ୍ରାମ୍ୟଉଦ୍ୟାନଟି ଗାଁଠାରୁ ୨କିମି ଦୂରରେ ଅଛି ଯେଉଁଠାକୁ ପ୍ରାୟକାହାର ଯାତାୟତ ନଥାଏ ।ଏହିଉଦ୍ୟାନଟି ଗୋଟିଏ ଟାଙ୍ଗରାଭୂମି ଉପରେଛିଡାହୋଇଛି ଯେଉଁଠାରେ କିଛି ସ୍ଥାନରେ ପ୍ରାଚୀର ଓ ଲୁହା ଖୁଟିଂ ଖୋଯାଇଥିବା ବେଳେ ଶୌଚାଳୟଗୃହ ଓ ପାଣିଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ପାଣିଓବିଜୁଳିର ବ୍ୟବସ୍ଥା ନାହିଁ । ଏହିଟାଙ୍ଗରା ଉଦ୍ୟାନ ପାଇଁ ଓ୍ୱେବ୍‌ସାଇଟ୍‌ରେ ୨୯ଲକ୍ଷଟଙ୍କା ଖର୍ଚ୍ଚ ଅନୁମୋଦନଦର୍ଶାଯାଇଥିବା ବେଳେ ସୂଚନା ଫଳକରେ ବ୍ୟୟଅଟକଳ ପରିମାଣ ୨୧ଲକ୍ଷ ୮୨ ହଜାର ୫୫୫ଟଙ୍କା ଦର୍ଶାଯାଇଥିଲେ ମଧ୍ୟ ୯ ଲକ୍ଷ ୯୯ହଜାର ୧୪୩ ଟଙ୍କା ପେମେଂଟ ହୋଇଥିବା ଓ୍ୱେବସାଇଟ ରେ ଦର୍ଶାଯାଇଛି ।ଏବଂ ଅନ୍ୟଏକ ସୂଚନା ଫଳକରେ ସେହି ଉଦ୍ୟାନରେ ପୁଣିପଂଚାୟତ ପକ୍ଷରୁ ୩ ଲକ୍ଷ ୭୦ହଜାରର ବ୍ୟୟ ମଧ୍ୟ ଦର୍ଶାଯାଇଛି । ଯାହାକି ଅନ୍ୟ ଏକ ଲୁଟର ଉାହରଣ ସାଜିଛି । ଏପରିକି ୫ ଟି ସ୍କୁଲ ଭିତରେ ମଧ୍ୟ ଏକ ଗ୍ରାମ୍ୟ ଉଦ୍ୟାନ ନିର୍ମାଣ ଦର୍ଶାଇ ବିନା କାମରେ ୧୨ଲକ୍ଷ ୮୪ ହଜାର ୨୩୪୪ ଟଙ୍କା ସିଧାସଳଖ ଲୁଟ ହୋଇଥିବା ଜଣାପଡିଛି । ଏସଂପର୍କରେ ସବୁଠାରୁ ସାଙ୍ଘାତିକ କଥା କହିଛନ୍ତି ଗୋପୀନାଥପୁର ସରପଂଚ । ସରପଂଚ ସରୋଜ ଦେହୁରୀଙ୍କ କହିବାନୁଶାରେ ପ୍ରଥମରୁ ତାଙ୍କୁ ଅନ୍ଧାରରେ ରଖାଯାଇଥିଲା । ଯେତେବଳେ ସେ କାମ ସଂପର୍କରେ ଜାଣିବାକୁ ଚାହଁଲେ ସେତେବେଳେ ତାଙ୍କୁ ଜେଲ ପଠାଇବାର ଧମକଦିଆଗଲା । ସମସ୍ତ ସତ୍ୟତା ସାମ୍ନାକୁ ଆସିବାପାଇଁ ଘୋଟାଲାର ଉଚ୍ଚସ୍ତରୀୟତନ୍ତ ସପକ୍ଷରେ ବହୁଳ ମତ ପ୍ରକାଶ ପାଇଛି ।

# ରାଜ୍ୟସ୍ତରୀୟ ସମାବେଶକୁ ସଫଳ କରିବାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡ଼େରେସନ ସମୂହର ଆହ୍ୱାନ

ଭୁବନେଶ୍ୱର, ୦୪/୦୮ (ନି.ପ୍ର): ମୋଦୀ-ଏନ୍‌ଡ଼ିଏ ସରକାରକୁ ଆସିବା ପରେ ଶ୍ରମିକଶ୍ରେଣୀ ଉପରେ ଯେଉଁ ନୂତନ ଆକ୍ରମଣ ଆରମ୍ଭ ହୋଇଥିଲା ତାହା ହେଉଛି ଶ୍ରମିକମାନଙ୍କର ଭବିଷ୍ୟନିଧି ପାଣ୍ଠି ଜମା କରୁନଥିବା ମାଲିକମାନଙ୍କ ଠାରୁ ଏଥିପାଇଁ ପୂର୍ବରୁ ଯେଉଁ ଜୋରିମାନା ଆଦାୟ କରାଯାଉଥିଲା ତାହାକୁ କମାଇବେ । ଯାହାଫଳରେ ଉଦ୍ୟୋଗପତି ମାନେ ଶ୍ରମିକ ମାନଙ୍କର କଷ୍ଟଲବ୍ଧ ମଜୁରିରୁ ଅର୍ଥ ଲୁଟିପାରିବେ । ଶ୍ରମିକମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇ କଲବଲ ହେବେ । ସାମାଜିକ ସୁରକ୍ଷାର ଅବଧାରଣାକୁ ଓଲଟପାଲଟ କରାଯାଇ ଏହାର ବୋଝକୁ ଶ୍ରମିକଙ୍କ କାନ୍ଧରେ ଲଦି ଦିଆଯାଇଛି । ସ୍ୱଳ୍ପ ସମୟର ନିଯୁକ୍ତି ତଥା ଠିକାକରଣ ଭିତରେ ନିୟମିତ ନିଯୁକ୍ତି ପ୍ରକ୍ରିୟା ସ୍ୱପ୍ନରେ ରହିଯାଇଛି । ଦରବୃଦ୍ଧି ଅନୁଯାୟୀ ମଜୁରୀ ବୃଦ୍ଧି କରିବା ଆଜି ସ୍ୱପ୍ନରେ ରହିଯାଇଛି । ସେହିପରି ଦେଶରେ ଥିବା ଅପରାଧିକ ନ୍ୟାୟ ପ୍ରଣାଳୀକୁ ଖତମ କରିଦେଇ ଲୋକଙ୍କ ଉପରେ ଔପନିବେଶିକ କାଳର ନ୍ୟାୟ ପ୍ରକ୍ରିୟାଠାରୁ ଖରାପ ବ୍ୟବସ୍ଥାକୁ ଲଦି ଦିଆଯାଇଛି । ୧ ଜୁଲାଇରୁ ନୂତନ ଆଇନ ବ୍ୟବସ୍ଥା ଲାଗୁ ହୋଇଯାଇଛି ଯାହାକି ବୈଧ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ମଧ୍ୟ ଅବୈଧ କରିଦେଇଛି ତଥା ଶ୍ରମିକମାନଙ୍କର ଆନ୍ଦୋଳନ କରିବାର ଅଧିକାରକୁ କାଢ଼ି ନେଇଛି । ମୋଦୀ ସରକାର ପରି ଦେଶର ଯେଉଁ ସବୁ ରାଜ୍ୟରେ ଡବଲ ଇଞ୍ଜିନ ସରକାର ରହିଛନ୍ତି ସେମାନେ ଦେଶର ନିର୍ମାଣ ଶ୍ରମିକମାନଙ୍କ ସହିତ ସମସ୍ତ ଅସଂଗଠିତ କ୍ଷେତ୍ରରେ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକୁ କାଟଛାଣ୍ଟ କରିବାରେ ଲାଗିଛନ୍ତି । ବିଦ୍ୟାଳୟ ଗୁଡ଼ିକର ମଧ୍ୟାହ୍ନ ଭୋଜନ ପାଚିକା, ଆଶ, ଅଙ୍ଗନୱାଡ଼ି କାର୍ଯ୍ୟକର୍ତ୍ତାମାନଙ୍କ ସହିତ ଅନ୍ୟାନ୍ୟ ସ୍କିମ୍ ୱାର୍କରମାନଙ୍କର ନ୍ୟାର୍ଯ୍ୟଦାବୀକୁ ବିନା କାରଣରେ ଟାଳି ଦିଆଯିବାରେ ଲାଗିଛି । ଠିକା ଶ୍ରମିକମାନଙ୍କୁ ନିୟମିତ କରାଯାଉନାହିଁ । ମୋଟ ଉପରେ ଶ୍ରମିକ ଶ୍ରେଣୀର ସ୍ୱାର୍ଥ ଓ ଅଧିକାରକୁ ଭୁଲୁଣ୍ଠିତ କରାଯାଉଛି । ମନରେଗା ଶ୍ରମିକମାନଙ୍କ ଲାଗି ବଜେଟ କମି କମି ଯାଉଛି । ଆମ ରାଜ୍ୟରେ ନୂତନ କରି ଆସିଥିବା ବିଜେପି ସରକାର ମଧ୍ୟ ମୋଦୀ ଓ ଯୋଗୀଙ୍କ ପରି ବୁଲଡ୍ରୋଜରରାଜ ଓ ଶ୍ରମ କୋଡ଼କୁ ଲାଗୁ କରିବା ପାଇଁ ଯୋଜନା କରୁଛନ୍ତି । ଯାହାଫଳରେ ହଜାର ହଜାର ସଂଖ୍ୟାରେ ଗରିବ ଓ ରାସ୍ତାପଡ଼ରେ ବ୍ୟବସାୟ କରୁଥିବା କ୍ଷୁଦ୍ର ବ୍ୟବସାୟୀମାନେ ସେମାନଙ୍କର ଜୀବନ ଜୀବିକା ହରାଇବେ । ନୂତନ ରାଜ୍ୟ ସରକାର ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କୁ ନିଯୁକ୍ତି ଦେବାରେ ଲାଗିଛନ୍ତି । ଅଥଚ ରାଜ୍ୟରେ ବନ୍ଦ ପଡ଼ିଥିବା କଳକାରଖାନାଗୁଡ଼ିକୁ ଖୋଲିବା, ନୂଆ ନିଯୁକ୍ତି କରିବା ସମ୍ପର୍କରେ ସରକାରଙ୍କର କୌଣସି ଖାସ ଯୋଜନା ନାହିଁ । କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡ଼େରେସନ ଶ୍ରମିକ ଶ୍ରେଣୀଙ୍କର ଜ୍ୱଳନ୍ତ ସମସ୍ୟାଗୁଡ଼ିକୁ ନେଇ ଆନ୍ଦୋଳନ ତୀବ୍ରତର କରିବାକୁ ନିଷ୍ପତ୍ତି କରିଛି । ଉକ୍ତ ଦିନ ଶୋଭାଯାତ୍ରା ଦିବା ୧୧ ଘଟିକା ସମୟରେ ରାଜମହଲ ଛକ ଠାରୁ ବାହାରିବ । କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ନେତୃମଣ୍ଡଳୀ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ମନେରଖିବାକୁ ହେବଯେ ଦେଶର ଜନତା ଗତ ସଂସଦୀୟ ନିର୍ବାଚନରେ ମୋଦୀ ତଥା ବିଜେପିକୁ ପ୍ରତିତ ଜବାବ ଦେଇସାରିଛନ୍ତି । ଆଗାମୀ ଦିନମାନଙ୍କରେ ଦେଶର କୋଟି କୋଟି ଜନତା କୃଷକ ତଥା ଶ୍ରମିକମାନଙ୍କ ସହିତ ରାଜରାସ୍ତାରେ ଆନ୍ଦୋଳନ କରିବା ସହ ଶ୍ରମିକ, କୃଷକ ବିରୋଧି ଫାଶିବାଦୀ ଶକ୍ତିଙ୍କୁ ସରକାରରୁ କ୍ଷମତଚ୍ୟୁତ କରିବାକୁ ହେବ ବୋଲି ଆଜି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡ଼େରେସନର ନେତାମାନେ ସାମ୍ବାଦିକ ସମ୍ମିଳନୀରେ ଡାକରା ଦେଇଛନ୍ତି ।

# ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୦୪/୦୮ (ନି.ପ୍ର): କେନ୍ଦ୍ରାପଡ଼ାରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସମୀକ୍ଷା ବୈଠକ ଭାରପ୍ରାପ୍ତ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷ ବୈଠକରେ ଅତିରିକ୍ତ ଜିଲ୍ଲା ପରିଷଦ ଅଧିକାରୀ ଦୟାସିନ୍ଧୁ ପାଢୀ, ସଂଯୋଜକ ପ୍ରାଚୀ ମିଶ୍ର, ଅଡିଟର ମୃତ୍ୟୁଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ୯ଟି ବ୍ଲକ ର କାର୍ଯ୍ୟ ଚାଲୁଥିବା ଏବଂ କାର୍ଯ୍ୟ ନହୋଇ ପଡି ରହିଥିବା ଯୋଜନାଗୁଡିକର ସମୀକ୍ଷା କରିଥିଲେ । ବ୍ଲକଗୁଡିକରେ ସ୍ୱଚ୍ଛ ଭାରତ ଅଭିଯାନ, ଆଦର୍ଶ ଗ୍ରାମ, ବ୍ୟାଙ୍କ ନଥିବା ପଂଚାୟତମାନଙ୍କରେ ଗୃହ ନିର୍ମାଣ କରି ବ୍ୟାଙ୍କକୁ ହସ୍ତାନ୍ତର କରିବା, ଅର୍ଥ କମିଶନ ପ୍ରଦତ ଅନୁଦାନ ର ବିନିଯୋଗ କରିବା, ସଂର୍ପକରେ ଆଲୋଚନା କରିବା ସହ ବିଭିନ୍ନ ପଂଚାୟତ ଗୁଡିକରେ ପଡି ରହିଥିବା ଅସଂପୂର୍ଣ କାର୍ଯ୍ୟ ଗୁଡିକୁ ସଂପୂର୍ଣ୍ଣ କରିବା ଓ ନୂତନ ଯୋଜନାଗୁଡିକୁ କାର୍ଯ୍ୟକାରୀ କରିବା, ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ ଯୋଗାଇବା ଆଦି ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ।

# କୋଲଥ

ମୁଗ ବିରି ପରି କୋଲଥ ଏକ ଡାଲି ଜାତୀୟ ରବି ଫସଲ। ଏହି ଡାଲି ଯେତିକି ସ୍ୱାଦିଷ୍ଟ ସେତିକି ସ୍ୱାସ୍ଥ୍ୟପ୍ରଦ। ତେବେ ଏହା ପଶୁମାନଙ୍କ ଆହାର ହୋଇଥିବାରୁ ଏହି ଡାଲି ଖାଇବାକୁ କେତେକ ନାପସନ୍ଦ କରିଥାନ୍ତି। ତଥାପି ଏହାର ଆଦର କିଛି କମ୍ ନୁହେଁ। ପ୍ରୋଟିନ, ଆଇରନ ଏବଂ କାର୍ବୋହାଇଡ୍ରେଟସରେ ଏହା ଭରପୁର। ଏହା ମେଦବହୁଳତା ତଥା ଓଜନ ହ୍ରାସ କରିଥାଏ। ଏଥିରେ ଥିବା ଫାଇବର୍ ରକ୍ତଚାପ ଏବଂ ରକ୍ତଶର୍କରା ନିୟନ୍ତ୍ରଣରେ ସହାୟକ ହୋଇଥାଏ। ମହିଳାମାନଙ୍କ ମାସିକ ସମସ୍ୟାକୁ ଏହା ଦୂରକରେ, ଥଣ୍ଡା ଜ୍ୱରରୁ ମଧ୍ୟ ଆରାମ ଦିଏ।





ଆୟୁର୍ବେଦିକ୍ ଔଷଧରେ କୋଲଥର ବିଭିନ୍ନ ପ୍ରୟୋଗ ରହିଛି। ଭାରତରେ ଏହାର ଚାଷବାସ ବେଶ୍ ପୁରୁଣା। ଭାରତରୁ ଏହା ଦକ୍ଷିଣପୂର୍ବ ଏସିଆ ଏବଂ ଆଫ୍ରିକା ଯାଇଥିବା କୁହାଯାଏ। ଏବେ ଜାଣନ୍ତୁ କୋଲଥର କିଛି ଔଷଧୀୟ ଉପଚାର।

- କୋଲଥର କାଢ଼ା ପ୍ରସ୍ତୁତ କରି ସେବନ କରିବା ଦ୍ୱାରା ବାତ ସମସ୍ୟା ଦୂରହୁଏ। ତେବେ ଏହି କାଢ଼ାରେ ଗୋଲମରିଚ ଗୁଣ୍ଡ ପକାଇ ପିଇବା ଦ୍ୱାରା ଗଳା ସମସ୍ୟାରୁ ରକ୍ଷା ମିଳେ।
- କୋଲଥ ଡାଲି ଖାଇବା ଦ୍ୱାରା ଅନେକ ପେଟରୋଗର ଉପଶମ ହୁଏ।
- ଏହାର କାଢ଼ାରେ ହେଙ୍ଗୁ ଏବଂ ଶୁଣ୍ଠିଗୁଣ୍ଡ ସହ ସାମାନ୍ୟ ଲୁଣ ମିଶାଇ ସକାଳେ ଏବଂ ସନ୍ଧ୍ୟାରେ ସେବନ କରିବା ଦ୍ୱାରା ପେଟ ଯନ୍ତ୍ରଣା ଦୂରହୁଏ।
- ଅତିସାର ଭୋଗୁଥିବା ରୋଗୀଙ୍କ ପାଇଁ କୋଲଥର କଅଁଳିଆ ପତ୍ରର ରସ ଉପକାରୀ ସିଦ୍ଧ,ହୋଇଛି।
- ଶ୍ୱାସରୋଗୀମାନଙ୍କ ପାଇଁ କୋଲଥ ଉପକାରୀ। ଏହାକୁ ପାଣିରେ ଭଲ ଭାବରେ ସଝାଇ ସେଥିରେ ସାମାନ୍ୟ ସୈନ୍ଧବ ଲବଣ ଏବଂ ହଳଦୀ ମିଶାଇ ତାକୁ ଛାଣି ଶ୍ୱାସରୋଗୀକୁ ପିଇବାକୁ ଦେଲେ ଉପକାର ହୋଇତାଏ। ଏହା ଦିନକୁ ତିନି ଚାରିଥର ପିଇବାକୁ ଦେବା ଦରକାର।
- କୋଲଥ, ପାଷାଣଭେଦୀ ଏବଂ ଗୋଖାରୁର କାଢ଼ା ପ୍ରସ୍ତୁତ କରି ସକାଳେ ଏବଂ ସନ୍ଧ୍ୟାରେ ପିଇବା ଦ୍ୱାରା କିଛି ସପ୍ତାହ ମଧ୍ୟରେ ପଥରୀ ରୋଗ ଦୂର ହୋଇଥାଏ। ଏହା ପରିସ୍ରା ସହ ଧୀରେ ଧୀରେ ବାହାରି ଆସିଥାଏ। କୋଲଥ ଡାଲି ଖାଇବା ଦ୍ୱାରା ମଧ୍ୟ ପଥରୀ ସମସ୍ୟା ଦୂରହୁଏ। ଏଥିରେ ଥିବା ଭିଟାମିନ ଏ ପଥରୀକୁ ବାହାରକୁ ବାହାର କରିବାରେ ସହାୟକ ହୋଇଥାଏ। ଥରେ ପଥରୀରେ ପୀଡ଼ିତ ହୋଇଥିବା ରୋଗୀଠାରେ ପୁଣିଥରେ ଏହା ହେବାର ସମ୍ଭାବନା ଥାଏ। ତେଣୁ ଏହା ଭଲ ହେବା ପରେ ମଧ୍ୟ ମଝିରେ ମଝିରେ କୋଲଥ ସେବନ କରିବା ଦରକାର।
- କୋଲଥ ଗଛରେ ରହିଛି ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ। ତ୍ୱଚାରେ ତୈଳକୁ ହ୍ରାସ କରିବା ପୁଣି ପରିସ୍ରା ବୃଦ୍ଧି କରିବାର ଗୁଣ ଏହାର ରହିଛି। ଏହା ତରଳ ଝାଡ଼ା, ହେମରେଜ, ହେମୋରଏଡ୍ ପରି ସମସ୍ୟା ଦୂର କରିଥାଏ।
- କୋଲଥକୁ ଖାଦ୍ୟ ରୂପେ ବ୍ୟବହାର କରିବା ଦ୍ୱାରା ଋତୁକାଳୀନ ଯନ୍ତ୍ରଣା ଏବଂ ଲ୍ୟୁକୋରିୟା ପରି ସମସ୍ୟା ଦୂରହୁଏ। ଅନିୟମିତ ଋତୁସ୍ରାବ ହେଉଥିଲେ କୋଲଥର ସୁପ୍ ପ୍ରସ୍ତୁତ କରି ପିଇବା ଦ୍ୱାରା ଲାଭ ମିଳିଥାଏ।
- ଲିଭର ଦୁର୍ବଳ ଥିବା ବ୍ୟକ୍ତି ପାଇଁ ଟୋକଳଥ ଡାଲି ଉପକାରୀ।
- କିଛି କୋଲଥ ନେଇ ପାଣିରେ ସିଝାନ୍ତୁ। ଏହି ପାଣିରେ ସେବନ ଜ୍ୱର ରୋଗକୁ ହ୍ରାସ କରେ।
- କୋଲଥକୁ ଚୂନା କରି ରଖନ୍ତୁ। ସେହି ଚୂନାରୁ ପ୍ରତିଦିନ ଦୁଇ ଚାମଚ ପାଣିରେ ମିଶାଇ ପିଇବା ଦ୍ୱାରା ତ୍ୱଚାରୁ କୁଞ୍ଚନ ଦୂର ହୋଇଥାଏ।
- ନିୟମିତ କୋଲଥ ଡାଲି ଖାଇବା ଦ୍ୱାରା ମେଦ ହ୍ରାସ ଘଟିଥାଏ। ଦୈନିକ ୧୦୦ ଗ୍ରାମର କୋଲଥଡାଲି ଖାଇବା ଦ୍ୱାରା ମାସକ ମଧ୍ୟରେ ମୋଟାପଣ କମିଯାଏ।
- ଗୋଟେ ଲିଟର ପାଣିରେ ୫୦ ଗ୍ରାମ କୋଲଥ ମିଶାଇ ତାକୁ ଭଲ ଭାବେ ଫୁଟାନ୍ତୁ। ପାଣି ମରି ମରି ଯେତେବେଳେ ମାତ୍ର ଏକ ଚତୁର୍ଥାଂଶ ପାଣି ରହିବ ତାକୁ ଓହ୍ଲାଇ ଛାଣି ଦିଅନ୍ତୁ। ଏଥିରେ ଆବଶ୍ୟକତା ଅନୁଯାୟୀ ସୈନ୍ଧବ ଲବଣ ଏବଂ ଅଧଚାମଚ ଶୁଣ୍ଠିଚୂନା ପକାନ୍ତୁ। ଏହାକୁ ପିଇବା ଦ୍ୱାରା ବାତଜ୍ୱରରୁ ଅରାମ ମିଳିଥାଏ।
- ଚିକିତ୍ସା ବିଶେଷଜ୍ଞଙ୍କ ମତରେ ଶ୍ୱାସ ଏବଂ କଫରୋଗରେ କୋଲଥ ସେବନ ଲାଭଦାୟକ ହୋଇଥିଲେ ମଧ୍ୟ ଶ୍ୱାସରୋଗୀର କଫ ଯଦି ଶୁଷ୍କ ହୋଇଯାଏ ତେବେ ଏହା ସେବନ କରିବା ଉଚିତ ନୁହେଁ, କାରଣ ଏହାଦ୍ୱାରା ଅଧିକ କ୍ଷତି ଘଟିଥାଏ। ଗର୍ଭବତୀ ମହିଳାମାନେ କୋଲଥ ନଖାଇବା ଭଲ। ଅତ୍ୟଧିକ ଅମ୍ଳ ପୀଡ଼ିତ ବ୍ୟକ୍ତି କୋଲଥ ନଖାଇବା ଉଚିତ।



# ସ୍ୱାସ୍ଥ୍ୟ ପକ୍ଷେ ହିତ ତାଳି



ଉଚ୍ଚ ରକ୍ତଚାପରୁ ମୁକ୍ତି ପାଇବା ପାଇଁ ପ୍ରତିଦିନ ସାକଳେ ଅଧାଘଂଟା ଲେଖାଏଁ ତାଳି ମାରିବା ଉଚିତ୍।

- ପ୍ରତିଦିନ ତାଳି ମାରିବା ଦ୍ୱାରା ରକ୍ତରେ କୋଲେଷ୍ଟ୍ରଲ ସ୍ତର ହ୍ରାସ ପାଇଥାଏ। ଏପରି କରିବା ଦ୍ୱାରା ହୃଦୟଜନିତ ରୋଗରୁ ମୁକ୍ତି ମିଳିଥାଏ, ଅତ୍ୟଧିକ ଚର୍ବି ହ୍ରାସ ପାଳଇଥାଏ, ମୋଟାପଣ କମ୍ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।
- ତାଳି ମାରିବା ଅଭ୍ୟାସ ରଖିଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଫଳରେ ଥଣ୍ଡା, କାଶ ଓ ଜ୍ୱର ଆଦି ରୋଗରୁ ମୁକ୍ତି ମିଳିଥାଏ।
- ପ୍ରତ୍ୟେହ ତାଳି ମାରିବା ଦ୍ୱାରା ଶରୀରରେ ଅମ୍ଳଜାନ ପ୍ରବାହ ସୁଚାରୁରୂପେ ହୋଇଥାଏ।
- ଏହା କରିବାଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ।
- ରାତିରେ ନିଦ ହେଉ ନାହିଁ, ରାତି ଅନିଦ୍ରା ହେତୁ ବିଭିନ୍ନ ପ୍ରକାରର ରୋଗମାଡ଼ି ବସୁଛି। ଏଥିପାଇଁ ପ୍ରତିଦିନ ତାଳି ମାରିବାର ଅଭ୍ୟାସ ରଖନ୍ତୁ। ଏପରି କରିବା ଦ୍ୱାରା ଶରୀରରେ ଏମିତି କିଛି ହରମୋନ କ୍ଷରିତ ହୋଇଥାଏ, ଯାହା ରାତିରେ ଭଲ ନିଦ ହେବାର ସାହାଯ୍ୟ କରିଥାଏ।
- ଅନେକ ସମୟରେ ମନରେ ବିଭିନ୍ନ ପ୍ରକାର ଚିନ୍ତା ମାଡ଼ିଥାଏ। ଏହି ଚିନ୍ତା ଯୋଗୁଁ ମୁଣ୍ଡବିନ୍ଧା ହୋଇଥାଏ। ଯେତେ ପ୍ରକାର ଔଷଧ ସେବନ କଲେ ଭଲ ହୋଇନଥାଏ। ସେ କ୍ଷେତ୍ରରେ ପ୍ରତିଦିନ ତାଳି ମାରନ୍ତୁ ମୁଣ୍ଡବିନ୍ଧା ରୋଗରୁ ମୁକ୍ତି ପାଇବେ।

# ହଜମ ସମ୍ବନ୍ଧିତ ସମସ୍ୟା ହେବ ଦୂର: ଗଳା ଦରଜ ହେଉଥିଲେ ବି ଔଷଧ ପରି କରିବ କାମ



ଗୁଜୁରାତି ପ୍ରାୟ ସବୁ ଭାରତୀୟ ରୋଷେଇ ଘରେ ମିଳିଥାଏ । ଏହାର ବ୍ୟବହାର ସାଧାରଣତଃ ଲୋକମାନେ ଖାଇବା ବା ଚା'ର ସ୍ୱାଦ ବଢ଼ାଇବା ପାଇଁ ବ୍ୟବହାର କରିଥାନ୍ତି । ଏହି ଦୁଇଟି କାମ ଅପେକ୍ଷା ଗୁଜୁରାତି ଖାଇବା ଦ୍ୱାରା ଶରୀରକୁ ଅନେକ ଫାଇଦା ମିଳିଥାଏ । ଏହାକୁ ଖାଇବା ଦ୍ୱାରା ଅନେକ ଶାରୀରିକ ସମସ୍ୟା ଦୂର ହୋଇଥାଏ । ତେବେ ଆସନ୍ତୁ ଜାଣିବା ଏହାର ଫାଇଦା ବିଷୟରେ। ଗୁଜୁରାତିକୁ ଆପଣ ଏକ ଉତ୍ତମ 'ମାଉଥ୍ ଫ୍ରେସ୍‌ନର' ବୋଲି କହିପାରନ୍ତି। ଦାନ୍ତ ଘଷିବା ପରେ ମଧ କିଛି ଲୋକଙ୍କ ମୁହଁରୁ ଦୁର୍ଗନ୍ଧ ବାହାରିଥାଏ। ଏହାକୁ ଦୂର କରିବା ପାଇଁ ସେମାନେ ବିଭିନ୍ନ ପ୍ରକାରର ମାଉଥ୍ ଫ୍ରେସନର ବ୍ୟବହାର କରିଥାନ୍ତି । କିନ୍ତୁ ସେଥିରୁ ମଧ କୌଣସି ଲାଭ ମିଳି ନ ଥାଏ । ଏତେ ସବୁ କରିବା ଅପେକ୍ଷା ଗୋଟିଏ ଗୁଜୁରାତି ଖାଇ ନିଅନ୍ତୁ । ଯାହାର ଫାଇଦା ଆପଣମାନେ ଜାଣି ପାରିବେ । ଆଜିକାଲି ଲୋକମାନଙ୍କ କ୍ଷେତ୍ରରେ ହଜମ ସମସ୍ୟା ସାଧାରଣ ହୋଇଗଲାଣି । ଏଭଳି ସମସ୍ୟା ଥିଲେ ପ୍ରତିଦିନ ଗୁଜୁରାତି ସେବନ କରନ୍ତୁ । ଏହା ଦ୍ୱାରା ହଜମ ସମ୍ବନ୍ଧିତ ସମସ୍ୟା ଦୂର ହୋଇଥାଏ। ଓଜନ ହ୍ରାସ କରିବା ପାଇଁ ବି ଗୁଜୁରାତି ଖୁବ୍ ଭଲ। ଗଳା ଦରଜ ହେଉଥିଲେ ବା କାଶ ହେଉଥିଲେ ଗରମ ପାଣି ସହିତ ଗୋଟିଏ ଗୁଜୁରାତି, ଖଣ୍ଡେ ଅଦା, ଗୋଟିଏ ଲବଙ୍ଗ ଏବଂ ୩-୪ଟି ତୁଳସୀ ପତ୍ର ଖାଆନ୍ତୁ । ଏପରି କଲେ ଗଳାର ସମସ୍ୟା ଦୂର ହୋଇଥାଏ। ଗୁଜୁରାତି ଖାଇବା ଦ୍ୱାରା ହଜମ ମଧ ଭଲ ହୋଇଥାଏ। ମାତ୍ର ମନେ ରଖନ୍ତୁ ଯେ ଅତ୍ୟଧିକ ଗୁଜୁରାତି ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ।

# ଘରର କେଉଁ ଦିଗରେ ନିର୍ମାଣ କରିବେ ଷ୍ଟୋରରୁମ୍



ଯଦି ଘର ନିର୍ମାଣ କରିବା ସମୟରେ ସଠିକ୍ ସ୍ଥାନରେ ଷ୍ଟୋର ରୁମ୍ କରିନାହାନ୍ତି, ତେବେ ବାସ୍ତୁଦୋଷ ଉତ୍ପନ୍ନ ହେବା ସହିତ ଅନେକ ସମସ୍ୟା ଉପୁଜିପାରେ। ଏହାକୁ ସର୍ବଦା ଧ୍ୟାନରେ ରଖିବା ଉଚିତ ଯେ, ଯଦି ଘରେ କୌଣସି ଅଦରକାରୀ ଜିନିଷ ଅଛି, ତେବେ ତାହାକୁ ସଜାଡ଼ି ଦେଇ ସଠିକ୍ ସ୍ଥାନରେ ରଖନ୍ତୁ। ଅନୁପଯୋଗୀ ବସ୍ତୁଗୁଡ଼ିକ ଘରର ସକାରାତ୍ମକ ଶକ୍ତିକୁ ଦୁର୍ବଳ କରିଥାଏ। ଏସବୁକୁ ଷ୍ଟୋରରୁମ୍‌ରେ ରଖୀବାକୁ ହୁଏ। ତେଣୁ କେଉଁ ଦିଗରେ ଷ୍ଟୋର ରୁମ୍ ରହିବା ଦ୍ୱାରା ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ଏବଂ କେଉଁ ଦିଗ ଏହା ପାଇଁ ଉଚିତ ନୁହେଁ, ସେ ସମ୍ପର୍କରେ କିଛି ବାସ୍ତୁ ନିୟମ ରହିଛି। ବିଭିନ୍ନ ଦିଗରେ ନିର୍ମିତ ଷ୍ଟୋରରୁମ୍ ବିଭିନ୍ନ ପ୍ରଭାବ ପକାଇଥାଏ। ଏ ସମ୍ପର୍କରେ ଆସନ୍ତୁ ଜାଣିବା।

ଉତ୍ତର ଦିଗ ଧନ ଓ ସୁଯୋଗର କ୍ଷେତ୍ର ଅଟେ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ରହିବା ଉଚିତ ନୁହେଁ। ଏହି ଦିଗରେ ଷ୍ଟୋରରୁମ୍ ରହିବା ଦ୍ୱାରା ପରିବାର ସଦସ୍ୟଙ୍କ କ୍ୟାରିୟରର ବିକାଶ ଓ ଧନ ଆଗମନରେ ବାଧକ ସୃଷ୍ଟି ହୋଇଥାଏ।

ଉତ୍ତର-ପୂର୍ବ ଦିଗକୁ ସବୁବେଳେ ଖୋଲା ରଖୀବା ପାଇଁ ନିୟମ ରହିଛି। ଏହି ଦିଗ ବୁଦ୍ଧି ଓ ମାନସିକ ଶକ୍ତି ସହିତ ଜଡ଼ିତ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ନିର୍ମାଣ କରି ଅଦରକାରୀ ଜିନିଷ ରଖୀବା ଦ୍ୱାରା ନକାରାତ୍ମକ ଚିନ୍ତନ, ଦ୍ୱନ୍ଦ୍ୱ ଓ ଅନିଶ୍ଚିତତା ସୃଷ୍ଟି ହୁଏ।

ପୂର୍ବ ଦିଗରେ ମଧ ଷ୍ଟୋରରୁମ୍ ନିର୍ମାଣ କରନ୍ତୁ ନାହିଁ। କାରଣ ଏହା ସ୍ୱାସ୍ଥ୍ୟ ଓ ଚିନ୍ତାଶକ୍ତି ଉପରେ କୁପ୍ରଭାବ ପକାଇଥାଏ। ସମାଜିକ କ୍ଷେତ୍ରରେ ବିକାଶରେ ଏହା ବାଧା ଦେଇଥାଏ। ଅନେକ ଚେଷ୍ଟା ପରେ ବି ବ୍ୟକ୍ତି ସଫଳ ହୋଇପାରିନଥାନ୍ତି।

ଦକ୍ଷିଣ ପୂର୍ବ ଦିଗ ଧନ ଆସିବା ଓ ଖର୍ଚ୍ଚ କରିବା ସହିତ ଜଡ଼ିତ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ରହିବା ଦ୍ୱାରା ଧନ ଆସିବାର ମାର୍ଗ ଅବରୋଧ ହୋଇଥାଏ।

ବାସ୍ତୁ ଶାସ୍ତ୍ର ଅନୁଯାୟୀ ଦକ୍ଷିଣରୁ ପଶ୍ଚିମ ଦିଗ ମଧ୍ୟରେ ଭାରୀବସ୍ତୁ ରଖୀବା ପାଇଁ ନିୟମ ରହିଛି। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ନିର୍ମାଣ କରିବା ସବୁଠାରୁ ଉତ୍କୃଷ୍ଟ। ଏହି ଦିଗରେ ଷ୍ଟୋରରୁମ୍ ନିର୍ମାଣ ହୋଇଥିଲେ ଶକ୍ତି, ଆତ୍ମବିଶ୍ୱାସ ଓ ସୁରକ୍ଷାର ଭାବନା ଆସିଥାଏ। ଅଜଣା ଭୟରୁ ମୁକ୍ତି ଦେବା ସହ ମନକୁ ଶାନ୍ତ ରଖୀଥାଏ।

ପଶ୍ଚିମ ଦିଗରେ ଷ୍ଟୋରରୁମ୍ ନିର୍ମାଣ ମଧ ଉତ୍ତମ ପ୍ରଭାବ ପକାଇଥାଏ। ଏହା ଶିଶୁମାନଙ୍କ କ୍ଷେତ୍ରରେ ସଂସ୍କାରର ମୁଖ୍ୟ ଆଧାର ହୋଇଥାଏ ଏବଂ କ୍ୟାରିୟର ପ୍ରତି ସଜାଗ ରହିବାରେ ସହାୟକ ହୋଇଥାଏ। ଏଠାରେ ଲୁହା ଆଲମାରୀ ଓ ପୁରୁଣା ବାକ୍ସ ଆଦି ରଖୀପାରିବେ। ଉତ୍ତର-ପଶ୍ଚିମ ଦିଗ ସହଯୋଗ ସହିତ ସମ୍ପୃକ୍ତ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ରହିବା ଅତ୍ୟନ୍ତ ଲାଭଦାୟକ। ଏଠାରେ ନିର୍ମିତ ଷ୍ଟୋରରୁମ୍‌ରେ ଯେକୌଣସି ଜିନିଷ ରଖୀହେବ। ଘରର ବାୟବ୍ୟ କୋଣରେ ନିର୍ମିତ ଷ୍ଟୋରରୁମ୍ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସହଯୋଗ ଦେଇଥାଏ।



# ଚାକିରି ମିଳିବା ପରେ

ଆଜିକାଲି ଚାକିରି ମିଳିବା କଷ୍ଟକର ହୋଇପଡ଼ିଲାଣି। ତେଣୁ ଯଦି ବେସରକାରୀ ଚାକିରିଟିଏ ବି ମିଳିଯାଏ, ତେବେ ବହୁତ ଖୁସି ଲାଗେ। ଚାକିରି ମିଳିବା ପରେ ଏହାକୁ ବଜାୟ ରଖିବା ହେଉଛି ଗୁରୁତ୍ୱପୂର୍ଣ୍ଣ। ଚାକିରିକୁ ସୁରକ୍ଷିତ ରଖିବା ପାଇଁ କ'ଣ କରିବା ଆବଶ୍ୟକ।

- କର୍ମକ୍ଷେତ୍ରରେ ସମୟ ଜ୍ଞାନ ରହିବା ନିହାତି ଆବଶ୍ୟକ। ଅଫିସରେ ଠିକ ସର୍ମୟରେ ପହଞ୍ଚନ୍ତୁ। ବିଳମ୍ବରେ ପହଞ୍ଚିବା ଯୋଗୁଁ ବସ କର୍ମଚାରୀଙ୍କ ଉପରେ ବିରକ୍ତ ହୋଇପାରନ୍ତି। ଯାହା ଆପଣଙ୍କ କାର୍ଯ୍ୟ ଦକ୍ଷତାରେ କୁପ୍ରଭାବ ପକାଇପାରେ।
- ଅଫିସରେ ଦିଆଯାଇଥିବା କାମଗୁଡ଼ିକୁ ନିର୍ଭୁଲ ଭାବରେ କରିବାକୁ ଚେଷ୍ଟା କରନ୍ତୁ। ଏପରି କରିବା ଦ୍ୱାରା ବସ ଆପଣଙ୍କ ଉପରେ ଖୁସି ହେବେ। ଯଦି କାମଗୁଡ଼ିକୁ ସତର୍କତାର ସହିତ ନକରି ଭୁଲରେ କରିବେ, ତେବେ କମ୍ପାନୀର ବିଶ୍ୱାସ ତୁଟିଯିବ। ଫଳରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଆପଣଙ୍କୁ ଦିଆଯିବ ନାହିଁ।
- ଅଫିସରେ ସର୍ବଦା ଅନ୍ୟ ସହକର୍ମୀମାନଙ୍କ ସହ ଉତ୍ତମ ବ୍ୟବହାର କରନ୍ତୁ। ଏହାଦ୍ୱାରା ଅଫିସରେ ସମସ୍ତେ ଆପଣଙ୍କ ଉପରେ ଖୁସି ରହିବେ। ଉପରିସ୍ଥ କର୍ମଚାରୀ ଓ ବସ୍ ତୁମ ଉପରେ ବିଶ୍ୱାସ ରଖିବେ। ଏହାଦ୍ୱାରା କାର୍ଯ୍ୟ ଦକ୍ଷତାରେ ଉନ୍ନତି ଆସିବା ସମ୍ଭବ ହେବ।
- ଯଦି ଅଫିସରେ ଆପଣଙ୍କୁ ଆବଶ୍ୟକତା ଠାରୁ ଅଧିକ କାମ ଦିଆଯାଇଥାଏ, ତାହେଲେ ନକାରାତ୍ମକ ଚିନ୍ତା କରନ୍ତୁ ନାହିଁ। ଅଫିସରେ ଯେତେ ଅଧିକ କାମ କରିବେ, ଏହା ଆଗକୁ ବଢ଼ିବାରେ ସହାୟକ ହେବ। ଏହାଦ୍ୱାରା ଭବିଷ୍ୟତରେ ଭଲ ସୁଯୋଗର ସମ୍ଭାବନା ବଢ଼ିଥାଏ।



- ଯଦି ଅଫିସରେ ଅଧିକ କାମର ଚାପ ଥାଏ, ତେବେ ସେହି ସମୟରେ ଆମେ ଅନେକ ଜରୁରି କଥା ଭୁଲିଯାଇଥାଉ। ଏଥିପାଇଁ ନିଜ ପାଖରେ ଏକ ଡାଏରୀ ରଖନ୍ତୁ। ଯଦି ଏମିତି କିଛି ଜରୁରୀ କାମ ଥାଏ, ତେବେ ଡାଏରୀରେ ଲେଖିରଖନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସ୍ୱାସ୍ଥ୍ୟ ଓ ଜୀବନ ବୀମା ଟିକସ ଫାଶରେ ମଣିଷ

ସ୍ୱାସ୍ଥ୍ୟ ଓ ଜୀବନ ବୀମା କରୁଥିବା ଲୋକଙ୍କଠାରୁ ୧୮ ଶତାଂଶ ଜିଏସ୍‌ଟି ଆଦାୟ କରାଯିବା ଯେ ଏକ ନିଷ୍ଠୁର ଓ ଜନବିରୋଧୀ ପଦକ୍ଷେପ, ଏଥିରେ ଦ୍ୱିରୁକ୍ତି ନାହିଁ। ଏହାର ଅର୍ଥ ଯେଉଁମାନେ ଜୀବନର ଅନିଶ୍ଚିତତାକୁ ବିଚାରକୁ ନେଇ ବୀମା କରୁଛନ୍ତି ଓ ନିଜ ପରିବାରର ଭବିଷ୍ୟତର ସୁରକ୍ଷା ଚାହୁଁଛନ୍ତି, ସେମାନଙ୍କଠାରୁ ଚଢ଼ା ହାରରେ ଟିକସ ଆଦାୟ କରାଯାଉଛି। ଶବସତ୍କାର ପାଇଁ ତାହାର ପରିବାରଠାରୁ ଟିକସ ଆଦାୟ କରିବା ଯାହା, ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟବୀମା ଉପରେ ମାତ୍ରାଧିକ ଟିକସ ଲଗାଇ ପକ୍ଷଙ୍କୁ ଦଣ୍ଡିବା ତାହା ସହିତ ସମାନ। କେବଳ ସ୍ୱାସ୍ଥ୍ୟ ଓ ଜୀବନବୀମା ନୁହେଁ, ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଜିଏସ୍‌ଟି ବ୍ୟବସ୍ଥାରେ ମାତ୍ରାଧିକ ଟିକସ ଲାଗୁ କରାଯାଇଛି, ଯେଉଁଥିରୁ ଖାଦ୍ୟ ପଦାର୍ଥ ଓ ଔଷଧପତ୍ର ମଧ୍ୟ ବାଦ ପଡ଼ିନାହିଁ। 'ଏକ ଦେଶ ଏକ ଟିକସ' ନୀତି ପ୍ରବର୍ତ୍ତନ କରିବା ପାଇଁ ୨୦୧୭ ଜୁଲାଇ ପହିଲାରୁ ଭାରତରେ ଜିଏସ୍‌ଟି ଲାଗୁ ହୋଇଛି। ଇତିମଧ୍ୟରେ ସାତବର୍ଷ ପୂରଣ ହୋଇଥିଲେ ମଧ୍ୟ ପ୍ରବର୍ତ୍ତିତ ଜିଏସ୍‌ଟି ସ୍ଲାବ ବା ଶ୍ରେଣୀ ଓ ଟିକସ ବ୍ୟବସ୍ଥାର ସରଳୀକରଣ ଓ ଯୌକ୍ତିକତା (ରେସନାଲାଇଜେସନ) ପ୍ରକ୍ରିୟା ଶେଷ ହୋଇନାହିଁ। ନୂଆ କରି କୌଣସି ବ୍ୟବସ୍ଥା ଆରମ୍ଭ ହେଲେ ସେଥିରେ ଭୁଲ୍ ଭଟକା ରହେ। ତେଣୁ ତାହାକୁ ପର୍ଯ୍ୟାୟକ୍ରମେ ସଂଶୋଧନ ଓ ଯୁକ୍ତିସଂଗତ କରାଯାଏ। ଜିଏସ୍‌ଟିରେ ସେ ବ୍ୟବସ୍ଥା ଥିବା ସତ୍ତ୍ୱେ ଅନେକ ତ୍ରୁଟି ଏଯାଏଁ ଅସମାହିତ। ଏଥିପାଇଁ ଜିଏସ୍‌ଟି ପରିଷଦ ଓ ସରକାରଙ୍କୁ ଦାୟୀ କରାଯିବା ସ୍ୱାଭାବିକ। ଆମେ ଦେଖି ଆସୁଛୁ ଯେ ଓଡ଼ିଶା ସମେତ ଅନେକ ରାଜ୍ୟ ସରକାର ବିଗତ ସାତବର୍ଷ ମଧ୍ୟରେ ଜିଏସ୍‌ଟି ହାରକୁ ଯୁକ୍ତିସଂଗତ କରିବାକୁ ଦାବି ଉଠାଇଥିଲେ ମଧ୍ୟ କେନ୍ଦ୍ର ସରକାର ଏଥିପ୍ରତି ତତ୍ପରତା ପ୍ରକାଶ କରୁନାହିଁ। ଏବେ ଏନ୍‌ଡିଏର ଜଣେ ପ୍ରଭାବଶାଳୀ ନେତା ତଥା କେନ୍ଦ୍ର ସଡ଼କ ଓ ରାଜମାର୍ଗ ବିଭାଗ ମନ୍ତ୍ରୀ ନୀତୀନ କଡ଼କରୀ ସ୍ୱାସ୍ଥ୍ୟ ଓ ଜୀବନ ବୀମା ଉପରେ ଲାଗୁ ହୋଇଥିବା ୧୮ ଶତାଂଶ ଜିଏସ୍‌ଟିକୁ ହ୍ରାସ କରିବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ସେ ସରକାରୀ ଦଳର ମନ୍ତ୍ରୀ ହୋଇଥିବାରୁ ଏ ସମ୍ପର୍କରେ ଦାବି କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ତେଣୁ ସେ ଏହି ପ୍ରସ୍ତାବକୁ ବିଚାର କରିବାକୁ ନିର୍ମଳାଙ୍କୁ ଅନୁରୋଧ ଜଣାଇଛନ୍ତି। ନିଜ ଦଳର ବରିଷ୍ଠ ନେତା ଓ ମନ୍ତ୍ରୀ ଏଭଳି ପ୍ରସଙ୍ଗ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିବା ଘଟଣାରୁ ସୂଚନା ମିଳୁଛି ଯେ ଜିଏସ୍‌ଟିର କିଛି ଟିକସ ହାର ଘେନି ଶାସକଦଳ ମଧ୍ୟରେ ଅସନ୍ତୋଷ ରହିଛି। ରହିବା ମଧ୍ୟ ସ୍ୱାଭାବିକ। ଯେଉଁ ନିଷ୍ପତ୍ତି ବା ପଦକ୍ଷେପ ଜନବିରୋଧୀ, ସେ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇବ। ତେଣୁ ସିଧା ହେଉ ବା ବଙ୍କା ସେ ବିଷୟରେ ପ୍ରସଙ୍ଗ ଉତ୍ଥାପନ କରିବାକୁ ବିବେକୀ ଜନପ୍ରତିନିଧି କେବେ କୁଣ୍ଠାବୋଧ କରିବେ ନାହିଁ। ସେମାନେ ନିଜର ମନର କଥା ଭିନ୍ନ ଆକାରରେ ଜଣାଇଦେବେ। ଗଡ଼କରୀ ଏ ନେଇ ଯେଉଁ କଥା କହିଛନ୍ତି, ତାହା ତାଙ୍କ ନିର୍ବାଚନମଣ୍ଡଳୀ ନାଗପୁରର ଜୀବନବୀମା ଓ ସ୍ୱାସ୍ଥ୍ୟବୀମା ସଂଘର ଦାବି ଉପରେ ଆଧାରିତ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଯେ ଗଡ଼କରୀଙ୍କ କଥାକୁ ଗ୍ରହଣ କରିନେବେ ସେ ସମ୍ଭାବନା କମ୍ ଦିଶୁଛି। ୨୦୧୬ରେ ସମ୍ବିଧାନର ୧୦୧ ତମ ସଂଶୋଧନ କରାଯାଇ ଜିଏସ୍‌ଟି ପ୍ରବର୍ତ୍ତନ ବ୍ୟବସ୍ଥା ସାରା ଦେଶ ପାଇଁ କରାଗଲା। ତେବେ ଜିଏସ୍‌ଟି ସମ୍ପର୍କରେ ଆଇନ ପ୍ରଣୟନର ଅଧିକାର କେନ୍ଦ୍ର ସରକାର (ସଂସଦ)ଙ୍କର ରହିଥିବାରୁ ଜିଏସ୍‌ଟି ପରିଷଦର ସୁପାରିସ ଅନୁସାରେ ଭାରତ ସରକାର ଏ କ୍ଷେତ୍ରରେ କୌଣସି ପରିବର୍ତ୍ତନ କରିପାରିବେ। ତେଣୁ ଯେ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଟିକସ ପ୍ରସଙ୍ଗରେ ଜିଏସ୍‌ଟି ପରିଷଦ କିଛି ସୁପାରିସ ନ କରିଛି, ସେ ଯାଏଁ କେନ୍ଦ୍ର ସରକାର କିଛି କରିପାରିବେ ନାହିଁ। ଜିଏସ୍‌ଟି ବ୍ୟବସ୍ଥାରେ କୌଣସି ସ୍ଲାବ ବା ସାମଗ୍ରୀର ଟିକସ ହାର ପରିବର୍ତ୍ତନ ନିମନ୍ତେ ରାଜ୍ୟମାନଙ୍କର ଏକ ଅର୍ଥମନ୍ତ୍ରୀସ୍ତରୀୟ ଗୋଷ୍ଠୀ ଅଧିକୃତ। ଏବେ ବିହାରର ଉପମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ସମ୍ରାଟ ଚୌଧୁରୀ ଏହି କମିଟିର ଅଧ୍ୟକ୍ଷ ଅଛନ୍ତି। ସେ ଗଡ଼କରୀଙ୍କ ପ୍ରସ୍ତାବ ଉପରେ ପରିଷଦରେ କି ରିପୋର୍ଟ ଉପସ୍ଥାପନ କରିବେ, ତାହା ଉପରେ ଅନେକ କଥା ନିର୍ଭର କରୁଛି। ଆଶା କରାଯାଉଛି ଯେ ଚଳିତ ଅଗଷ୍ଟରେ ହେବାକୁ ଥିବା ଜିଏସ୍‌ଟି ପରିଷଦର ପରବର୍ତ୍ତୀ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇପାରେ। ଜିଏସ୍‌ଟି ପ୍ରବର୍ତ୍ତନ ଫଳରେ ଯେଉଁ ତିନି ପ୍ରକାର ଟିକସ ସଂଗ୍ରହ ବ୍ୟବସ୍ଥା କରାଯାଇଛି, ସେଥିରେ ପ୍ରଦେଶମାନଙ୍କର ଟିକସ ପ୍ରବର୍ତ୍ତନ କ୍ଷମତା ସମ୍ପୂର୍ଣ୍ଣ ସଂକୁଚିତ। କେନ୍ଦ୍ରୀୟ ଜିଏସ୍‌ଟି ଟିକସ କେନ୍ଦ୍ର ସରକାର ନେଉଥିବା ବେଳେ ରାଜ୍ୟ ଜିଏସ୍‌ଟି ଟିକସ ରାଜ୍ୟମାନେ ପାଉଛନ୍ତି। ସମନ୍ୱିତ ଟିକସରୁ ଲବ୍ଧ ଅର୍ଥ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ଆବଣ୍ଟିତ ହେଉଛି। ଅନ୍ୟ ଗୋଟିଏ ସ୍ଲାବରେ ଶୂନ ଟିକସ ବିଶିଷ୍ଟ ସାମଗ୍ରୀ ଓ ସେବା ରହିଛି। ସରକାର ଦାବି କରୁଛନ୍ତି ଯେ ଜିଏସ୍‌ଟି ପ୍ରବର୍ତ୍ତନ ପରେ ଦେଶରେ ସାମଗ୍ରୀ ଓ ସେବା ଶସ୍ତା ହୋଇଛି। ବିଗତ ସାତବର୍ଷ ଧରି ଜିଏସ୍‌ଟି ସ୍ଲାବ ଓ ଟିକସକୁ ଯୁକ୍ତିସଂଗତ କରିବାକୁ ଚାଲିଥିବା ପ୍ରୟାସ ଅତ୍ୟନ୍ତ ମନ୍ଥର ଓ ଜନବିରୋଧୀ। ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଯେଉଁଠି ଟିକସ ହାର ଅତି ସ୍ୱଳ୍ପ ବା ଶୂନ ରହିବା କଥା ତାହା ହେଉ ନାହିଁ। ଓଡ଼ିଶାର କେନ୍ଦୁପତ୍ର ତୋଳାଳି ଜିଏସ୍‌ଟି ଦେଉଛନ୍ତି। ଭୋଗ ଦୋକାନ ଉପରେ ଚଢ଼ା ଟିକସ ଲାଗୁଛି। ଜୀବନ ବୀମା, ସ୍ୱାସ୍ଥ୍ୟବୀମା, ଔଷଧ ଓ କେତେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଖାଦ୍ୟ ଉପରେ ଉଚ୍ଚ ଜିଏସ୍‌ଟି ଲାଗୁ କରାଯାଇଛି। ଟିକସ ପ୍ରଗତିଶୀଳ, ଜନକଲ୍ୟାଣକାରୀ ଓ ଯୁକ୍ତିଯୁକ୍ତ ହେବା ଉଚିତ। ଆମେ ଭାବୁଛୁ ଜିଏସ୍‌ଟି ଏ କ୍ଷେତ୍ରରେ ଏଯାଏଁ ସଫଳ ହୋଇନାହିଁ। କୁହାଯାଏ ଟିକସ ଓ ମୃତ୍ୟୁ ସଂସାରରେ ଦୁଇଟି ଅନିବାର୍ଯ୍ୟ ବିଷୟ। ଭାରତ ଉଭୟର 'କୟୋ' ଅବତାର ପ୍ରଚଳନ କରିଛନ୍ତି କହିଲେ ଭୁଲ ହେବ ନାହିଁ।



# ଜୀଇଁବା ପାଇଁ ସାଥୀଟିଏ ଲୋଡ଼ା

## ମୀରା ବେଉରା

> 'ମରଣଶୀଳ ମଣିଷଠାରୁ ଜଣେ ଯାହା ପାଏ ସେ ଅନ୍ୟ ଆଉ କେଉଁଠାରୁ ପାଏ ନାହିଁ। ବନ୍ଧୁତାଠାରୁ ପ୍ରୀତିପଦ ପଦାର୍ଥ ଏ ଦୁନିଆରେ ଆଉ କିଛି ନାହିଁ।'

ଦାସତ୍ୱପ୍ରଥା ଭଳି ଘୃଣ୍ୟ ପ୍ରଥାର ଉଚ୍ଛେଦପାଇଁ ଯେତେବେଳେ ଆମେରିକାରେ ଗୃହଯୁଦ୍ଧ ହୋଇଥିଲା, ଠିକ୍ ସେହି ସମୟରେ ଆଶାୟୀ ରାଷ୍ଟ୍ରପତିମାନଙ୍କର ଯୋଗ୍ୟତା ବିଷୟରେ ଆଲୋଚନା କରାଯାଇଥିଲା। ଆବ୍ରାହମ୍ ଲିଙ୍କନ୍‌ଙ୍କ କଥା ଯେତେବେଳେ ଉଠିଥିଲା, ସମସ୍ତେ କହିଲେ ଯଦିଓ ତାଙ୍କର କୌଣସି ଯୋଗ୍ୟତା ନାହିଁ, କିନ୍ତୁ ତାଙ୍କର ଗୁଡ଼ାଏ ବନ୍ଧୁ ଅଛନ୍ତି। ବନ୍ଧୁଗଣ ! ଏକଥା ସତ୍ୟ ଯେ ଲିଙ୍କନ୍ ଅତ୍ୟନ୍ତ ଗରିବ ଥିଲେ। ସେ ଯେତେବେଳେ ରାଜ୍ୟର ବିଧାୟକ ହେଲେ ଟଙ୍କା ଧାର କରି ଆଣି ଗୋଟିଏ ସୁଟ କିଣି ପିନ୍ଧିଥିଲେ । ଏବଂ ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଯେ ୧୦୦ ମାଇଲ ବାଟ ପାଦରେ ଚାଲି ଚାଲି ଯାଇ ବିଧାନସଭାରେ ସେ ପହଂଚିଥିଲେ। ଯେତେବେଳେ ସେ ଆମେରିକାର ରାଷ୍ଟ୍ରପତି ହେଲେ ୧୯୬୧ ମସିହାରେ ୱାସିଙ୍ଗଟନ୍ ରାଷ୍ଟ୍ରପତି ଭବନକୁ ତାଙ୍କ ପରିବାରକୁ ନେବାପାଇଁ ସେ ଟଙ୍କା ଧାର କରି ଯାଇଥିଲେ। ଯିବାପାଇଁ ମଧ୍ୟ ତାଙ୍କର ଅର୍ଥ ନଥିଲା। କେବଳ ବନ୍ଧୁତା ହିଁ ଥିଲା ତାଙ୍କର ଶ୍ରେଷ୍ଠ ସମ୍ପତ୍ତି। ବନ୍ଧୁଗଣ ! ଏହି ପ୍ରସଂଗ ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ବନ୍ଧୁତା ହିଁ ପ୍ରକୃତରେ ଆମର ଶ୍ରେଷ୍ଠ ସମ୍ବଳ।

ଆଜି ବସ୍ତୁବାଦର କ୍ଷୁଧା ଆଧୁନିକ ମଣିଷର ଚିନ୍ତାଧାରାକୁ ଅତିମାତ୍ରାରେ ଗ୍ରାସ କରିଛି ଫଳରେ ଧିରେ ଧିରେ ଧନ ପ୍ରାଚୁର୍ଯ୍ୟ ମଧ୍ୟରେ ଥାଇ ମଧ୍ୟ ଆମେ ବନ୍ଧୁତ୍ୱହୀନ ହୋଇ ଦୁଃଖ ଦୁର୍ଦ୍ଦଶାକୁ ନିମନ୍ତ୍ରଣ କରି ଦିନକୁ ଦିନ ଦୁଃଖୀ ହୋଇ ଯାଉଛୁ। ବହୁ ମୂଲ୍ୟବାନ ମାନବିକ ଗୁଣକୁ ହରାଇ ଧନ ସଂପତ୍ତି ଓ ସଫଳତା ମୋହରେ ପଡ଼ି କୃତ୍ରିମ ସୁଖ ପଛରେ ପଡ଼ିଛୁ। ପ୍ରକୃତରେ କହିବାକୁ ଗଲେ ବନ୍ଧୁ ହିଁ ଆମକୁ ଆନନ୍ଦ ଦିଏ। କହିବା ବାହୁଲ୍ୟ ଯେ ଆଜି ସୋସିଆଲ ମେଡିଆରେ ଆମର ହଜାର ହଜାର ଲକ୍ଷ ଲକ୍ଷ ଶହ ଶହ ବନ୍ଧୁ ଅଛନ୍ତି କିନ୍ତୁ ଦୁଃଖର କଥା ବିପଦରେ କେହି ମଧ୍ୟ ଆମକୁ ଆହା ପଦେ କହିବାକୁ ଆମ ପାଖରେ ନଥାଆନ୍ତି।

ଜୀବନର ଚଲାପଥରେ ଯେତେବେଳେ କଂଟା ଫୁଟି ପାଦରେ ରକ୍ତପାତ ହୁଏ, ଜୀବନ ଯୁଦ୍ଧରେ ଆମେ ହାରିଯାଇ ଛାତିରେ ଯନ୍ତ୍ରଣା ଅନୁଭବ ହୁଏ, ଯେତେବେଳେ ଆମକୁ ଆହା ପଦେ କହିବାକୁ ମଧ୍ୟ ଆମ ପାଖରେ କେହି ନଥାନ୍ତି। ଚତୁର୍ଦ୍ଦିଗ ଅନ୍ଧକାର ଦେଖାଯାଏ; ଠିକ୍ ମନ ସେତିକି ବେଳେ ଖୋଜୁଥାଏ ଏକ ଦରଦୀ ବନ୍ଧୁ; ଠିକ୍ କୃଷ୍ଣ-ସୁଦାମା ଭଳି। ଯିଏ ବନ୍ଧୁର ମୁଖ ଦର୍ଶନ କରି ବନ୍ଧୁର ଦୁଃଖକୁ ଆପେ ଆପେ ବୁଝିଯାଏ। କଥାରେ ଅଛି 'ବନ୍ଧୁ ଦିଏ ବଳ, ନଦୀ ଦିଏ ଥଳ'। ହଁ ବନ୍ଧୁଗଣ ! ଜଣେ ବନ୍ଧୁ ସବୁବେଳେ ଛାଇପରି ପାଖେ ପାଖେ ଥାଏ। ଆମ ଅନୁପସ୍ଥିତିରେ ଯଦି ଆମ ବିରୁଦ୍ଧରେ କିଛି କହେ, ସେ ତାର ପ୍ରତିବାଦ କରେ। ରବର ପରି ଆମ ପଛେ ପଛେ ରହି ଆମ ଭୁଲକୁ ସୁଧାରି ନିଏ। ଆମକୁ ସଫଳ କରି ଲକ୍ଷ୍ୟ ସ୍ଥଳରେ ପହଁଚେଇବା ପାଇଁ ସହଯୋଗ କରେ। ଆମ ଅସୁବିଧାରେ ଆମକୁ ସାହାଯ୍ୟ କରେ ବିନା ସ୍ୱାର୍ଥରେ। ସେ କେବଳ ଆମର ପ୍ରଶଂସା ନକରି ଆମ ଦୁର୍ବଳତା, ଆମ ଅସଂଗତ ବ୍ୟବହାରକୁ ସଂଶୋଧନ କରି ଆମକୁ ବାଟକୁ ଆଣିଥାଏ। ହଁ ବନ୍ଧୁଗଣ ! ଏକଥା ସତ ଯେ ଜଣେ ଭରସାଯୋଗ୍ୟ ବନ୍ଧୁଠାରୁ ଏ ପୃଥିବୀରେ ଆଉ କୌଣସି ପବିତ୍ର ମୂଲ୍ୟବାନ ପଦାର୍ଥ ନାହିଁ। ବହୁ ଦୂରରେ ଥିଲେ ମଧ୍ୟ ଯିଏ ଆମ ମନକୁ ପଢ଼ିପାରେ ସେ ହିଁ ହେଉଛି ପ୍ରକୃତ ବନ୍ଧୁ। ସେ ପୁଣି ଆମର ବଦଭ୍ୟାସକୁ ପରିବର୍ତ୍ତନ କରେ। ଭକ୍ତକବି ମଧୁସୂଦନ ରାଓ ତାଙ୍କ କବିତାରେ ସେଇଥିପାଇଁ ଲେଖିଥିଲେ,

> 'କାହିଁ ବନ୍ଧୁତା କାହିଁ
> ପ୍ରେମ ସୁନ୍ଦର
> ଯାର ପ୍ରାପତି ଯୋଗୁଁ
> ଦେବତା ନର ।।'

ଜୀବନ ସଂଘର୍ଷରେ ଆମେ ଯେତେବେଳେ ଯୁଦ୍ଧ କରି ହାରିଯାଉ ଆଉ ଶେଷରେ ଆତ୍ମହତ୍ୟା କରିବାକୁ ମଧ୍ୟ ପଶ୍ଚାତପଦ ହେଉନଥାଉ, ସେହି ବନ୍ଧୁହିଁ ତାର ମିଠା ମିଠା କଥାରେ ଆମ ହୃଦୟରେ ଆତ୍ମବଳ ଓ ଆତ୍ମବିଶ୍ୱାସ ଜାଗ୍ରତ କରେ। ବନ୍ଧୁର ହାତ ସ୍ପର୍ଶ ଉତ୍ସାହର କଂପନ, ବନ୍ଧୁଙ୍କ ବିଶ୍ୱାସ ଏକ ଶାଶ୍ୱତ ଉଦ୍ଦୀପକ। ତାଙ୍କର ଉପଦେଶ ଓ ସହାନୁଭୂତି ଜୀବନର ମୋଡ଼ ବଦଳାଇଦିଏ।

ପାଖରେ ଯଦି ଭଲ ବନ୍ଧୁ ଥାଏ ଆମେ ହସି ହସି ସବୁ ଦୁଃଖ ନିର୍ଯ୍ୟାତନା ଯନ୍ତ୍ରଣାକୁ ସହି ଯାଉ। ବଡ଼ ଦୁଃଖର କଥା ଏଭଳି ବନ୍ଧୁ ବହୁତ କମ୍ ଦେଖାଯାଆନ୍ତି। ସିଡ଼ନ ସ୍ମିଥ କୁହନ୍ତି, 'ବନ୍ଧୁତା ଦ୍ୱାରା ଜୀବନ ସୁଦୃଢ଼ ଓ ସୁଗନ୍ଧିତ ହୁଏ। ସତ କହିବାକୁ ଗଲେ ଅନ୍ୟକୁ ଭଲ ପାଇବା ଏବଂ ଅନ୍ୟମାନେ ତୁମକୁ ଭଲ ପାଇବା ହେଉଛି ବଂଚିବାର ସର୍ବୋତ୍ତମ ସୁଖ। ଜୀବନରେ ବନ୍ଧୁମାନେ ହେଉଛନ୍ତି ଏକ ପ୍ରକାର ପୁଂଜି, ଯାହାକୁ ନେଇ ଆମେ ଜୀବନରେ ସଫଳତା ପାଇ ପାରିବା। ଆମେ ଆଜି ସମସ୍ତେ ଅର୍ଥ ଓ ସଫଳତା ପଛରେ ଧାଇଁ ଧାଇଁ ଅଣନିଃଶ୍ୱାସୀ ହୋଇ ଯାଇଛୁ। ସତ କହିବାକୁ ଗଲେ ଏହି ସଫଳତା ଓ ଖୁସି ବାଂଟିବାପାଇଁ ଶେଷରେ ଆମେ ଗୋଟିଏ ବନ୍ଧୁର ଆବଶ୍ୟକତାକୁ ଭୁଲିଯାଉ। ଯଦି ବନ୍ଧୁଟିଏ ନଥିବ ତେବେ ଆମେ କାହା ସହିତ ଏତେ ସଫଳତା ବାଂଟିବା ? ବନ୍ଧୁହୀନ ସଫଳତା ସଫଳତା ନୁହେଁ। ବନ୍ଧୁ ବିହୀନ ଜୀବନ ମରୁଭୂମି ଓ ସୀମାହୀନ ସାଗର ପରି। ବନ୍ଧୁଟିଏ ଥିଲେ ଆମେ ସବୁ ବାଧାବିଘ୍ନକୁ ଅତି ସୁନ୍ଦର ଭାବେ ଅତିକ୍ରମ କରି ଆନନ୍ଦକୁ ଉପଲବ୍ଧ କରି ପାରିବା। ସେହି ବନ୍ଧୁତା ପୁଣି ଭାଗ୍ୟ ନିର୍ଦ୍ଧାରଣ କରେ। ସି. ସି. କୋଲ୍ଟନ ମଧ୍ୟ କହିଛନ୍ତି ଯେ, 'ପ୍ରକୃତ ବନ୍ଧୁତା ସୁନ୍ଦର ସ୍ୱାସ୍ଥ୍ୟ ପରି, ଯାହା ମୃତ୍ୟୁ ପର୍ଯ୍ୟନ୍ତ ଚିରସ୍ଥାୟୀ।

ଆମ ସମାଜରେ ଏଭଳି ବନ୍ଧୁ ମଧ୍ୟ ଅଛନ୍ତି ଯାହାକୁ ଆମେ ଫେୟାର ୱେଦର ବନ୍ଧୁ ବୋଲି କହିଥାଉ। ଯେଉଁମାନେ କି ବନ୍ଧୁଙ୍କୁ ଉପରକୁ ଉଠାଇବା ପରିବର୍ତ୍ତେ ତଳକୁ ଟାଣିଥାନ୍ତି। ଏ ପୃଥିବୀରେ ବନ୍ଧୁତାଠାରୁ ଆଉ ମୂଲ୍ୟବାନ ସଂପତ୍ତି କିଛି ନାହିଁ। ଏଭଳି ଉଦାହରଣ ମଧ୍ୟ ଅଛି ଯେ ବହୁ କୋଟିପତି ଅଜସ୍ର ଟଙ୍କା ଦାନ କରି ବନ୍ଧୁ ଅର୍ଜନ କରିଥାନ୍ତି। ପୁଣି ଧନ କମାଇବା ଲୋଭରେ ଆମେ ବେଳେବେଳେ ବନ୍ଧୁଙ୍କୁ ମଧ୍ୟ ହରାଇଥାଉ। ଥରେ ଏପରି ଦେଖାଗଲା ଯେ ଆମେରିକାର ଗୋଟିଏ ଶବ ସଂସ୍କାରରେ ମାତ୍ର ଅଧଡଜନ ଲୋକଙ୍କୁ ଦେଖାଗଲା ମାତ୍ର ସ୍ୱଳ୍ପଧନ ତଥା ସ୍ୱଳ୍ପ ସଂପତ୍ତି ଥିବା ଲୋକଙ୍କ ଶବଧାରରେ ଏତେ ଲୋକ ଆସିଥିଲେ ଯେ ଛିଡ଼ା ହେବାପାଇଁ ଚର୍ଚ୍ଚରେ ଯାଗାଟିଏ ମଧ୍ୟ ନଥିଲା। ଆମ ଶାସ୍ତ୍ରରେ ମଧ୍ୟ ବନ୍ଧୁତ୍ୱର ସଂଜ୍ଞା ନିର୍ଦ୍ଧାରଣ କରି କୁହାଯାଇଛି,-

> 'ଉତ୍ସବେ ବ୍ୟସନେ ଚୈବ
> ଦୁର୍ଭିକ୍ଷେ ରାଷ୍ଟ୍ର ବିପ୍ଲବେ
> ରାଜଦ୍ୱାରେ ଶ୍ମଶାନେ ଚ ଯଃ
> ତିଷ୍ଠନ୍ତି ସଃ ବାନ୍ଧବଃ ।।'

ଅର୍ଥାତ୍ ଉତ୍ସବରେ ବ୍ୟସନରେ ଦୁର୍ଭିକ୍ଷ ସମୟରେ ତଥା ରାଜଦ୍ୱାରରେ ଶ୍ମଶାନରେ ଯିଏ ଦେଖା ଦିଏ, ସିଏ ହିଁ ପ୍ରକୃତ ବନ୍ଧୁ। ଆଜି ବନ୍ଧୁତାକୁ ନେଇ ବ୍ୟବସାୟୀକରଣ ହୋଇଛି। ଯେଉଁ ବନ୍ଧୁ କେବଳ ସଂପଦ ସମୟରେ ଥାଏ ଆଉ ବିପଦରେ ଦେଖାଦିଏ ନାହିଁ ସେ ପ୍ରକୃତରେ ବନ୍ଧୁ ପଦବାଚ୍ୟ ନୁହେଁ।

ଆମେରିକାର ରାଷ୍ଟ୍ରପତି କୁହନ୍ତି ପ୍ରକୃତ ବନ୍ଧୁତା ଏକ ଚାରାଗଛପରି ଯିଏ ଧୀରେ ଧୀରେ ବଢ଼େ ଏବଂ ସବୁ ଘାତ ପ୍ରତିଘାତ ସହି ମହାଦ୍ରୁମରେ ପରିଣତ ହୁଏ।

ଇଂରାଜୀରେ ମଧ୍ୟ ଗୋଟିଏ ପ୍ରବାଦ ଅଛି। **"Never borrow never lend if you want to keep your friend"** ଅର୍ଥାତ ବନ୍ଧୁତା ରଖିବାକୁ ହେଲେ ତାଙ୍କଠାରୁ ଧାର ନିଅ ନାହିଁ କି କରଜ କରନାହିଁ। ଆମ ସମାଜରେ ଏପରି ଲୋକ ମଧ୍ୟ ଅଛନ୍ତି ଯେ ବହୁତ ବନ୍ଧୁ ତିଆରି କରି ସେମାନଙ୍କୁ ସିଡ଼ି ରୂପେ ବ୍ୟବହାର କରି ନିଜର ଲକ୍ଷ୍ୟ ପୂରଣ ହୋଇଗଲା ପରେ ବନ୍ଧୁଙ୍କୁ ଗୋଇଠା ମାରି ତଳେ ପକାଇବାକୁ ମଧ୍ୟ ଭୁଲନ୍ତି ନାହିଁ। ଯେମିତି ଆମ ଓଡ଼ିଆରେ ଗୋଟିଏ ଢଗ ଅଛି : 'ମଦ ଘଡ଼ା; କାମ ସରିଗଲେ ଗଡ଼ଗଡ଼ା।' ତେଣୁ ସ୍ୱାର୍ଥ କୈନ୍ଦ୍ରିକ ବନ୍ଧୁତା ପ୍ରକୃତ ବନ୍ଧୁତା ନୁହେଁ। ରୋମର ଜଣେ ବକ୍ତା ଓ ରାଜନେତା ସିସେରୋ କହନ୍ତି- 'ମରଣଶୀଳ ମଣିଷଠାରୁ ଜଣେ ଯାହା ପାଏ ସେ ଅନ୍ୟ ଆଉ କେଉଁଠାରୁ ପାଏ ନାହିଁ। ବନ୍ଧୁତାଠାରୁ ପ୍ରୀତିପଦ ପଦାର୍ଥ ଏ ଦୁନିଆରେ ଆଉ କିଛି ନାହିଁ।'

ବନ୍ଧୁତା ଅମୂଲ୍ୟ, ବିଶାଳହୃଦୟ, ଉଦାରଚରିତ୍ର ଓ ସାଧୁତା, ସତ୍ୟ ଉପରେ ପର୍ଯ୍ୟବସିତ। ବନ୍ଧୁତା ନଥାଏ ଛଳନାରେ, ନଥାଏ ପ୍ରବଂଚନାରେ, ନଥାଏ ସ୍ୱାର୍ଥପରତାରେ। ନିର୍ଦ୍ଦୟ, ଅସହିଷ୍ଣୁ, ସହୃଦୟତାହୀନ, ସଂକୀର୍ଣ୍ଣତାମନା, ଧର୍ମାନ୍ଧ, ସହାନୁଭୂତିହୀନ ବ୍ୟକ୍ତି କେବେ କାହାର ଉ ମ ବନ୍ଧୁ ହୋଇ ପାରିବନାହିଁ। ରେଭରେଣ୍ଡ ମିନୋଟ ଜେ ସାଭେଜ୍ କହନ୍ତି, 'ଯଦି ନର୍କରେ ମୋର ଅନ୍ତରଙ୍ଗ ବନ୍ଧୁ ଜଣେ ଥାଆନ୍ତି ତେବେ ମୁଁ ନର୍କକୁ ଯିବି, କିନ୍ତୁ ବନ୍ଧୁ ନଥିଲେ ସ୍ୱର୍ଗକୁ ଯିବାକୁ ମଧ୍ୟ ମୁଁ ମନା କରିଦେବି।' ଭଲ ବନ୍ଧୁ ଆମର ଛାଇ ପରି। ଆମେ ସୂର୍ଯ୍ୟାଲୋକରେ ଗଲା ବେଳେ ଆମର ଛାଇପରି ଆମକୁ ଅନୁସରଣ କରିଥାନ୍ତି।

ଶେଷରେ ଏତିକି କୁହାଯାଇପାରେ ଯେ ବନ୍ଧୁତା ହିଁ ଏକ ପବିତ୍ର ସଂପର୍କ ଯାହାକୁ ନେଇ ଆମେ ବଂଚିବା ସହଜ ହୋଇଥାଏ। ବନ୍ଧୁ ଅର୍ଜନ କରିବାର କୌଶଳ ଓ କଳା ଆମେ ସମସ୍ତେ ଶିକ୍ଷାଲାଭ କରିବା ଆବଶ୍ୟକ। ବନ୍ଧୁହୀନ ଦୁନିଆ ବଂଚିବା ଆମ ପକ୍ଷେ ବହୁତ କଷ୍ଟକର ହୋଇଯାଏ। ପ୍ରକୃତ ବନ୍ଧୁତାରେ ଉଦ୍ଦେଶ୍ୟ ନଥାଏ, ଆବିଳତା ନଥାଏ, କପଟତା ନଥାଏ, ଛଳନା ନଥାଏ, ଦେଣ ନେଣ, ହିସାବ-ନିକାଶର ତଉଲ ନଥାଏ। ପ୍ରକୃତ ବନ୍ଧୁତାରେ ଥାଏ ପ୍ରତିଶ୍ରୁତିବଦ୍ଧତା, ନିଃସ୍ୱାର୍ଥପରତା ଓ ସର୍ବୋପରି ବଂଚିବାର ସନ୍ଧି, ସମାସ ଓ ସଂଜୀବନୀ।

+ ରଘୁନାଥଜୀଉ ମହାବିଦ୍ୟାଳୟ
ଦେଉଳସାହି, କଟକ
(ମୋ) ୭୮୪୬୯୨୧୪୦୦

# ଗୁଜବ ପ୍ରଘଟ କରନ୍ତୁ ନାହିଁ

## ଦିପ୍ତିମୟୀ ନାୟକ

ବିଶ୍ୱାସ ମୂଳରେ ଭଗବାନ ଥାଆନ୍ତି ବୋଲି ଅନେକ ଲୋକ କୁହନ୍ତି କିନ୍ତୁ ସେମାନେ ଜାଣିନଥାନ୍ତି ଭଗବାନଙ୍କ ନାଁ ନେଇ କିଛି ଲୋକ ଲୋକଙ୍କ ଭାବାବେଗ ସହ ଖେଳନ୍ତି । ତେବେ ରାତି ପାହିଲେ ନିଜର ସୋସିଆଲ ମିଡ଼ିଆ ଆକାଉ ଗୁଡିକୁ ଖୋଲିଦେଲେ ଏମିତି ଲାଗେ ଯେମିତି ସତରେ ଲୋକଙ୍କୁ ବୋକା ବନେଇବା ପାଇଁ ଏଠି କିଏ କେତେ ଲୋକଙ୍କ ଭାବାବେଗ ସହ ଖେଳୁଛନ୍ତି । ହେଲେ ଆମ ଲୋକ ବିଶ୍ୱାସ ମୂଳରେ ଭଗବାନ କହି ବୋକା ବନିଚାଲିଛନ୍ତି ।

ଅନେକ ଲୋକଙ୍କର ଅନେକ ଗୁଡ଼ିଏ ସମସ୍ୟା ଥାଏ । କିଏ ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗୁଥାଏ ତ ଆଉ କିଏ ନିଜ ଜୀବନର କିଛି ସମସ୍ୟା ଭିତରୁ ମୁକୁଳିବାକୁ ଚାହୁଁଥାଏ ତ ପୁଣି କିଏ କିଛି ପାଇବାକୁ ଆଶା କରିଥାଏ । ଆଉ ଏସବୁ କେମିତି ସମାଧାନ ହେବ ସେଥିରେ ମୁଣ୍ଡ ନଖେଳେଇ ଆଜିକାଲିର କିଛି ଲୋକ ଗୁଜବ କଥାରେ ମୁଣ୍ଡ ଖେଳେଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯେଉଁ ସମସ୍ୟା ଗୁଡିକୁ ସେମାନେ ନିଜେ ସମାଧାନ କରିପାରିବେ ସେହିମାନେ ହିଁ ଗୁଜବ କଥାକୁ ବିଶ୍ୱାସ କରି ସେହି ସମସ୍ୟା ଗୁଡିକରେ ଛନ୍ଦି ହୋଇଯାଇଥାନ୍ତି । ଯେମିତିକି ଅନେକ ଦିନରୁ ସୋସିଆଲ ମିଡିଆରେ ଘୁରିବୁଲୁଛି ଏହି ପୋଷ୍ଟଟିକୁ ୨୧ ଜଣଙ୍କୁ ସେୟାର କରନ୍ତୁ ଆପଣଙ୍କ ସବୁ ମନସ୍କାମନା ପୂରଣ ହେବ । ଆପଣଙ୍କ ବାପା ମା'ଙ୍କୁ ଯଦି ଆପଣ ସତରେ ଭଲ ପାଉଥିବେ ତେବେ ଆପଣ ଏହି ପୋଷ୍ଟଟିକୁ ଅଧିକରୁ ଅଧିକ ସେୟାର କରିବେ । ଯଦି ଆପଣଙ୍କର ବ୍ରେକଅପ ହୋଇଛି ତେବେ ଏହାକୁ ସେୟାର କରନ୍ତୁ ଆପଣଙ୍କ ଜୀବନସାଥି ଆପଣଙ୍କ ପାଖକୁ ଚାଲିଆସିବ । ଯଦି ଆପଣ କୌଣସି ରୋଗରେ ପୀଡିତ ଅଛନ୍ତି ତେବେ ଏହି ପୋଷ୍ଟକୁ ସେୟାର କରନ୍ତୁ । ଯଦି ଆପଣ ଜୀବନରେ ସଫଳତା ପାଇବାକୁ ଚାହୁଁଛନ୍ତି ତେବେ ଏହାକୁ ସେୟାର କରନ୍ତୁ । ଏମିତି ଅନେକ କଥା ସେହି ପୋଷ୍ଟ ଗୁଡିକରେ ଦେଖିବାକୁ ମିଳିଥାଏ । ଲୋକମାନେ ମଧ୍ୟ ସେସବୁ କଥାକୁ ବିଶ୍ୱାସ କରି ନିଜ ଜୀବନର କୌଣସି ସମାଧାନ କରିବାକୁ ପ୍ରୟାସ ନକରି ସେମାନେ ଏହି ସହଜ ସୁନ୍ଦର ଉପାୟକୁ ବାଛି ନେଇ ସେୟାର କରିବାକୁ ଲାଗିଯାଆନ୍ତି କିନ୍ତୁ ସେମାନେ ବୁଝିବା ଦରକାର ସେମାନେ କାହିଁକି ଆଉ କଣ ପାଇଁ ଏହି ଗୁଜବକୁ ବିଶ୍ୱାସ କରୁଛନ୍ତି । ସେୟାର କରିଦେଲେ ଯଦି କିଛି ଲୋକଙ୍କ ସମସ୍ୟାର ସମାଧାନ ହୋଇପାରନ୍ତା ତାହାଲେ ଏ ଦୁନିଆରେ ଡାକ୍ତରଙ୍କର କିଛି ଆବଶ୍ୟକତା ନଥାନ୍ତା କି କାହାକୁ କୌଣସି ପରିଶ୍ରମ କରିବାକୁ ପଡୁନଥାନ୍ତା । ଲୋକମାନେ ଯଦି ଭଗବାନଙ୍କୁ ବିଶ୍ୱାସ କରୁଛନ୍ତି ତେବେ ଠିକ ଅଛି କିନ୍ତୁ ଏହି ଗୁଜବ କଥାକୁ ବିଶ୍ୱାସ କରିବା କେତେ ଠିକ ତାହା କେବଳ ସେମାନେ ଜାଣନ୍ତି । ତେବେ ଏଠାରେ ଗୋଟେ କଥା କହିବି ସୋସିଆଲ ମିଡିଆରେ ଯେଉଁମାନେ ଏମିତି ଗୁଜବ ପୋଷ୍ଟ କରି ଲୋକଙ୍କ ଭାବାବେଗ ସହ ଖେଳୁଛନ୍ତି ସେମାନଙ୍କ ବିରୋଧରେ ସରକାର କିଛି ଦୃଢ ପଦକ୍ଷେପ ନିଅନ୍ତୁ । ସୋସିଆଲ ମିଡିଆରେ ମଧ୍ୟ ଏହି ଗୁଜବ ପୋଷ୍ଟ ଗୁଡିକ ପାଇଁ କିଛି ରୋକ ଲଗାନ୍ତୁ । ଯାହାଫଳରେ କୌଣସି ଲୋକ ସୋସିଆଲ ମିଡିଆର ଦୂରୁପଯୋଗ କରିବେ ନାହିଁ । କାହିଁକି ନା ଏହି ଗୁଜବ ଏହି ଅନେକ ସମୟରେ କିଛି ଲୋକଙ୍କ ମନରେ ଅଜବ ଚିନ୍ତାଧାରା ସୃଷ୍ଟି କରୁଛି । ତେଣୁ ଲୋକଙ୍କୁ ମଧ୍ୟ ଅନୁରୋଧ ଗୁଜବ କଥାକୁ ବିଶ୍ୱାସ କରନ୍ତୁନି । ଆପଣଙ୍କ ଜୀବନରେ ଯେତେବେଳେ ଯାହା କିଛି ଘଟୁଛି ତାହାର ସମାଧାନ ରାସ୍ତା ଖୋଜନ୍ତୁ କିନ୍ତୁ ଏମିତି ଗୁଜବ ପୋଷ୍ଟକୁ ବିଶ୍ୱାସ କରି ନିଜ ବହୁମୂଲ୍ୟ ସମୟ ଆଦୌ ବର୍ବାଦ କରନ୍ତୁ ନାହିଁ ।

ଅନ୍ଧାରୁଆ, ଭୁବନେଶ୍ୱର
(ମୋ) ୯୦୯୦୬୬୧୫୮୬




## ରାତି ଆସେ ସରି ସରି

### ହରେରାମ ପଣ୍ଡା



ସପନ ଗୋ ! କେତେ ରୂପ
ନେଇଆସ
କେମିତି ପଡନା ଥକି,
କେତେ ଆଶା କେତେ ନିଶା ଏ
ଆଖିରେ
ରାତି ତ ଅଳପ ବାକି ।
କ୍ଳାନ୍ତ ବିଭାବରୀ ଉଜୁଡ଼ା ଗଭାରେ
ରଜନୀ ଗନ୍ଧାର ଛଇ,
ଏକା ଏକା ମତେ ଲାଗୁଚି ଏମିତି
ମୁଉଁ ମୋ ଭିତରେ ନାହିଁ ।
ଚୁପି ଚୁପି ଆସି ଚେଇଁ ଦିଅ ମତେ
ଦେଖେ ମୁଁ କାହାର ମୁହଁ,
ରିମ୍ ଝିମ୍ ଯାର ନୁପୂର ଶବଦ
ସାବନା ସାବନା ଦେହ ।
ଖିଲି ଖିଲି ହସ, କୋଇଲିର କୁହୁ
ଲାଜୁଆ ଓଠରେ ନାଲି,
ହାତ ବଢେଇଲେ ଛୁଇଁବାକୁ ଟିକେ
ଦୂରକୁ ଯାଏ ସେ ଚାଲି ।
ଟିକିଏ ଦେଖାଇ ଟିକିଏ ଲୁଚାଅ
ଲାଗେ କୁହେଳିକା ପରି,
ନିଜ ଭିତରେ ମୁଁ ସନ୍ତୁଳି ହେଉଛି
ରାତି ଆସେ ସରି ସରି ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ,
ଯାଜପୁର
ମୋ: ୯୪୩୮୦୬୫୧୯୫

## ଶ୍ରାବଣୀ

### ସୁଧାକର ରାଉତ



ସାଧବ ବୋହୂ ଲୋ ସାଧବ ବୋହୂ
ତୁନୀ ହୋଇଯାଉ କଥା ନ କହୁ ।
ନାଲି ଶାଢ଼ୀ ସଙ୍ଗେ ତୋ ଥିରି ଚାଲି
ଦେଖିଲେ ଆମ ମନ ଯାଏ ଭୁଲି ।
ସବୁଜ ଧରଣୀ ପରେ ତୋ ରଙ୍ଗ
ସତେ ଡାକେ ତୋର ହେବାକୁ ସାଙ୍ଗ।
ତୋ ସାଙ୍ଗ ହୋଇ ପଚାରନ୍ତି ତୋତେ
କିଏ ତୋ ସାଧବ କହନ୍ତୁ ମୋତେ ।
କା ପାଇଁ ନ ମାନି ବରଷା ଝଡି
ଥିରି ଥିରି ପାଦେ ଯାଉଚୁ ମାଡି ।
ଜାଣିଚି ତୁ କିଛି କହିବୁ ନାହିଁ
ରାଗ କରୁ ତୁହି ଆମକୁ ଚାହିଁ ।
ପରିବେଶ ଆମେ କରୁଛୁ ନାଶ
ତେଣୁ ଲୋପ ପାଏ ତୋହରି ବଂଶ ।
ସତ କହୁଛୁ ତୋର ଖାଇ ରାଣ
ସେପରି କେବେ ନ କରିବୁ ଜାଣ ।

ପ୍ରତାପ ନଗରୀ, କଟକ
ମୋ - ୮୨୪୯୯୩୨୭୯୨

## କଳିହୁଡ଼ୀ ବର୍ଷା

### ଡ. ଦୀପକ କୁମାର ମିଶ୍ର



ବର୍ଷା ଏବେ ଧରିଚି କଳିହୁଡ଼ୀ
ସ୍ତ୍ରୀ ପରି ରୂପ
ନାଇଛି ହିଂସାର ସିଙ୍ଗାର
ରକ୍ତମୁଖା ଡାକିନୀ ବେଶରେ
ଦେଖାଉଚି ଘନଘୋର ରାଗ ଆଉ
ରୋଷ ।

ସଦ୍ୟ ବିବାହିତ ସୌନ୍ଦର୍ଯ୍ୟର
କାରୁଣ୍ୟତା
ଲିଭିଗଲା ପରେ
ଖରସ୍ରୁଅରେ ଭାସିଯିବାକୁ ଅମଙ୍ଗ
ଏ ମନ
ବୁଝେନି ଯେ ବର୍ଷା
ଲଙ୍ଗଳାମୁଣ୍ଡା ଅନିଚ୍ଛା ସତ୍ତ୍ୱେ
ବୋହିଯିବାକୁ ପଡେ
ହରେଇ ନିଜର ସ୍ୱର୍ବସ୍ୱ ।

ହେଇ ଦେଖ
ଚାହୁଁଚାହୁଁ ବୁଡ଼ିଗଲା ଛଇଳନାନୀର
କଅଁଳା ଛେଳିଛୁଆଟିକ
ଭାଙ୍ଗିଗଲା କହ୍ନେଇ କକେଇର
ଝାଟିମାଟି କାନ୍ଥ
ଏଣେ ଭାସିଗଲାଣି ନୀଳିମା ମାଉସୀର
ବାରବର୍ଷର ନାବାଳକ ପୁଅ,
ତଥାପି ତ ଉଲେଇବର୍ଷାର
ଏଯାଏଁ ମେଣ୍ଟିନି ଭୋକ ଆଉ ଶୋଷ।

ଝଡ଼ି ଓ ଝଗଡ଼ା
ଉଭୟ ଭାଙ୍ଗିଦିଅନ୍ତି ଘର
ଜୁଲୁମ କରି ଚକା ମାଡ଼ିବସିଥିବା
ବିରକ୍ତିଆ ଆବୁଡ଼ାପକା ପ୍ରେମ
ସରାଗରେ ।

ଓଦା ଆକାଶ, ଓଦା ମାଟି
ଓଦା ଦେହ, ଓଦା ଶେଜ
କହ କେମିତି ସଜାଡ଼ିବି ପ୍ରେମର
ଆସର ।

ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

# ବୟସ



ପଦ୍ମାଳୟା ସାମଲ

ହାତରେ ଟିଫିନ୍ ଡବା ଧରି ଚଇତା କାରଖାନା ଭିତରେ ପଶିଲା । ଏବେ ସେ ପ୍ରାୟ ପ୍ରତିଦିନ ଘରୁ ଖାଇବା ଆଣୁଛି । ବୟସ ପଚାଶ ଟପିଲା ପରେ ରକ୍ତଚାପ ଆରମ୍ଭ ହୋଇଗଲାଣି । ତା ଦ୍ୱାରା ଆଉ ଆଗଭଳି ଭିଡ଼ କାମ ହୋଇପାରୁନାହିଁ । କମ୍ପାନୀ ଆରମ୍ଭ ହେଲା ଦିନଠାରୁ ଚଇତା ଏଇଠି ଅଛି । ଖୁବ୍ ପରିଶ୍ରମ ବି କରିଛି । ଆଜିକାଲିକା ପିଲାଙ୍କ ପରି ତା ପାଖରେ ଆଇ. ଟି. ଆଇ. କିମ୍ବା ଡିପ୍ଲୋମା ସାର୍ଟିଫିକେଟ ନାହିଁ । କିନ୍ତୁ ନିଜ ଅଭିଜ୍ଞତାରୁ ଆଉ ଆଗ୍ରହରୁ ଯାହା ଶିଖିଛି । ଗଲା ପନ୍ଦର ବର୍ଷ ହେଲାଣି ସେ ଟର୍ନିଙ୍ଗ ସପରେ ଟର୍ନର ଭାବରେ କାମ କରୁଛି । ଗଲା ତିନି ଚାରି ମାସ ହେଲାଣି ରୋବଟ ଆସିବା ଦିନଠାରୁ ତା ପାଇଁ କିଛି କାମ ଆଉ ବାକି ରହୁନାହିଁ । ରୋବଟ ନିଜେ ମେସିନ୍ ଚଳାଉଛି । ତେଣୁ ଚଇତା ପାଇଁ ଆଉ ମେସିନ ଖାଲି ରହୁନାହିଁ । ସୁପରଭାଇଜରର ସେଇ ଗୋଟିଏ କଥା - 'ଚଇତା ! ବହୁତ କାମ ତୁ କଲୁଣି । ଏବେ ଘରେ ବସି ଆରାମ କର । ' କିନ୍ତୁ ଖାଲି ବସି ବସି ମାସ ଶେଷରେ ପୁରା ଦରମା ନେଇ ଆସିବାକୁ ତାକୁ ମୋଟେ ଭଲ ଲାଗୁନାହିଁ । ତା 'ଛଡା ଖାଲି ବସିଲେ ଦୁନିଆଯାକର ରୋଗ ମାଡ଼ିବସୁଛି , ଘରର ସମସ୍ୟା ସବୁ ଆସି ତାକୁ ବ୍ୟସ୍ତ ଲାଗୁଛି । ପହଲି ବୋଉର ଔଷଧ ଖର୍ଚ୍ଚ,ପୁଅ ପାଠପଢା, ଝିଅ ବାହାଘର ଚିନ୍ତା ଘାରୁଛି । ସେଥିରେ ପୁଣି ମାହାଙ୍ଗା ବେଳରେ ଖର୍ଚ୍ଚର ମାଡ଼ । ଏଇ ସବୁ ଚିନ୍ତା ଅପେକ୍ଷା କାମ ଭଲ। ସମୟଟା ଭଲରେ ଭଲରେ କଟିଯିବ । ଚଇତା ମନେ ମନେ ସ୍ଥିର କଲା ଆଜି ସୁପରଭାଇଜରକୁ କହିବ ତାକୁ ନିଶ୍ଚିତ ଭାବରେ କିଛି କାମ ଦେବାପାଇଁ ।

ଚଇତା ଟର୍ନିଙ୍ଗ ସେକ୍ସନକୁ ଯାଇ ସୁପରଭାଇଜର ପାଖରେ ଛିଡା ହେଲା । ତାଙ୍କୁ କାମ କଥା କହିବ କଣ, ସେ କହିଲେ ସାଙ୍ଗେ ସାଙ୍ଗେ ଯାଇ ପର୍ସନେଲ ମ୍ୟାନେଜରଙ୍କୁ ଭେଟ କରିବା ପାଇଁ । ଚଇତା ସେଇଠାରୁ ସେମିତି ପର୍ସନେଲ ମ୍ୟାନେଜରଙ୍କର କ୍ୟାବିନ ଭିତରକୁ ଯାଇ କହିଲା, ' ସାର.... ମୁଁ.... ଚଇତା ।'

ପର୍ସନେଲ ମ୍ୟାନେଜର ଫାଇଲ ଉପରୁ ମୁଣ୍ଡ ଉଠାଇ ତାକୁ ଚାହିଁଲେ ଓ ବସିବା ପାଇଁ କହିଲେ । ଚଇତା କଡରେ ଥିବା ଏକ ଚେୟାର ଉପରେ ବସିଲା ।

' କଣ ଚଇତା.... ଏବେ ଦେହ କେମିତି ଅଛି ?' ମ୍ୟାନେଜର ପଚାରିଲେ ।

' ଏବେ ଦେହ ଭଲ ହେଇଗଲାଣି, ସାର । କିନ୍ତୁ ଆଗ ଭଳି ସେ ବଳ କୁଆଡୁ ଆସିବ ? ଚଇତା ଉତ୍ତର ଦେଲା ।

'ହଁ ଯାହା କହିଲ ପୁରା ସତ କଥା ! କମ୍ପାନୀ ସେଥିପାଇଁ ତୁମକୁ ଆରାମ କରିବାକୁ କହୁଛି ।'

'ଏବେ ଆରାମରେ ତ ଅଛି । ଗଲା ତିନିମାସ ଧରି କିଛି କାମ ନାହିଁ । କାମ ନକଲେ ଦେହଟା ଆହୁରି ଅକାମି ହୋଇଯିବ, ସାର ।'

ଘର ଲୋକଙ୍କୁ କହିଲା ପରି ଚଇତା ତାର ମନକଥା କହିଚାଲିଥିଲା।' ଚଇତା, ତୁମେ ଗୋଟେ କାମ କର । ଭଲେନଣ୍ଟାରୀ ରିଟାୟାରମେଣ୍ଟ ନେଇଯାଅ।'

ଚଇତା ଆଁ କରି ଅନେଇଲା ତାଙ୍କ ମୁହଁକୁ ।

'ଆପଣ ମତେ ଏ କି ବାଟ ବତଉଛନ୍ତି ? ବୟସ ଥାଉ ଥାଉ ଘରେ ବସି କରିବି କଣ ? ଆଉ



ମୋ ପିଲାଛୁଆ ଚଳିବେ କେମିତି ?'

' କାହିଁକି ? ତୁମର ପ୍ରୋଭିଡେଣ୍ଟ ଫଣ୍ଡ, ଗ୍ରାଚ୍ୟୁଇଟି ସବୁ ତ ମିଳିବ । ତା 'ଛଡା ବର୍ଷକର ଦରମା ବି ମିଳିବ ।' ' କିନ୍ତୁ ସାର, ୟା ପରେ ଆଗକୁ ମୋ ଚାକିରି ଆଉ ଆଠ ବର୍ଷ ଅଛି । ୟାରି ଭିତରେ ଝିଅ ବାହାଘର, ପୁଅର ପାଠପଢା ସବୁ ସରିଯିବ ବୋଲି ମନେ ମନେ ହିସାବ କରି ନେଇଛି । ପୁଅ କୂଳରେ ଲାଗିଗଲେ ମୋର ଆଉ ଚିନ୍ତା କଣ !' ପର୍ସନେଲ ମ୍ୟାନେଜର ସବୁ ବୁଝୁଥିଲେ ବି ତାଙ୍କ ହାତରେ କିଛି କରିବାକୁ ନଥିଲା । କେବଳ କମ୍ପାନୀ ନିର୍ଦ୍ଦେଶ ଓ ନିଷ୍ପତ୍ତିକୁ ଶୁଣାଇବା ଛଡା । ସେ ତାକୁ ବୁଝେଇବାକୁ ଚେଷ୍ଟା କଲେ - ଦେଖ ଚଇତା, ଏ କମ୍ପାନୀ ଭଲ ବୋଲି ତୁମର ଏତେ ବର୍ଷର ସେବାକୁ ବିଚାରକୁ ନେଇ ଏ ନିଷ୍ପତ୍ତି ନେଇଛି । ସେଥିପାଇଁ ତୁମକୁ ସମୟ ପୂର୍ବରୁ ଛାଡିବାର ସବୁ ପ୍ରକାରର ସୁବିଧା ଦେଉଛି ।

ଚଇତା ଗମ୍ଭୀର ହୋଇଗଲା । ତାକୁ ଲାଗିଲା ତାର ପାଦ ତଳର ମାଟି ଯେମିତି ଖସି ଖସି ଯାଉଛି। ମୁଣ୍ଡ ଉଠେଇ ପୁଣି କାକୁତି ମୁଦ୍ରାରେ କହିଲା, ' ସାର, ମୋ ପୁଅକୁ ଏଠି ମୋ ଜାଗାରେ ରଖିବେ କି ? 'ଏବେ ଆଉ ସେ ସୁବିଧା ନାହିଁ ।.... ସମସ୍ତଙ୍କର ପୁଅ ଅଛନ୍ତି । ସମସ୍ତଙ୍କୁ କଣ କମ୍ପାନୀ ରଖିବ ?' ମ୍ୟାନେଜର ବୁଝେଇ କହିଲେ ।

ଚଇତା ଆସ୍ତେ ଆସ୍ତେ କଥାଟା ବୁଝି ପାରିଲା। କିଛି ସମୟ ଚୁପ ରହି କ୍ୟାବିନ ଭିତରୁ ମୁଣ୍ଡ ତଳକୁ କରି ବାହାରିଗଲା । ମନେ ମନେ ଭାବିଲା ମୋ ଦେହ ତ ସେମିତି ବିଶେଷ ଖରାପ ନାହିଁ । ଏବେବି ଅଣ୍ଟାରେ ବଳ ଅଛି । ଦୁଇ ବର୍ଷ ତଳେ ଗାଁରେ କିଣିଥିବା ନଅ ଗୁଣ୍ଠ ଚାଷ ଜମିକୁ ହାତରେ ଚାଷ କରିବି । ଏ ଅସମୟରେ ସେଇତ ମୋ ସମ୍ବଳ।

ମାସକ ଭିତରେ ସେ ଭଲେଣ୍ଟାରୀ ରିଟାୟାରମେଣ୍ଟ ନେଇଗଲା । ପୁଅକୁ ହଷ୍ଟେଲରେ ଛାଡି ଝିଅ ଆଉ ପହଲି ମା ସହିତ ଗାଁକୁ ଫେରିଗଲା। ଅଣ୍ଟା ଭିଡି ଗାଁରେ ଜମି ଚାଷ କଲା । ତାକୁ ଚାଷ କାମରେ ସାହାଯ୍ୟ କଲେ ତା ସ୍ତ୍ରୀ ଓ ଝିଅ । କେଇଟା ଦିନରେ କ୍ଷେତ ହସି ଉଠିଲା । ତା ସହିତ ଫିଟିଗଲା ଚଇତାର ଭାଗ୍ୟ । ଭଲ ଚାଷୀ ବୋଲି ପଞ୍ଚାୟତରେ ନାଁ କଲା । ରାଜ୍ୟ ସରକାରଙ୍କ ଠାରୁ ପୁରସ୍କାର ବି ପାଇଲା । ଏଣିକି ଝିଅ ବାହାଘର ପାଇଁ ମନଯୋଗ ଦେଲା । ପୁଅର ପାଠପଢା ଆଉ ଦୁଇ ବର୍ଷରେ ସରିଯିବ । ଦିନେ ରାସ୍ତାରେ ଯାଉ ଯାଉ ପର୍ସନେଲ ମ୍ୟାନେଜର ଅଜିତ ଶାହା ସୁବର୍ଣ୍ଣ ରଙ୍ଗର କ୍ଷେତକୁ ଦେଖି ଗାଡି ଅଟକାଇଲେ । ଉଦ୍ଦେଶ୍ୟ ଥିଲା କିଛି ମିଠା ମକା ଘରକୁ ନେବା । କ୍ଷେତ ଭର୍ତ୍ତି ମିଠା ମକା। ଗାଡି ଅଟକିବାର ଦେଖି କ୍ଷେତକୁ ଲାଗି ଗୋଟେ ଛୋଟ କୁଡ଼ିଆରୁ ବାହାରି ଆସିଲା ଚାଷୀ ଜଣକ । କୃଷକଟିକୁ ଚାହିଁ ଅଜିତ ବାବୁ ଦୋଦୋଚିହ୍ନା ହେଲେ। କିଛି ସମୟ ପରେ ଚଇତା କହିଲା, 'ସାର, ମତେ ଚିହ୍ନି ପାରୁନାହାନ୍ତି ? ମୁଁ ଚଇତା । ତିନି ବର୍ଷ ତଳେ ଯାହାକୁ ଆପଣ କମ୍ପାନୀରୁ ଭଲେଣ୍ଟାରୀ ରିଟାୟାରମେଣ୍ଟ ଦେଇ ବାହାର କରିଦେଇଥିଲେ । ଅଜିତ ବାବୁଙ୍କର ବିସ୍ମୟର ସୀମା ରହିଲା ନାହିଁ । ଚଇତାର ଶରୀର ପୂର୍ବ ଭଳି ନଥିଲା । ବେଶ ବଦଳି ଯାଇଥିଲା ତାର ଚେହେରା । ଅଜିତ ବାବୁ ଚଇତାକୁ ଦେଖି ଖୁସି ହେଲେ । କିଛି ସମୟ କଥାବାର୍ତ୍ତା ପରେ ଚଇତା ଗଛରୁ ତୋଳି ଆଣିଲା କିଛି ମିଠା ମକା । ଅଜିତ ବାବୁ ପଇସା ଦେବାରୁ ତାଙ୍କ ହାତ ଧରି ମନା କଲା ଏବଂ କହିଲା,'ଆପଣଙ୍କ ଠାରୁ ପଇସା ନେବି ସାର ! ମୋର ଅବସ୍ଥା ଏବେ ସ୍ୱଚ୍ଛଳ । ଗୋଟିଏ ସାର୍ଟିଫିକେଟ କେବଳ ଦିଅନ୍ତୁ ସାର -' କାମ କରିବା ପାଇଁ ଏବେବି ମୋର ବୟସ ଅଛି।'

ଚଇତାର କଥା ଶୁଣି ଠୋ ଠୋ ହସି ଉଠିଲେ ଅଜିତ ବାବୁ ।

+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ଓଲଟା ବୃକ୍ଷ

ସତ୍ୟନାରାୟଣ ପ୍ରଧାନ

ସମସ୍ତେ ଯୁବକ ଜଣଙ୍କୁ ଗୋଟିଏ କଥା କହି ଆସୁଥିଲେ ତାର ସୁନ୍ଦର ଚେହେରା ସାଙ୍ଗକୁ ନମନୀୟ ଆଖି ଦେଖି ଯେ କେହି ଆକର୍ଷିତ ହୋଇଯିବେ ଏଥିରେ କୌଣସି ସନ୍ଦେହର ଅବକାଶ ନ ଥିଲା। ସେ ମଧ ତାହା ପିଲାଳିଆମିରେ ପରୀକ୍ଷା କରିବାରେ ଡେରି କରି ନ ଥିଲା । ବୟସ ବଢିବାରୁ ଅନ୍ୟ ସାଙ୍ଗ ମାନଙ୍କ ବିବାହ ଦେଖି ତାର ଖଣ୍ଡେ ଚାକିରୀ ହୋଇ ଯାଇଥିବାରୁ ଘର ଲୋକ ତା ବିବାହ ପାଇଁ ଝିଅ ଯୋଗାଡ଼ କରିବାରୁ ଭଲ ପାଉଥିବା କହି ବିବାହ କରିଥିଲା । ହେଲେ ଦୁଃଖର କଥା ବିବାହର କିଛି ଦିନ ପରେ ଧର୍ମପତ୍ନୀ ତା ଦରମାଠାରୁ ଅଧିକ ଟଙ୍କା ପାଉଥିବାରୁ ଯାହା ମନକୁ ଆସୁଥିଲା ତାହା କରୁଥିଲେ। ସେ ତାର ସରଳତାର ସୁଯୋଗ ନେଇ ନିଜର ଆଧିପତ୍ୟ ବିସ୍ତାର କରିବା ପରେ ତାହାକୁ ବିରୋଧ କରିବାରୁ ଦୁହିଁଙ୍କୁ ଅଲଗା ହେବାକୁ ପଡ଼ିଥିଲା।

ସେ ସବୁଦିନ ଅଫିସ ଯିବା ରାସ୍ତାରେ ମନକୁ ବୁଝାଇ ଗଲାବେଳେ ଜଣେ ଝିଅକୁ ନିଜ ଅଜାଣତରେ ଭଲ ଲାଗିଲା ବୋଲି କେତେବେଳେ ଚାହିଁ ଦେଉଥିଲା ତାହା ମୋଟେ ତାକୁ ଜଣା ପଡିନଥିଲା । ଅବଶ୍ୟ ସେ ଝିଅଟି ନାରୀ ଜୀବନର ପୂର୍ଣ୍ଣତା ହାସଲ କରି ଦୁନିଆ ବିଷୟରେ ଜାଣି ବିବାହ ଯୋଗ୍ୟା ହୋଇ ଯାଇଥିଲା। ସେ ଚାହିଁବା ଭିତରେ ଝିଅଟି ବି କିଛି ଦେଖିବା ଆରମ୍ଭ କରି ଦେଇଥିଲା । ଝିଅଟି ଯିବା ଆସିବା ଭିତରେ ତାର ପରିବାର ଲୋକ ପାଖରେ ଥିଲେ ବି ସେ ଚାହିଁ ଦେଉଥିଲା । ତାଙ୍କ ଘର ଲୋକ ଜାଣିପାରି ନଜର ରଖିବା ସହିତ କିଛି ନ କହି ପାରିଲେ ବି ପ୍ରକୃତ କଥା ଯୁବକ ଜଣଙ୍କ ଅନୁମାନ କରି



ସାରିଥିଲା। ନିଜକୁ ଜଣେ ବିବାହିତ ପୁରୁଷ ଭାବି ତାହା ପାପ ହେବ ବୋଲି ଚାହିଁବା ବନ୍ଦ କରି ଦେଇଥିଲା । କିଛି ଦିନ ମଧ୍ୟରେ ତାହା ସହିତ ସମ୍ପର୍କ ଅଛି ବୋଲି ଆଖ ପାଖ ଲୋକମାନଙ୍କ ଭିତରେ ହୋ ହାଲ୍ଲା ହୋଇ ଯାଇଥିଲା । ଧର୍ମପତ୍ନୀ ନିଜର ଭୁଲ୍ ବୁଝିପାରି ପରିବାର ଲୋକମାନଙ୍କ ସହ କ୍ଷମା ପ୍ରାର୍ଥନା ମାଗି କାକୁତି ବିନତୀ ହେବାରୁ ମନ ତାର କେଜାଣି କାହିଁକି ତାକୁ ଦେଖି ବଦଳି ଯାଇଥିଲା । ସବୁ କିଛି ଠିକ୍ ହୋଇଗଲା ସେ ଭ୍ରମରେ ପଡିଯିବାରୁ ସେ ଝିଅ ସହିତ ତାର ସମ୍ପର୍କ ଅଛି ବୋଲି ଧର୍ମପତ୍ନୀ କୌଣସି ସୂତ୍ରରୁ ଜାଣି ଅଭିମାନ କରି ଗୋଟେ ଛାତ ତଳେ ରହିଥିଲେ ମଧ୍ୟ ଭଲରେ କଥାବାର୍ତ୍ତା ବନ୍ଦ କରି ଦେଇଥିଲା। ସେ ତାଙ୍କୁ ଯେତେ ବୁଝାଇଲେ ମଧ ସେ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ । ଗାଁରେ ସାଙ୍ଗସାଥୀ ତାର ଏହି ଖରାପ ଗୁଣ ପାଇଁ ସ୍ୱାମୀ ସ୍ତ୍ରୀ ମଧ୍ୟରେ ବିବାଦ ଆଗରୁ ଲାଗି ରହି ଆଜି ପର୍ଯ୍ୟନ୍ତ ଶେଷ ହୋଇନାହିଁ ମିଥ୍ୟା ଗୁଜବ ସୃଷ୍ଟି କରିଥିଲେ । ଜୀବନରେ ତା ସହିତ କାହିଁକି ଏପରି ଘଟୁଛି ତାର ଉତ୍ତର ଖୋଜି ପାଇବା ପାଇଁ ମନରେ ଆଉ ଇଛା ନ ଥିଲା । ସମସ୍ତେ ଯାହା ଭାବିଥିଲେ ସେପରି ଦୋଷ ନ ଥାଇ ମଧ୍ୟ ଏ ସ୍ୱାର୍ଥପର ଦୁନିଆରେ ଯାହା ସବୁ ଘଟିଗଲା ଘରୁ ବାହାରିଲେ କଳା ଚଷମା ବ୍ୟବହାର କରିବାକୁ ମନସ୍ଥ କରିଥିଲା । ଜୀବନରେ ଯାହା କୌଣସି ଉଦ୍ଦେଶ୍ୟ ନ ରଖି ଖାମଖିଆଲି ଭାବେ କଲେ ବି ତାହା ବର୍ତ୍ତମାନର ସମାଜରେ ଓଲଟା ବୃକ୍ଷର ଫଳ ନିଶ୍ଚୟ ଭୋଗିବାକୁ ପଡ଼ିବ ବୋଲି ଭାବିବାକୁ ବେଶି ସମୟ ଲାଗି ନ ଥିଲା ।

+ ଅଣ୍ଡିଆ, ଜେନାପୁର,
ଯାଜପୁର -୭୫୫୦୨୩
ମୋ -୯୧୭୮୩୧୩୬୪ ,

# ଦୁଶ୍ଚରିତ୍ର



ସନ୍ତୋଷ ମିଶ୍ର

ସନ୍ଧ୍ୟାକାଳୀନ ଚାହା ଆସର ଜମି ଆସୁଥିବା ସମୟରେ ପ୍ରଗଳଭ ରଣା ବାବୁ କହିଲେ - ଶଃ ଯେତେ ମାଲ ପିଇବା ଲୋକ ମୁଁ ଦେଖିଚି ସବୁଠୁଁ ଶୀର୍ଷରେ ରହିବ ସୁକାନ୍ତ। ଦାମିକା ମଦ ବୋତଲ ମୁହଁରେ ଲଗେଇ ଢକ୍ ଢକ କରି ପିଇଯାଏ। ପାଣି ବା ବରଫର ଆବଶ୍ୟକତା ପଡ଼େନି। ମାଲ୍ ପଟେଇବାରେ ବି ଓସ୍ତାଦ୍। ଯୋଉ ସୁନ୍ଦରୀ ମହିଳା ଉପରେ ତାର ନଜର ପଡ଼ିଯାଏ; କଳ, ବଳ, କୌଶଳ ପ୍ରୟୋଗ କରି କିଛି ଦିନ ମଧ୍ୟରେ ତାକୁ ଅକ୍ତିଆରକୁ ନେଇ ଆସେ। ବିବାହିତା ମହିଳା ତାର ଅଧିକ ପସନ୍ଦ। ସେ ସମ୍ବନ୍ଧରେ ତାର ମତାମତ ହେଲା - ବିବାହିତାଙ୍କ ସହିତ ଯୌନ ସଂପର୍କ ଅଧିକ ନିରାପଦ।

ରଣା ବାବୁ ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ। ବିଶେଷ କିଛି କାମ ନଥିବାରୁ କେହି ସହକର୍ମୀ ଅଥବା ପରିଚିତ ବ୍ୟକ୍ତି ଆସିଲେ ସହସା ଗୁଲି ଗଳ୍ପ ଆରମ୍ଭ କରି ଦିଅନ୍ତି। କଥା କଥାକେ ଦୋଅକ୍ଷରି। ସ୍ଥାନ , କାଳ, ପାତ୍ର ଜ୍ଞାନ ରହେ ନାହିଁ। ସବୁବେଳେ ସ୍ୱପ୍ନ ବିଭୋର। କେବେ ଏ .ବି. ଡି .ଓ . ରୁ ପଦୋନ୍ନତି ପାଇ ବି .ଡି. ଓ .ହେବେ। ପ୍ରଚୁର ଅର୍ଥ ଉପାର୍ଜନ କରିବେ। ସ୍ୱପ୍ନ ଦେଖିବା ଦୋଷାବହ ନୁହେଁ। ମାତ୍ର କାହା ବିରୁଦ୍ଧରେ କୁତ୍ସାରଟନା କରିବା କିମ୍ବା ଚରିତ୍ର ସଂହାର କରିବା ନିହାତି ଅସମିଚୀନ। ପାଖରେ ବସି ରଣା ବାବୁଙ୍କ କଥା ଶୁଣୁଥିଲେ ତାଙ୍କର ଜଣେ ସହକର୍ମୀ ତ୍ରିଲୋଚନ। ସୁକାନ୍ତ ସମ୍ପର୍କିତ କଥା ଅସହ୍ୟ ବୋଧ ହେବାରୁ ପଚାରିଲେ - ଆଜ୍ଞା, ଚାହା ପିଉପିଉ କଣ ନିଶା ଧରିନେଲା। କୋଉ ସୁକାନ୍ତ କଥା ଆପଣ କହୁଛନ୍ତି। ଆମ ଗାଁର ସୁକାନ୍ତ ମୋର ବାଲ୍ୟବନ୍ଧୁ। ଶାନ୍ତ, ସୁଧାର, ମେଧାବୀ, ଭଦ୍ର ଓ ଚରିତ୍ରବାନ। ଝିଅମାନଙ୍କୁ ଆଡ ଆଖିରେ ଚାହେଁ ନାହିଁ। ସ୍ତ୍ରୀ ଲୋକ ଦେଖିଲେ ଲଜ୍ଜା ବଶତଃ ପାଟିରୁ କଥା ବାହାରେ ନାହିଁ। ଆମ ଗାଁର ଭଲ ପିଲା ମାନଙ୍କ ମଧ୍ୟରେ ସେ ଅନ୍ୟତମ। ଈଷତ୍ ବିରକ୍ତି ଭାବ ପ୍ରକାଶ କରି ରଣା ବାବୁ କହିଲେ - ଆରେ ବାବୁ, ମୁଁ ତମର ସେହି ବାଲ୍ୟବନ୍ଧୁ ସୁକାନ୍ତ କଥା କହୁଚି। ତା ବାପା ଜଣେ କଣ୍ଟ୍ରାକ୍ଟର, ମା ଏକଦା ବ୍ଲକର ଅଧକ୍ଷା ଥିଲେ। ବାପାଙ୍କ ଇଚ୍ଛା ଥିଲା ପୁଅକୁ ଇଞ୍ଜିନିୟର କରିବା ପାଇଁ। ମାତ୍ର ଆଇ.ଏସ ସି. ରେ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାରୁ ତାକୁ ଓଡ଼ିଶାର କୌଣସି ଇଞ୍ଜିନିୟରିଂ କଲେଜରେ ସିଟ ମିଳିଲା ନାହିଁ। ବାପର ତ ଅର୍ଥର ଅଭାବ ନଥିଲା। ତେଣୁ ଓଡ଼ିଶା ବାହାରେ ପାଠ ପଢ଼ାଇ ପୁଅକୁ ଇଞ୍ଜିନିୟର କରିବାରେ ସେ ସମର୍ଥ ହୋଇଥିଲେ। ଏବେ ସେହି ପୁଅ ବିଶୋଇ ବ୍ଲକର ଇଞ୍ଜିନିୟର।

ସୁକାନ୍ତ ବିଷୟରେ ସବୁକଥା ଜାଣି ତ୍ରିଲୋଚନଙ୍କୁ ଲାଗିଲା ଯେମିତି ସେ ବରଫର ପାହାଡ଼ ତଳେ ଚାପି ହୋଇ ଯାଇଥିବା ସ୍ୱୟଂ ଖଣ୍ଡେ ବରଫ !! ତ୍ରିଲୋଚନଙ୍କ ସ୍ଥାଣୁତାକୁ ଲକ୍ଷ କରି ରଣାବାବୁ କହିଲେ - ଏତିକି ମାତ୍ର ଶୁଣି ତମର ଅବସ୍ଥା ଏମିତି। ସବୁ କଥା ଶୁଣିଲେ ତମେ ତ ବରଫର ନଦୀଟିଏ ହୋଇ ବହିଯିବ। ତାପରେ ରଣା ବାବୁ କହି ଚାଲିଲେ - ବ୍ଲକ୍ କଲୋନିରେ ଜଣେ କନିଷ୍ଠ କିରାଣୀ ବିରେନ୍ଦ୍ରଙ୍କର ଦିବ୍ୟ ସୁନ୍ଦରୀ ସ୍ତ୍ରୀଟିଏ ଥିଲା। ତାର ଅପରୂପ ସୌନ୍ଦର୍ଯ୍ୟରେ ଅଭିଭୂତ ଲୋକେ କହୁଥିଲେ - ସ୍ୱର୍ଗର ଅପସରୀ ରମ୍ଭା, ଉର୍ବଶୀ, ମେନକା କେବେ ହେଲେ ଯାଙ୍କଠାରୁ ଅଧିକ ସୁନ୍ଦରୀ ହୋଇ ନଥିବେ। ବ୍ରହ୍ମାଙ୍କର ସେହି ଅନବଦ୍ୟ ସୃଷ୍ଟି ଉପରେ ସୁକାନ୍ତର ଲୋଲୁପ ଦୃଷ୍ଟି ପଡ଼ିଲା। ବିଚରା କିରାଣୀର ଅନୁପସ୍ଥିତି ସୁଯୋଗ ନେଇ ସୁକାନ୍ତ ବାରମ୍ବାର ତାଙ୍କ ଘରକୁ ଯାଉଥିଲା। ବହୁମୂଲ୍ୟ ଉପଢୌକନ ବଦଳରେ ସେ ବିରେନ୍ଦ୍ରଙ୍କ ସ୍ତ୍ରୀର ମନ, ହୃଦୟ ଓ ଦେହ ସବୁ କିଛି ଜିଣିବାରେ ସକ୍ଷମ ହୋଇଥିଲା। ବିରେନ୍ଦ୍ରର ସ୍ତ୍ରୀ ସମେତ ଅନେକ ସ୍ତ୍ରୀ ଲୋକ ମାନଙ୍କ ସହିତ ସୁକାନ୍ତର ଅବୈଧ ସମ୍ପର୍କ ଥିଲା। ସୁବିଧା ସୁଯୋଗ ଦେଖି ସେମାନଙ୍କ ଘରେ ଅଥବା ନିଜ ସ୍ତ୍ରୀ ବାପ ଘରକୁ ଯାଇଥିବା ସମୟରେ ନିଜ ବସାକୁ ଆଣି ସେମାନଙ୍କୁ ମନଇଛା ଉପଭୋଗ କରେ। ଦୁଇଟି ପୁଅର ବାପ ହେବା ପରେ ଏବଂ ସ୍ତ୍ରୀ ସହିତ ନିଜ ଦୁଷ୍ଚରିତ୍ରତା ହେତୁ ବାରମ୍ବାର ଝଗଡ଼ା ହେବା ପରେ ବି ତାର କିଛି ପରିବର୍ତ୍ତନ ହୋଇ ନଥିଲା। ପରିଶେଷରେ ସ୍ତ୍ରୀ ବାଧ ହୋଇ ପିଲାମାନଙ୍କ ସହିତ ନିଜ ବାପ ଘରକୁ ଚାଲି ଯାଇଥିଲା।

ସେହି ସମୟରେ ଦିନେ ବିଲେଇ କପାଳକୁ ସିକା ଛିଣ୍ଡିଲା ଭଳି ସୁକାନ୍ତ ବସାରେ ଏକାକୀ ହାଜର ହେଲେ ନିଜ ଗାଁର ପଡ଼ଶି ଘର ଭାଉଜ ସୁଲେଖା। ସୁଲେଖା ଶ୍ୟାମଳ ବର୍ଣ୍ଣର ହେଲେବି ଡଉଲ ଡାଉଲ ଆଉ ସେକ୍ସି। ବହୁଦିନରୁ ତାଙ୍କ ଉପରେ ସୁକାନ୍ତର ନଜର ପଡ଼ିଥିଲା। ଗାଁକୁ ଗଲେ ଯେବେ ଦେଖା ହୁଏ ଭାବେ - ଥରେ ଯଦି ସୁଯୋଗ ପାଆନ୍ତି ନା !! ଆଜି ସୁଯୋଗ ହାତ ମୁଠାରେ। ଆନନ୍ଦରେ ବିଭୋର ହୋଇ କହିଲା - ଭାଉଜ, ମୋ ସ୍ତ୍ରୀ ଅଯଥାରେ କଳି ଝଗଡ଼ା କରି ବାପ ଘରକୁ ଚାଲି ଯିବା ପରେ ସତରେ ମୁଁ ହତାଶ ହୋଇ ପଡ଼ିଥିଲି। ତମକୁ ଦେଖି ପିଣ୍ଡରେ ପ୍ରାଣ ପଶିଲା ଜାଣ। ଭାଉଜ ହସି ହସି କହିଲେ - ମୁଁ ଆସିଗଲି ଏବେ ଆଉ କିଛି ଅସୁବିଧା ହେବନି। ସୁକାନ୍ତ କହିଲା - ଦେଖ, ପ୍ରଥମ ଥର ପାଇଁ ତମେ ମୋ ପାଖକୁ ଆସିଛ। ଅତି କମରେ ମାସେ ନରହିଲେ ଛାଡିବିନି। ଭାଉଜ କହିଲେ - ବ୍ୟସ୍ତ ହୁଅନି। ତମେ ଯେତେବେଳେ ଚାହିଁବ ମୁଁ ଆସି ପାରିବି। ବର୍ତ୍ତମାନ ବହୁ ସମସ୍ୟା ଭିତରେ ମୁଁ ଅଛି। ତମ ଭାଇଙ୍କ ଦେହ ଖରାପ। ପୁଅର କଲେଜରେ ଆଡ଼ମିଶନ ପାଇଁ ୫୦୦୦ ଟଙ୍କା ନିହାତି ଆବଶ୍ୟକ। ସେଥିପାଇଁ ତ ତମ ପାଖକୁ ଚାଲି ଆସିଲି। ସୁକାନ୍ତ କହିଲା - ଠିକ୍ କରିଛ। ଠିକ୍ ସମୟରେ ଠିକ୍ ଜାଗାରେ ପହଞ୍ଚିଚ। ମୁଁ ତମକୁ ସବୁବେଳେ ନିଜର ବୋଲି ଭାବେ। ଅତଏବ ତମର ସମସ୍ୟା ହିଁ ମୋର ସମସ୍ୟା। ମୋ ଉପରେ ଭରସା ରଖ। ଅଚିରେ ସବୁ ସମସ୍ୟା ସମାଧିତ ହେବ। ତମେ ମୋ ପାଖରେ କିଛି ଦିନ ରୁହ। ଆରାମ କର। ଗଲାବେଳେ ୫୦୦୦ କଣ ୧୦,୦୦୦ ଟଙ୍କା ଦେବାକୁ ମୁଁ ପ୍ରସ୍ତୁତ ଅଛି। କେବଳ ସେତିକି ନୁହେଁ, ଯେତେବେଳେ ଯାହା ଦରକାର ବିନା ଦ୍ୱିଧାରେ ମୋତେ କହିବ। କିନ୍ତୁ ମୋର ଗୋଟିଏ ଅନୁରୋଧ - ତମେ ଯେତେଦିନ ମୋ ପାଖରେ ରହିବ ଏକ ବସ୍ତ୍ର ହୋଇ ରହିବ...କୌଣସି ଅନ୍ତଃବସ୍ତ୍ର ପରିଧାନ



କରିବ ନାହିଁ। କାହିଁକି ନା ସେଗୁଡ଼ାକ ପ୍ରତି ମୋର ଭୟଙ୍କର ଭାବେ ଏଲର୍ଜି। ସ୍ମିତ ହସି ସମ୍ମତି ଜଣାଇ ଭାଉଜ କହିଲେ - ଆଜିକାଲି ତମେ ଭାରି ଦୁଷ୍ଟ ହେଲଣି।

ପ୍ରାୟ ୧୫ ଦିନ ପରେ ଘରକୁ ବାହାରିଲେ ଭାଉଜ। ୧୦ ହଜାର ଟଙ୍କା ତାଙ୍କ ହାତରେ ଦେଇ ସୁକାନ୍ତ କହିଲା - ଏହା ଧାର ନୁହେଁ...ଉପହାର ବୋଲି ଭାବିବ। ମୋ ସ୍ତ୍ରୀ ଅପେକ୍ଷା ତମେ ମତେ ଅଧିକ ସୁଖ ଦେଇଚ। ସବୁଠୁଁ ଆଶ୍ଚର୍ଯ୍ୟ କଥା ହେଉଛି ..ଦୁଇଟି ଛୁଆର ମାଆ ଭଳି ତମେ ଆଦୌ ଲାଗୁନଥିଲ। ଏଥର ଯେତେବେଳେ ଇଚ୍ଛା ହେବ ମୋ ପାଖକୁ ଚାଲି ଆସିବ। ମୋ ଘରର ଦ୍ୱାର ତମ ପାଇଁ ସବୁଦିନେ ଖୋଲା ରହିବ। ହଁ, ଆଉ ଗୋଟେ କଥା , ତମେ ଗଲାପରେ ଖାଇବା ପିଇବାରେ ବହୁତ ଅସୁବିଧା ହେବ। ହୋଟେଲ ଖାଇବା ତ ମୋ ଦେହରେ ଯିବନି। ତେଣୁ ମୁଁ ଭାବୁଚି ତମ ବିଧବା ଝିଅ ମୀନା ମୋ ପାଖରେ ରହିଲେ କେମିତି ହୁଅନ୍ତା । ମୁଁ ତା ପୁଅର ସମସ୍ତ ପଢା ଖର୍ଚ୍ଚ ବହନ କରିବା ପାଇଁ ପ୍ରସ୍ତୁତ। ଭାଉଜ କହିଲେ - ବହୁତ ଭଲ କଥା। ବିଧବା ହେବା ପରେ ମୀନା ଆମଘରେ ଅତି ଦୁଃଖରେ ରହୁଚି। ପୁଅର ପାଠ ପଢା, ଭବିଷ୍ୟତ ଚିନ୍ତାରେ ଅହରହ ଘାରି ହେଉଛି। ତମ ପାଖରେ ରହିଲେ ସେ ସବୁ ପ୍ରକାର ଦୁଶ୍ଚିନ୍ତାରୁ ମୁକ୍ତି ପାଇ ଯିବ। ମୁଁ ତାକୁ ଦିନେ ଦୁଇ ଦିନ ଭିତରେ ତମ ପାଖକୁ ପଠାଇ ଦେଉଚି।

ଭାଉଜ ଯିବାର ଠିକ୍ ଦୁଇ ଦିନ ପରେ ପହଞ୍ଚିଲା ମୀନା। ପାଖରେ ବସି ପିଠି ଆଉଁସି କହିଲା ସୁକାନ୍ତ - ମୁଁ ସବୁ ଦିନ ପାଇଁ ତୋର ଆଉ ତୋ ପୁଅ କଥା ବୁଝିବା ପାଇଁ ପ୍ରସ୍ତୁତ ଅଛି। ତୋର ଖାଇବା, ପିଇବା, ଲୁଗା ପଟା, ଗହଣା ଗଣ୍ଠି ସମେତ ପୁଅର ଉଚ୍ଚ ଶିକ୍ଷା ଦାୟିତ୍ୱ ମୋର। କିନ୍ତୁ ଗୋଟିଏ କଥା ମନେ ରଖ ...ଯେ ପର୍ଯ୍ୟନ୍ତ ମୋ ପାଖରେ ରହିଚୁ କେବଳ ଶାଢ଼ୀ ଛଡ଼ା ଅନ୍ୟ କିଛି ପିନ୍ଧିବୁ ନାହିଁ। ମୀନା କହିଲା - ମୋର ତଥା ପୁଅର ଭବିଷ୍ୟତ ଦୃଷ୍ଟିରୁ ମୁଁ ନିଜକୁ ତମ ପାଖରେ ସମର୍ପି ଦେଉଚି। ତେଣିକି ତମର ଯାହା ଇଚ୍ଛା।

ସବୁକଥା ମନଯୋଗ ସହକାରେ ଶୁଣୁଥିବା ତ୍ରିଲୋଚନ କହିଲା - ଆଜ୍ଞା, ସୁକାନ୍ତକୁ ଆଉ ସ୍ତ୍ରୀର ଅଭାବ ଅନୁଭୂତ ହେଉ ନଥିବ। ହେଲେ ପିଲା ମାନଙ୍କୁ ନେଇ ତା ସ୍ତ୍ରୀ ଯେ ବାପ ଘରକୁ ଯାଇଥିଲା, ଫେରିଲା କି ନାହିଁ। ରଣା ବାବୁ କହିଲେ - ସେଇ କଥା ହିଁ ମୁଁ କହିବାକୁ ଯାଉଚି। ଟିକେ ଧୈର୍ଯ୍ୟ ଧର। ତାପରେ କହି ଚାଲିଲେ - କିଛି ମାସ ପରେ ହଠାତ୍ ସାଙ୍ଘାତିକ ଭାବେ ଅସୁସ୍ଥ ହୋଇ ପଡ଼ିଲା ସୁକାନ୍ତ। ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ସମ୍ଭବ ନହେବାରୁ ତାକୁ କଟକ ବଡ଼ ଡ଼ାକ୍ତରଖାନାକୁ ନିଆଗଲା। ଡାକ୍ତର ପରୀକ୍ଷା କରି କହିଲେ ଅତ୍ୟଧିକ ମଦ୍ୟ ପାନ ଓ ଅସୁରକ୍ଷିତ ଯୌନ ସମ୍ପର୍କ ହେତୁ ସେ ଏକାଧିକ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ। ବର୍ତ୍ତମାନ ଶେଷ ଅବସ୍ଥା। ବଞ୍ଚିବାର କୌଣସି ସମ୍ଭାବନା ନାହିଁ।

କିଛି ଦିନ ପରେ ସୁକାନ୍ତର ଶବ ଗାଁରେ ଥିବା ଘରେ ପହଞ୍ଚିବାରୁ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଖବର ପାଇ ଦୁଇ ପିଲାଙ୍କ ସହ ଆସିଥିବା ସ୍ତ୍ରୀ ଶବ ଉପରେ ଲୋଟି ପଡ଼ି କାନ୍ଦି କାନ୍ଦି କହିଲା - କେତେ କହିଲି..କେତେ ବୁଝାଇଲି ଅବାଟରୁ ଓହରି ଆସିବା ପାଇଁ... କିଛି ଶୁଣିଲ ନାହିଁ...ଶେଷରେ କୋଉ ଅଜଣା ପଥର ପଥିକ ହୋଇଗଲ। ଏବେ ପିଲାମାନଙ୍କୁ ନେଇ ମୁଁ ଚଳିବି କିପରି...ଏତେ ଦୀର୍ଘ ପଥ ଲଙ୍ଘିବି କେମିତି। ଏ ସ୍ୱାର୍ଥପର ଦୁନିଆରେ କିଏ ଆମକୁ ସହାୟ ହେବ..ଶେଷରେ ହଠାତ୍ ନୀରବି ଯିବାର ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ। ପାଖକୁ ଯାଇ ପରୀକ୍ଷା କରି ଦେଖିବାରୁ ଜଣା ପଡ଼ିଲା ତାର ପ୍ରାଣ ପକ୍ଷୀ ଉଡ଼ିଯାଇଛି। ମୁରବୀ ଲୋକମାନେ କହିଲେ - ବାସ୍ତବିକ୍ ଇଏ ଜଣେ ସତୀ ନାରୀ। ସ୍ୱାମୀର ମୃତ୍ୟୁ ଯନ୍ତ୍ରଣା ସହି ନପାରି ଅକାଳ ରେ ଜୀବନ ହାରିଦେଲା। ଦୁଇ ଜଣଙ୍କ ଆତ୍ମା ଏକ ହୋଇ ପରମାତ୍ମାଙ୍କ ସହିତ ମିଳିତ ହୋଇ ଗଲା !! ଧନ୍ୟ ତୁ ସତୀ ନାରୀ, ଧନ୍ୟ..ଧନ୍ୟ !

+ ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ
ଉଦଳା , ମୟୁରଭଞ୍ଜ
ମୋ: ୭୦୦୮୨୩୭୬୫୦

# ଜିଲ୍ଲାର ଶିଳ୍ପୋଦ୍ୟୋଗରେ ୬ ହଜାର ୪୦୦ କୋଟି ଟଙ୍କାର ପୁଞ୍ଜିନିବେଶ: ୧୩ ହଜାର ଯୁବକଯୁବତୀ ନିଯୁକ୍ତି ପାଇବେ

ଖୋର୍ଦ୍ଧା, ୦୪/୦୮ (ନି.ପ୍ର): ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବରୁଣେଇ ସ୍ଥିତ ଶିକ୍ଷାଚଂଳ ଗସ୍ତ କରି ବିଭିନ୍ନ ଶିକ୍ଷକେନ୍ଦ୍ର ପରିଦର୍ଶନ କରିବା ସହିତ ସମୀକ୍ଷା କରିଛନ୍ତି। ଇଡ୍କୋ ଡିଭିଜନାଲ କାର୍ଯ୍ୟାଳୟରେ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ସହ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଚାରା ରୋପଣ କରିଛନ୍ତି। ଶିକ୍ଷ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଖୋର୍ଦ୍ଧା ବରୁଣେଇ ଶିକ୍ଷାଚଂଳ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଅପରାହ୍ନରେ ସେଠାରେ ପ୍ରସିଦ୍ଧ ବରୁଣେଇସ୍ଥିତ ବିଭିନ୍ନ ଉଦ୍ୟୋଗ ବୁଲି ଦେଖିବା ସହ ସଂପୃକ୍ତ ସଂସ୍ଥାର ଅଧିକାରୀ ଓ କର୍ମଚାରୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ପରେ ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଜିଲ୍ଲାର ବିଭିନ୍ନ ଶିକ୍ଷ ପ୍ରକଳ୍ପ ଓ ଶିକ୍ଷ ପ୍ରତିଷ୍ଠା ଉପରେ ସମୀକ୍ଷା କରିବା ସହ ବିଭିନ୍ନ ଉଦ୍ୟୋଗ ସମ୍ପର୍କିତ କାର୍ଯ୍ୟର ଅଗ୍ରଗତି ସଂପର୍କରେ ପଚାରି ବୁଝିଥିଲେ। ଜିଲ୍ଲାର ମୁଣ୍ଡାଆଥା, କାଳୀବାଟୀ ଏବଂ ଭୂଇଁପୁରରେ ବିଭିନ୍ନ ଉଦ୍ୟୋଗରେ ପ୍ରାୟ ୬ ହଜାର ୪୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରିବାର ସମ୍ଭାବନା ରହିଛି ଏବଂ ଏହାଦ୍ୱାରା ପ୍ରାୟ ୧୩ ହଜାର ଯୁବକଯୁବତୀ ନିଯୁକ୍ତି ପାଇପାରିବେ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ। ସେହିଭଳି ଖୋର୍ଦ୍ଧା ତହସିଲ ଅଂଚଳରେ ଏକ ହଜାର ଏକର, ବୋଲଗଡ଼ର ୬୦୦ ଏକର ଏବଂ ବେଗୁନିଆର ୭୦୦ ଏକର ଜମିରେ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ହେବା ରାଜ୍ୟର ଯୁବକଯୁବତୀ ମାନଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଏଥି ନିମନ୍ତେ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି କହିଥିଲେ। ଉକ୍ତ ବୈଠକରେ ଯୋଗଦେଇ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ କହିଲେ ଯେ, ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ହେଲେ ସ୍ଥାନୀୟ ବାସିନ୍ଦାମାନଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ବରୁଣେଇ ଓ ଖୋର୍ଦ୍ଧା ସହରର ବିକାଶ କ୍ଷେତ୍ରରେ ଏହି ଉଦ୍ୟୋଗଗୁଡ଼ିକ ସହଯୋଗ କରିବେ। ଖୋର୍ଦ୍ଧା ଭଳି ବୀର ମାଟିରେ ସ୍ମୃତି ରକ୍ଷା କ୍ଷେତ୍ରରେ ବିଭିନ୍ନ ସଂସ୍ଥା ସହଯୋଗ କରିବା ନିମନ୍ତେ ସେ ପରାମର୍ଶ ଦେଇଥିଲେ। ସଂପୃକ୍ତ ଅଞ୍ଚଳକୁ ଯୋଗାଯୋଗ, ପାର୍କିଂ, ଆଲୋକୀକରଣ, ସାଧାରଣ ସୁବିଧା ଉପଲବ୍ଧ କରିବା ନିମନ୍ତେ ସମସ୍ତ ସହଯୋଗ କରାଯିବ ବୋଲି ଶ୍ରୀ ଜଗଦେବ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଯୋଗଦେଇ ସେମାନଙ୍କ ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ଶିଳ୍ପୋଦ୍ୟୋଗ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିବା ସହ ଏଥି ନିମନ୍ତେ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ମନ୍ତ୍ରୀଙ୍କ ଖୋର୍ଦ୍ଧା ଗସ୍ତ ଓ ସମୀକ୍ଷା ବୈଠକ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା,ଇଡ୍କୋର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ,ଏମଡି ଇଡକୋ ସୁଶ୍ରୀସ୍ମିତା ପ୍ରଧାନ, ଆସିଷ୍ଟାଂଟ ମାନେଜର, ଇଡକୋ ହେମାବତୀ ପାତ୍ର, ଡିଭିଜନ ହେଡ୍, ଇଡକୋ ପ୍ରଜ୍ଞାଦାରା ମିଶ୍ର, ସି ଜି ଏମ, ଭୂମି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ,ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏବଂ ସାଫଲ୍ୟମଣ୍ଡିତ ପ୍ରଧାନ, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି,ଖୋର୍ଦ୍ଧା ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ, ଭୁବନେଶ୍ୱର ଉପଜିଲ୍ଲାପାଳ ନୀତିଶ ତ୍ରିପାଠୀ, ମାନସ ରଞ୍ଜନ ସ୍ୱାଇଁ , ତହସିଲଦାର ଖୋର୍ଦ୍ଧା, ଓମ ପ୍ରକାଶ ଶତପଥି, ଟି . ଏଲ. ଆଇ. ପି . ଇ ଇଡ୍କୋ, ଶିକ୍ଷ ବିଭାଗ ଜିତେନ୍ଦ୍ରିୟ ଜେନାଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୭୮ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, ୦୪/୦୮ (ନି.ପ୍ର): ଶନିବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ବିଜେବି ଉଚ୍ଚ ବିଦ୍ୟାଳୟର ପଡିଆରେ ୭୮ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲାସ୍ତରୀୟ ଉତ୍ସବ ପାଳନ ନେଇ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଦାୟିତ୍ୱ ତୁଲାଇବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ପ୍ରସ୍ତୁତି ବୈଠକର ନିଷ୍ପତି ଅନୁଯାୟୀ ଅଗଷ୍ଟ ୧୫ ତାରିଖ ଦିନ ପ୍ରାତଃ ୪.୩୦ ମି . ସମୟରେ ସହରରେ ଡ଼ାକବାଜି ଯନ୍ତ୍ର ଦ୍ୱାରା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ପରିବେଷଣ କରାଯିବ । ସେହିପରି ସକାଳ ୭ ଘଟିକା ସୁଦ୍ଧା ସହର ସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବ। ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ମାନଙ୍କରେ ପୂର୍ବାହ୍ନ ଘ ୭.୩୦ଟାରେ ଜାତୀୟ ପତାକା ଉତୋଳନ କରାଯିବ । ପୂର୍ବାହ୍ନ ପୂର୍ବାହ୍ନ ଘ ୯.୧୫ ମି. ସମୟରେ ବି ଜେ ବି ଉଚ୍ଚ ବିଦ୍ୟାଳୟ ପଡିଆଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତୋଳନ, ସମ୍ମିଳିତ ପ୍ୟାରେଡ ପରିଦର୍ଶନ ଓ ଅଭିବାଦନ ଗ୍ରହଣ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ୟାରେଡ ପ୍ରଦର୍ଶନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଜ୍ଞାପନ ମେଢର ପ୍ରଦର୍ଶନ, ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ଉତ୍ସର୍ଗୀକୃତ ସେବା ପାଇଁ ସମ୍ମାନିତ, ମିଳିତ ପ୍ୟାରେଡରେ କୃତିତ୍ୱ ଅର୍ଜନ କରିଥିବା ଶିକ୍ଷାନୁଷ୍ଠାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାର ପୁରସ୍କାର ପ୍ରଦାନ କରାଯିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଉପଜିଲ୍ଲାପାଳ ଦିପ୍ତି ରଞ୍ଜନ ସେଠୀ , ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, କସ୍ତୂରିବାଳା ଜେନା, ଖୋର୍ଦ୍ଧା ବିଧାୟକଙ୍କ ପ୍ରତିନିଧି ନଗେନ ଚନ୍ଦ୍ର ସାହୁ , ସି ଡି ଏମ ଓ , ରାଜଲକ୍ଷ୍ମୀ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନା ଘୁଥ ତରାଇ ,ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ,ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଜିଲ୍ଲା ସୂଚନ ଓ ଲୋକ ସମ୍ପର୍କ ଅଧିକାରୀ ବୈଠକ ପରିଚାଳନା କରିବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେଶି ମଦ ଚାଲାଣ ବେଳେ ଚଢାଉ: ୪ ଗିରଫ

ଜୟପୁର, ୦୪/୦୮ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଅପରାହ୍ନ ୪ଟାରେ ଚଢାଉ କରାଯାଇ ୪ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ମୁଳାସର ଗ୍ରାମର ଅଭି ଖେତ, ଗଡପଦର ବିନୋଦ ବେନିୟା, ସାମଦାସପୁଟ ଗ୍ରାମର ମଙ୍ଗଳା ବୁରୁଡି ଓ ପାଲ୍ଲିଗୁଡା ସଦା ଗୌଡ । ଜୟପୁର ଅବକାରି ଥାନା ସୁଚନା ଅନୁଯାଇ ଦେଶି ମଦ ଚାଲାଣ ହେଉଥିବା ସୁଚନା ପାଇ ମୁଳାସର, ଗଡପଦର ସାମଦାସପୁଟ ଓ ପାଲ୍ଲିଗୁଡା ଗ୍ରାମ ରାସ୍ତାରେ ଚଢାଉ କରିଥିଲା । ଚଢାଉ କର ୩୫ ଲିଟର ଦେଶି ମଦ ଜବତ କରିଛି । ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରି ବିହାରି ମିଶ୍ର ସୁଚନା ଦେଇଛନ୍ତି ।

# ସୋମନାଥ କେଲାଡିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଜୟପୁର, ୦୪/୦୮ (ନି.ପ୍ର): ଜୟପୁର ଗୀତାଞ୍ଜଳି ମଣ୍ଡପ ଠାରେ ସୋମନାଥ କେଲାଡ଼ିଙ୍କ ପ୍ରଥମ ପୁଣ୍ୟ ତିଥିରେ "ଏକ ସାମ୍ ସୋମନାଥ କେଲାଡ଼ି କେ ନାମ୍" କାର୍ଯ୍ୟକ୍ରମ ଆୟାଜିତ ହୋଇଯାଇଛି । ଏହାକୁ କେଲାଡ଼ି ପରିବାର ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲା କଳାକାରଙ୍କ ପକ୍ଷରୁ ଆୟୋଜନ କରାଯାଇଥିଲା । ଏଥିରେ ମହମ୍ମଦ ରଫି ଏବଂ ସୋମନାଥ କେଲାଡ଼ିଙ୍କୁ ସ୍ମୃତିର ସହ ସମ୍ମାନ ଜଣାଇ ସଂଗୀତ ଓ ବାଦ୍ୟଯନ୍ତ୍ର ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ପ୍ରଦୀପ ପ୍ରଜ୍ଜଳନ କରି ଆରମ୍ଭ କରିଥିଲେ । ଏଥିରେ ମଦନ ମୋହନ କେଲାଡ଼ି, ସନାତନ ପୁରୋହିତ, ନିଳ ବେହେରା, ପ୍ରଜ୍ଞା ପଣ୍ଡା, ନିହାରିକା ସାହୁ, ସୁନୀଲ ପାଣିଗ୍ରାହୀ, ରାମୋ କୁଲଦୀପ, ଶ୍ରୀତମ ସାମନ୍ତରାୟ, ପଂଚମ ସାମନ୍ତରୟ, ଯୋଗେନ୍ଦ୍ର ମହାପାତ୍ର, କଲରାଜ ଶର୍ମା, ସଂଜୀବନୀ ପଣ୍ଡା, ସୁରଜ, କସ୍ତୁରୀ ରଥ, ଅଶୋକ ଠାକୁର ପ୍ରମୁଖ ସଂଗୀତ ପରିବେଷଣ କରିଥିବା ବେଳେ ବାଦ୍ୟଯନ୍ତ୍ରରେ କେ.ସନ୍ତୋଷ କୁମାର ରାଓ, ସୁରେଶ ମହାନ୍ତି, ଈଶ୍ୱର ଶରାଫ, ତରୁଣ ପାଣି, ଉମେଶ କୁମାର ପାଣିଗ୍ରାହୀ, କୁଞ୍ଜ ସିଂ, ଧର୍ମେନ୍ଦ୍ର, ଆକାଶ ସାମନ୍ତରାୟ, ବିକାଶ ହନ୍ତାଳ, ଅଶୋକ ମହାନ୍ତି, ଜଗଦୀଶ ରାଓ, କାଜଲ ପ୍ରଧାନ, ମୁନ୍ନା, ସଂନ୍ଧ୍ୟା ପାଣି ପ୍ରମୁଖ ଭାଗ ନେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଭରତ ରଥ, ବବୁଲୁ, ବିକ୍ରମ କେଲାଡ଼ି, ପ୍ରିନ୍ସି କେଲାଡି, ରାଜା କେଲାଡ଼ି, ଧିରେନ୍ ମୋହନ ପଟ୍ଟନାୟକ, ନିହାର ରଂଜନ ମହାନ୍ତି ପ୍ରମୁଖ ପ୍ରମୁଖ ଭୂମିକା ନେଇଥିଲେ।

# ଆଦିବାସୀ ଗାଁ କଂଟାଝରୀକୁ ବିକାଶ ଛୁଇଁବ କେବେ ? ସ୍ୱାଧିନତାର ଦୀର୍ଘବର୍ଷ ପରେ ବି ମୌଳିକ ସୁବିଧା ସାତସପନ

ହରିଚନ୍ଦନପୁର, ୦୪/୦୮ (ନି.ପ୍ର): ଦେଶ ସ୍ୱାଧୀନର ଦିର୍ଘବର୍ଷ ପରେ ମଧ ସ୍ୱାଧୀନତାର ଅମୃତ ଚାଖି ପାରିନାହାଁନ୍ତି ଦୁର୍ଗମ ଅଂଚଳବାସୀ, ପ୍ରତି ମୂହୁର୍ତରେ ଜୀଉଁଛନ୍ତି ଅଭିଶପ୍ତ ଜୀବନ । କେବେ ମିଳିବ ସେମାନଙ୍କୁ ମୌଳିକ ସୁବିଧା, ସେ ନେଇ ଚାତକ ପରି ଚାହିଁ ରହିଛନ୍ତି ସ୍ଥାନୀୟ ଲୋକେ । ଆମେ କହୁଛୁ କେନ୍ଦୁଝର ଜିଲ୍ଲାର ଆଦିବାସୀ ଅଧୁଷିତ ହରିଚନ୍ଦନପୁର ବ୍ଲକ ବରେଇଗୋଡା ପଂଚାୟତ ଅନ୍ତର୍ଗତ ତାଳପଦାର ଦୁର୍ଗମ 'କଂଟାଝରୀ' ସାହିର କଥା । ଏହି ପଂଚାୟତର ଦୁର୍ଗମ ବଡ଼ଜେମେଇର ଜୁଆଙ୍ଗ ଜନଜାତିମାନଙ୍କ ପାଖରେ ପହଂଚି ପାରୁନାହିଁ ସରକାରୀ ସୁବିଧା ସୁଯୋଗ । ଯାହା କେନ୍ଦୁଝର ଜିଲ୍ଲାର ନଗଡା ଭାବେ ପୂର୍ବରୁ ବେଶ୍ ପରିଚିତ ବୋଲି ଅନୁମେୟ। ତେବେ ହରିଚନ୍ଦନପୁର ଠାରୁ ଦୈତାରୀ ମାଇନ୍ସ ଯିବା ବାଟରେ ପଡ଼େ କଂଟାଝରୀ ସାହି, ଦୈତାରୀ ଖଣି ଠାରୁ ମାତ୍ର ଚାରି କିଲୋମିଟର ଦୂରରେ ରହିଛି ଏହି ସାହି । ହେଲେ ଆଜିବି ଏଠାରେ ଦେଖିବାକୁ ମିଳେନାହିଁ ବିକାଶର ପାଦ ଚିହ୍ନ । ପାନୀୟଜଳ, ଶିକ୍ଷା, ଗମନାଗମନ ସହିତ ବିଜୁଳି ଆଲୁଅ ଭଳି ମୌଳିକ ସୁବିଧା ଏଠାରେ ଅପହଂଚ ହୋଇ ରହିଛି । ଏଠାରେ ଗମନାଗମନ ପାଇଁ ତାଳପଦା ଦୈତାରୀ ରାସ୍ତା ଠାରୁ ପାଖାପାଖି ଏକ କିଲୋମିଟର କଂଟାଝରୀ ପର୍ଯ୍ୟନ୍ତ ରାସ୍ତା ଏବଂ ପୋଲ ନିର୍ମାଣ ନିମନ୍ତେ ବ୍ୟୟବରାଦରେ ରାସ୍ତା ନିର୍ମାଣ ହୋଇଥିଲେ ହେଁ ସ୍ଥାନୀୟ ନାଳରେ ପୋଲ ନିର୍ମାଣ ହୋଇପାରିନାହିଁ ଯାହା ଫଳରେ ବର୍ଷା ହେଲେ ଉକ୍ତ ସାହି ସହିତ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଛିନ୍ନ ହୋଇଯାଇଥାଏ । ଲୋକେ ପିଡିଏସ୍ ସାମଗ୍ରୀ, ଅତ୍ୟାବଶ୍ୟକ ସାମଗ୍ରୀ ଆଣିବା କିମ୍ବା ଛାତ୍ରଛାତ୍ରୀଙ୍କୁ ସ୍କୁଲ ଯିବା ଆସିବା ପାଇଁ ଏଠାରେ ଜୀବନ ବାଜିରେ ଲାଗୁଥିବା ଦୃଶ୍ୟ ଦେଖିବାକୁ ମିଳେ । ରୋଗୀ କିମ୍ବା ଗର୍ଭବତୀ ମହିଳାମାନଙ୍କ କଥା ନ କହିବା ଭଲ, ନାଳ ପାର ହୋଇ ଆମ୍ବୁଲାନ୍ସ ପାଖରେ ପହଂଚିଲେ ଜୀବନ ବଂଚେ, ନଚେତ୍ ଜୀବନ ଯିବାଟି ନିଶ୍ଚିତ ବୋଲି ଦେଖିଲେ ଜାଣି ହେଉଛି । ସାହିରେ ନା ସ୍ୱଚ୍ଛ ପାନୀୟ ଜଳ, ଫଳରେ ପାଖ ନାଳରୁ ଚୂଆ କରି ବର୍ଷ ଯାକ ପାଣି ବ୍ୟବହାର କରିଥାନ୍ତି । ବର୍ଷା ହେଲେ ପାଣି ଗୋଳିଆ ହେଉଥିବା ବେଳେ ବାଧ ହୋଇ ସେହି ପାଣିକୁ ପିଇ ଜୀବନ ବଂଚାଇଥାନ୍ତି । ପୂର୍ବରୁ ଥିବା ଏକ ମାତ୍ର ନିର୍ଭର ଯୋଗ୍ୟ ନଳକୂପ, ଦିର୍ଘ ଦିନରୁ ଅଚଳ ହୋଇପଡିଛି, ନା ହେଉଛି ତାର ମରାମତି, ନା ନୂଆ ନଳକୂପ ଖନନ କରାଯାଉଛି । ଯାହା ଫଳରେ ପିଇବା ପାଣି ପାଇଁ ସାହିବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ମୁଖ୍ୟତଃ ଦୂଷିତ ଜଳ ପିଇ ବିଭିନ୍ନ ରୋଗରେ ପିଡିତ ହେଉଥିବା ପୂର୍ବରୁ ନଜିର ମଧ ରହିଛି । ବିଜୁଳି ଆଲୁଅ ଏମାନଙ୍କ ପାଇଁ ସାତସପନ ପାଲଟିଥିବା ବେଳେ ସଞ୍ଜ ନଇଁବା ମାତ୍ରେ ବନ୍ୟଜନ୍ତୁ ଭୟରେ ଘରର କବାଟ ପଡିଯାଏ । କେତେ ଗୁଡିଏ ସୋଲାର ଲାଇଟ ଛଡା ଆଉ କିଛି ନାହିଁ, କାହିଁ କେତେ କାଳରୁ ବିଦ୍ୟୁତ ଖୁଂଟ ପୋତା ଯାଇଛି ହେଲେ ବିଦ୍ୟୁତ ସଂଯୋଗ କେବେ ହେବ ତାହା କାହାକୁ ବର୍ତମାନ ପର୍ଯ୍ୟନ୍ତ ଜଣାନାହିଁ । ଗୋଟିଏ ପଟେ ରାଜ୍ୟ ସରକାର ଆଦିବାସୀମାନଙ୍କ ପାଇଁ ବାର୍ଷିକ କୋଟିକୋଟି ଟଙ୍କାର ଯୋଜନା ଉପରେ ଯୋଜନା କରି ରାଜସ୍ୱ ଖର୍ଚ୍ଚ କରୁଥିବାବେଳେ ବାସ୍ତବରେ ଏବେବି ଆଦିବାସୀମାନଙ୍କ ବିକାଶ ହୋଇପାରିନାହିଁ । ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠି କାର୍ଯ୍ୟ କରୁଥିବା ବେଳେ ଦୈତାରୀ ଖଣିର ଛାତି ଉପରେ ଥିବା କଂଟାଝରୀ ଗାଁ ଖଣି ପ୍ରଭାବିତ ଅଂଚଳ ହୋଇଥିଲେ ମଧ ବିକାଶ ଶୂନ୍ୟ ହୋଇପଡିଛି । ତେବେ ସାହିବାସୀ ଏ ସମ୍ପର୍କରେ ବାରମ୍ବାର ଦୈତାରୀ ଓଏମସି କର୍ତ୍ତୃପକ୍ଷଙ୍କ ସମେତ ଜିଲ୍ଲାପାଳ ଏବଂ ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନା ଏଠାରେ ପହଂଚି ପାରିନାହିଁ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଏସବୁ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ସାହି ବାସିନ୍ଦାଙ୍କ ସମେତ ଅଂଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି ।

# ପ୍ରଫେସର ସ୍ୱର୍ଗତ ପ୍ରହ୍ଲାଦ ପଣ୍ଡାଙ୍କ ଅଷ୍ଟମ ବାର୍ଷିକୀ ଶ୍ରାଦ୍ଧୋତ୍ସବ

ଗଂଜାମ, ୦୪/୦୮ (ନି.ପ୍ର): ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ଅର୍ଥ ନୀତିର ପ୍ରଫେସର ସ୍ୱର୍ଗତ ପ୍ରହଲ୍ଲାଦ ପଣ୍ଡାଙ୍କ ଅଷ୍ଟମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଓ ଶ୍ରଦ୍ଧାଞ୍ଜଳୀ ସଭା ଗଂଜାମ ଜିଲ୍ଲା ବିକାଶ ପରିଷଦ ତରଫରୁ ବ୍ରହ୍ମପୁର ଉତ୍କଳ ଆଶ୍ରମ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ନବୀନର ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ରବି ରଥ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସ୍ୱର୍ଗତ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଦକ୍ଷିଣ ଓଡ଼ିଶା ପ୍ରତି ସମସ୍ତ ସରକାରଙ୍କ ଅବହେଳାକୁ ସମାଲୋଚନା କରିଥିଲେ ଏବଂ ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନ ପାଇଁ ପ୍ରସ୍ତାବ ରଖିଥିଲେ। ମାନବ ଅଧିକାର ସୁରକ୍ଷାର ଆବାହକ ଅବନୀ କୁମାର ଗୟା ନିଜ ବକ୍ତବ୍ୟରେ ସ୍ୱର୍ଗତ ପ୍ରଫେସର ପଣ୍ଡାଙ୍କ ଜୀବନ ଦର୍ଶନ ଓ ଗଂଜାମ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ତାଙ୍କର ଆତ୍ମୀୟତା , ଯୁବ ସମାଜକୁ ପଥ ଭ୍ରଷ୍ଟରୁ କ୍ଷାନ୍ତ ରହିବା ପାଇଁ ପରାମର୍ଶ ଏବଂ ଦକ୍ଷିଣ ଓଡ଼ିଶାର ଉନ୍ନତି ପାଇଁ ରାଜନୈତିକ ଉଦ୍ୟମ ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିବା ସ୍ମୃତିଚାରଣ କରିଥିଲେ। ବରିଷ୍ଠ ଶିକ୍ଷକ ନେତା କାମରାଜୁ ମହାରଣା ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତି ରକ୍ଷା ପାଇଁ ତାଙ୍କର ଜନ୍ମ ମାଟି ଗଣ୍ଡଲା ଗ୍ରାମରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ମହାସଂଘର ସଂପାଦକ ଅଶୋକ କୁମାର ଦଳାଇ ଶିକ୍ଷାବିତ୍ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ପ୍ରଶାନ୍ତ ମହାରଣା ( ବିଶ୍ୱଦେବ),ପ୍ରୀତିଶ ପାଣିଗ୍ରାହୀ,ମାନସ ରଂଜନ ପାତ୍ର ,ଶିବ ପ୍ରସାଦ ମିଶ୍ର,ହାଡିବନ୍ଧୁ ମାଳି ପ୍ରମୁଖ ଉଦବୋଧନ ଦେଇ ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନ ପ୍ରସ୍ତାବକୁ ସମର୍ଥନ କରିଥିଲେ।ଶେଷରେ ସଂପାଦକ ସଂଜୀବ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କଦମପଡା ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ବଲାଙ୍ଗିର, ୦୪/୦୮ (ନି.ପ୍ର): ବଲାଙ୍ଗୀର ସ୍ଥିତ କଦମପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା-୨୦୨୪ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନ ଅବସରରେ ମୁଖ୍ୟ ଅତିଥି ରୂପେ ସନାତନ ଠାକୁର ଯୋଗ ଦେଇଥିଲେ । ମଂଚାସୀନ ଅତିଥିଙ୍କ ପରିଚୟ ପ୍ରଧାନାଚାର୍ଯ୍ୟ କରିଥିବା ବେଳେ ସଂଯୋଜନା ଉଦଘାଟନ ରେ ଛାତ୍ର ପ୍ରତ୍ୟୁଷ ତ୍ରିପାଠୀ ଓ ଛାତ୍ରୀ ସୁପ୍ରିୟା ନାଏକ ଓ ଉଦଯାପନୀ ଉତ୍ସବରେ ଅରୋସ୍ମିତା ଦେବୀ ବେହେରା ଓ ଶୁଭଶ୍ରୀ କଲେତ କରିଥିଲେ । ସମବେତ ସଙ୍ଗୀତ ଗାନ ପରେ ବିଚାରକ ମାନଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ବିଚାରକଙ୍କ ମଧ୍ୟରେ ବିଷ୍ଣୁ ପ୍ରସାଦ ମିଶ୍ର, ଅମ୍ବରିଶ ମିଶ୍ର, ସବିତା ମିଶ୍ର, ଶୈଳେନ୍ଦ୍ରୀ ପରିଡ଼ା, ଅଞ୍ଜନ ସାଏ, ଧୀରେନ୍ଦ୍ର ମାହାଣା, ସୁଧାନିଧି ମିଶ୍ର, ଜୟକୃଷ୍ଣ ନାଏକ, ଅନନ୍ୟା ମିଶ୍ର, ସରିତା ମେହେର, ଶିବପ୍ରସାଦ ତ୍ରିପାଠୀ, ରାଜାରାମ ପୁରୋହିତ, ଇଲାମୟୀ ପଟ୍ଟନାୟକ, ଅରୁଣ ବେହାରୀ, ସୁନୀଲ ରଣା ଯୋଗଦେଇ ମୋଟ ୧୨୪ଟି ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ । ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ମଧ୍ୟରେ ବ୍ୟକ୍ତିଗତ ଗୀତ, କଥାକଥନ, ତତ୍କାଳିକ ଭାଷଣ, ଛାତ୍ର ନିବନ୍ଧ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରୟୋଗ, ସଂସ୍କୃତି ଜ୍ଞାନ ପ୍ରଶ୍ନ ମଂଚ, ଗଣିତ ପ୍ରଶ୍ନମଂଚ,ବିଜ୍ଞାନ ପ୍ରଶ୍ନମଂଚ ,ବୈଦିକ ଗଣିତ ପ୍ରଶ୍ନମଂଚ, ବିଜ୍ଞାନ ଓ ଗଣିତ ପତ୍ର ବାଚନ ଆଦି ପ୍ରତିଯୋଗିତା ଗୁଡିକ ହୋଇଥିଲା । ଉଦଯାପନୀ ଉତ୍ସବରେ ବିବରଣୀ ପାଠ ସରୋଜ କୁମାର ମିଶ୍ର ଗୁରୁଜୀ କରିଥିଲେ । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ରସାୟନିକ ବିଭାଗର ପ୍ରଧାପକ ତରୁଣ କୁମାର ମିଶ୍ର ଯୋଗ ଦେଇ ନିଜ ବକ୍ତବ୍ୟ ରଖିଥିଲେ । ଆଜିର ପ୍ରତିଯୋଗିତାରେ ବିଭିନ୍ନ ବିଜ୍ଞାନ ପ୍ରକଳ୍ପରେ ଶିଶୁ ବର୍ଗରେ ପାୟଲ ମହାରଣା,ବାଲବର୍ଗରେ ଆର୍ଯ୍ୟନ ନାଏକ, କିଶୋର ବର୍ଗରେ ଆଦ୍ୟାଶା ଦାଶ ପ୍ରଥମ ସ୍ଥାନ ପ୍ରାପ୍ତ କରିଥିଲେ । ମୃତିକଳା ପ୍ରତିଯୋଗିତାରେ ବାଲ ବର୍ଗରେ ଇତିସ୍ମିତା କୁମାର, କିଶୋର ବର୍ଗରେ କ୍ରିଷ୍ଣା ଠାକୁର ପ୍ରଥମ ସ୍ଥାନ ପ୍ରାପ୍ତ କରିଥିଲେ । ଗଣିତ ପ୍ରକଳ୍ପରେ ବାଲ ବର୍ଗରେ ଆୟୁଷ ସାହୁ, କିଶୋର ବର୍ଗରେ ପିୟୁଷ ନାଏକ ପ୍ରଥମ ହୋଇଥିଲେ । ମଂଚାସୀନ ଅତିଥିଙ୍କ ମଧ୍ୟରେ ସଭାପତି ଡ଼.ଭବାନୀ ଶଙ୍କର ପଟେଲ,ଉପସଭାପତ ରବିନ୍ଦ୍ର କୁମାର ପଣ୍ଡା, ସଂପାଦକ ତରଣୀସେନ ପଟେଲ ଉପସ୍ଥିତ ଥିଲେ । ସମସ୍ତ ଉତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମଂଚାସୀନ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଗୁରୁମା ମୀନା ସରାଫ୍ ଧନ୍ୟବାଦ ଅର୍ପଣ କରିଥିଲେ । ଏହିପରି ଗୁରୁଜୀ ସରୋଜ ମିଶ୍ରଙ୍କ ସଂଚାଳନରେ କାର୍ଯ୍ୟକ୍ରମଟି ସଫଳତା ସହ ସମାପ୍ତ ହୋଇଥିଲା ।

# କାର୍ଯ୍ୟକ୍ଷମ ହେଉନି ବିଜୁ ସେତୁ : ସଂଯୋଗିକରଣ ରାସ୍ତା ହେଉନି, ତେଜୁଛି ଜନ ଅସନ୍ତୋଷ : ଆନ୍ଦୋଳନର ଚେତାବନୀ ଦେଲେ ଗ୍ରାମବାସୀ

ଧର୍ମଶାଳା, ୦୪/୦୮ (ନି.ପ୍ର): କେହି କଚ୍ଚା ରାସ୍ତାରେ ଯାତାୟତ କରିବେ ନାହିଁ । ଗ୍ରାମାଚଂଳର ଗମନାଗମନକୁ ଦୃଷ୍ଟିରେ ରଖି ସରକାର ରାସ୍ତା ଓ ସେତୁ ନିର୍ମାଣ କରୁଛନ୍ତି । ଏନେଇ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି । ହେଲେ ପ୍ରଶାସନର ଦୂର ଦୃଷ୍ଟି ଓ ଠିକାଦାରଙ୍କ ଆନ୍ତରିକ ଅଭାବ ଅନେକ ରାସ୍ତା ଅସମ୍ପୂର୍ଣ୍ଣ ହୋଇ ପଡିଥିବା ବେଳେ ଅନେକ ସେତୁ କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି । ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ସେତୁ କାର୍ଯ୍ୟକ୍ଷମ ନ ହେବା ଫଳରେ ଅଂଚଳରେ ଜନଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଚଳରେ । ଏହି ବ୍ଲକ ଅରାବଳ ଓ କୋତପୁର ପଂଚାୟତକୁ ସଂଯୋଗ କରୁଥିବା ବିଜୁ ସେତୁ କ୍ଷେତ୍ରରେ । ଜନସାଧାରଣଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ସରକାର ନଦୀ ଉପରେ ସେତୁ ନିର୍ମାଣ କରୁନ୍ତି । ଏନେଇ କୋଟି କୋଟି ଟଙ୍କା ବ୍ୟୟ ଅଟକଳ କରୁନ୍ତି । ସେତୁ ନିର୍ମାଣର ବହୁ ଦିନ ପରେ ଏହା କାର୍ଯ୍ୟକ୍ଷମ ନ ହେବା ଫଳରେ ଜନଅସନ୍ତୋଷ ବୃଦ୍ଧି ପାଇବା ସହ ଲୋକ ଆନ୍ଦୋଳନ ପାଇଁ ସଜବାଜ ହୋଉଥିବା ଦେଖିବାକୁ ମିଳୁଛି । ଏହି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅରାବଳ ଓ କୋତପୁର ପଂଚାୟତ କ୍ଷେତ୍ରରେ । ଏହି ଦୁଇ ପଂଚାୟତର ସମେତ ସ୍ଥାନୀୟ ୧୦ ଗୋଟି ପଂଚାୟତର ଲୋକେ ବ୍ରାହ୍ମଣୀ ଶାଖା କେଲୁଅ ନଦୀ ପାର ହୋଇ ବିଭିନ୍ନ ଗୁରୁତ୍ୱପୁର୍ଣ୍ଣ ସ୍ଥାନକୁ ନଦୀ ପାର ହୋଇ ଯାତାୟତ କରିଥାନ୍ତି । ଅନ୍ୟପକ୍ଷରେ ଏହି ଅଂଚଳ ଚାଷୀବନ୍ଦୀ ଅଂଚଳ ଭାବେ ବେଶ ପରିଚିତ । ଚାଷ କାର୍ଯ୍ୟ ହେଉ ଅବା ଅମଳ ସମୟରେ ନଦୀ ପରି ହୋଇ ଯିବା ସହ ସ୍କୁଲ କଲେଜ ଓ ମେଡିକାଲକୁ ଯିବାକୁ ବହୁ କଷ୍ଟରେ ଯାତାୟତ କରିଥାନ୍ତି । ନଦୀ ପାର ହୋଇ ନ ଗଲେ ବହୁ ଅଂଚଳ ବୁଲିବୁଲି ଯିବାକୁ ପଡେ । ଏହାକୁ ଦୃଷ୍ଟିରେ ରଖି ୨ ପଂଚାୟତକୁ ସଂଯୋଗ କରିବା ନିମନ୍ତେ ୨୦୦୫ ମସିହାରେ କେଲୁଅ ନଦୀ ଉପରେ ବିଜୁ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଶେଷ ହୋଇଥିଲା । ହେଲେ ସେତୁର ସଂଯୋଗିକରଣ ରାସ୍ତା କାମ ନ ହେବାରୁ ସେତୁ ଅଧପନ୍ତରିଆ ହୋଇପଡି ରହିଛି । ତେବେ ଏହି ସେତୁ ସ୍ଥାନୀୟ ଜଫଳରେ ଲୋକେ ବହୁ କଷ୍ଟରେ ଯାତାୟତ କରିଥାନ୍ତି । ବହୁ ଦାବି ପରେ ଉଭୟ ପାର୍ଶ୍ୱରେ ଠିକାଦାର କିଛି ମାଟି ପକାଇଦେଇ ଯାଇଥିବା ବେଳେ ସାମାନ୍ୟ ବର୍ଷାରେ ଯାତାୟତ କରିବା ଏବେ କଷ୍ଟକର ହୋଇପଡିଛି । ସେପଟେ ବେଆଇନ ବାଲି ଗାଡି ଯାତାୟତ ଫଳରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ହେଲେ ସେତୁ କାର୍ଯ୍ୟ ସରି ଯାଇଥିଲେ ମଧ ଉଭୟ ପାର୍ଶ୍ୱର ସଂଯୋଗିକରଣ ରାସ୍ତା ସ୍ଥାୟୀଭାବେ କାର୍ଯ୍ୟ କରାଯାଇ ନାହିଁ । ସଂଯୋଗିକରଣ ରାସ୍ତା ନ ଥିବାରୁ ସ୍ଥାନୀୟ ଅଂଚଳରେ ଅସେନ୍ତୋଷ ପ୍ରକାଶ ପାଇଛି । ଏନେଇ ବାରମ୍ବାର ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଭାଗୀୟ କର୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନଥିବା ଗ୍ରାମବାସୀ କହିଛନ୍ତି । ଯଦି ସେତୁ କାର୍ଯ୍ୟକ୍ଷମ ନ ହେଲା ତାହା ହେଲେ କାହିଁକି ଏତେ ଟଙ୍କା ଦେଇ ସେତୁ ନିର୍ମାଣ କରାଗଲା ବୋଲି ପ୍ରଶ୍ନ କରିଛନ୍ତି ଅଂଚଳବାସୀ । ସଂଯୋଗିକରଣ ରାସ୍ତା କାର୍ଯ୍ୟ ତୁରନ୍ତ କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନର ମୁଣ୍ଡ ଟେକିବ ବୋଲି ଗ୍ରାମର ନିର୍ମଳ ସାମଲ, ଶଙ୍କର୍ଷଣ ସାମଲ ଓ ସୁଶାନ୍ତ ସାମଲଙ୍କ ସମେତ ଗ୍ରାମର ମୁରବୀମାନେ ଚେତାବନୀ ଦେଇଛନ୍ତି।

# ଲୋଇସିଂହାରେ ବିଶ୍ୱହିନ୍ଦୁ ପରିଷଦର ବୈଠକ

ବଲାଙ୍ଗିର, ୦୪/୦୮ (ନି.ପ୍ର): ଲୋଇସିଂହା କଲେଜ ଛକ ସ୍ଥିତ ବାବାମଠ ପରିସରରେ ବିଶ୍ୱହିନ୍ଦୁ ପରିଷଦର ବୈଠକ ହିମାଂଶୁ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପରିଷଦର ଜିଲ୍ଲା କୋଷାଧ୍ୟକ୍ଷ ରାମଚନ୍ଦ୍ର ପଟେଲ ଏବଂ ସମ୍ମାନିତ ଅତିଥି ଭାବେ ସଂଘ ପ୍ରମୁଖ ଗୌରନିତାଇ ପତ୍ରୀମାଲି, ଜିଲ୍ଲା ଧର୍ମାଚାର୍ଯ୍ୟ ପ୍ରମୁଖ ସମ୍ପୂର୍ଣ୍ଣ ବଢିଆ, ସମ୍ପାଦକ ସଦାନନ୍ଦ ମିଶ୍ର ଯୋଗ ଦେଇଥିଲେ । ଚଳିତ ମାସରେ ହେବାକୁ ଥିବା ସଂଘୀୟ କାର୍ଯ୍ୟକ୍ରମ ଯଥା, ଅଖଣ୍ଡ ଭାରତ ଦିବସ, ରକ୍ଷା ବନ୍ଧନ, ଜନ୍ମାଷ୍ଟମୀ ଓ ବିଶ୍ୱହିନ୍ଦୁ ପରିଷଦର ୬୦ତମ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ ସକାଶେ ବୈଠକରେ ସହମତି ପ୍ରକାଶ ପାଇବା ସହିତ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିଲା ।

# ନିକିରାଇ ଥାନାରେ ଖାଲି ପଦବୀ ପୁରଣ ପାଇଁ ବିଜେପି ନେତାଙ୍କ ଦାବି

କେନ୍ଦ୍ରାପଡ଼ା, ୦୪/୦୮ (ନି.ପ୍ର): ନିକିରାଇ ଥାନାରେ ଖାଲି ପଡିଥିବା ପୋଲିସ କର୍ମଚାରୀଙ୍କ ପଦବୀ ପୁରଣ ପାଇଁ ବିଜେପି ନେତା ମନୋରଂଞ୍ଜନ ଜେନା, ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦାବି ଜଣାଇଛନ୍ତି । ନିକିରାଇ ଥାନା ଅଂଚଳ ଏକ ଗୁରୁତ୍ୱପୂର୍ଣ୍ଣ ଜନଗହଳିପୂର୍ଣ୍ଣ ଅଂଚଳ ହେବାସହ ଏହା ଯାଜପୁର ଜିଲ୍ଲା ସୀମାନ୍ତବର୍ତୀ ଥାନା। ଏହି ଥାନାର ମଞ୍ଜୁରୀ ପଦବୀ ସଂଖ୍ୟା ହେଉଛି ଇନିସପେକ୍ଟର ଜଣେ, ଦୁଇଜଣ ସବଇନିସପେକ୍ଟର, ୬ଜଣ ସହକାରୀ ସବଇନିସପେକ୍ଟର, କନେଷ୍ଟବଳ ୧୨ଜଣ, ହୋମଗାର୍ଡ ୨୦ଜଣ ହୋଇଥିବା ବେଳେ ଅଛନ୍ତି ଜଣେ ଇନିସପେକ୍ଟର, ସବନିସପେକ୍ଟର ଜଣେ, ସହକାରୀ ସବଇନିସପେକ୍ଟର ଜଣେ, ୧୦ଜଣ କନେଷ୍ଟବଳ ଓ ୧୨ଜଣ ହୋମଗାର୍ଡ। ଥାନାରେ ଗୋଟିଏ ସବ୍ଇନିସପେକ୍ଟର, ୫ଟି ସହକାରୀ ସବଇନିସପେକ୍ଟର, ୧୦ଟି କନମେଷ୍ଟବଳ ଓ ୮ଟି ହୋମଗାର୍ଡ ପଦ ଖାଲି ପଡିଥିବାରୁ ଏବେ ଅନେକ ଗୁଡିଏ ମାମଲା ତଦନ୍ତ ନହୋଇ ଦୀର୍ଘଦିନ ଧରି ପଡିରହୁଛି। ଯାହାଫଳରେ ଏହି ଅ ଳରେ ଡକାୟତି, ବାଲିମାଫିଆ, ମଦ ମାଫିଆ, ଅପରାଧୀମାନଙ୍କ ସଂଖ୍ୟା ବଢିବା ସହିତ ଦିନକୁ ଦିନ ଅପରାଧ ବଢି ଚାଲି ଥିବାରୁ ନିକିରାଇ ଥାନାକୁ ଅନ୍ୟ ଏକ ପେଟ୍ରୋଲିଙ୍ଗ ଗାଡି ପ୍ରଦାନ କରାଯିବାକୁ ଶ୍ରୀ ଜେନା ଦାବି କରିଛନ୍ତି। ଏଥିସହିତ ଥାନାରେ ଖାଲି ପଡିଥିବା ଆରକ୍ଷୀ ପଦଗୁଡିକ ପୁରଣ କରାଯିବାକୁ ସେ ଏସପିଙ୍କ ନିକଟରେ ଦାବି କରିଛନ୍ତି। ଏହି ଦାବିପତ୍ରର ନକଲ ଶ୍ରୀ ଜେନା କେନ୍ଦ୍ରାଂଚଳ ଆଇ.ଜି. ପୋଲିସ ମହାନିର୍ଦ୍ଦେଶକ ଓ ଗୃହ ସଚିବଙ୍କୁ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି।

# ଚା' ଦୋକାନରେ ନକଲି ତରଳ ୟୁରିଆ କାରବାର: ୩ ଗିରଫ

ଖୋର୍ଦ୍ଧା, ୦୪/୦୮ (ନି.ପ୍ର): ୧୬ ନଂ ରାଜପଥ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ତୋଟାପଡ଼ା ଛକ ଚା' ଦୋକାନରେ ଦୀର୍ଘ ଦିନ ଧରି ଚାଲିଥିଲା ନକଲି ତରଳ ୟୁରିଆ କାରବାର। ଅସଲି କମ୍ପାନୀର ନକଲି ଲୋଗୋ ବ୍ୟବହାର କରି ନକଲି ତରଳ ୟୁରିଆ ବିକ୍ରି କରୁଥିଲେ। ଇଆଇପିଏଫ (ଇଣ୍ଡିଆ)ପ୍ରା ଲିମିଟେଡ ଗୋଇନ୍ଦା ଅଫିସରଙ୍କ ଅଭିଯୋଗ ଆଧାରରେ ପୋଲିସ ଯାଂଚ ବେଳେ ଏକ ଚା' ଦୋକାନ ରୁ ୬୪ ଟି ଟାଟା ଡିଇଏଫ୍ ଓ ଗଲ୍ଫ ୟୁରିଆ ବାଲ୍ଟି ଜବତ କରିଥିଲା। ସୂଚନା ଅନୁଯାୟୀ କଟକ ଜଗତପୁର ଏକ ଗୋଦାମରେ ଚଢ଼ାଉ ବେଳେ ୨୭୦ ଟାଟା ଡିଇଏଫ୍ ଓ ଗଲ୍ଫ ୟୁରିଆ ବକେଟ, ୪ ପ୍ୟାକେଟ୍ ୟୁରିଆ ବସ୍ତା, ୪୦ଟି ଖାଲି ବକେଟ ଏବଂ ୨ଟି ସିଣ୍ଟେକ୍ସ ଜବତ କରିଛି। ଏହି ମାମଲାରେ ପୋଲିସ ତୋଟାପଡ଼ାର ଏସ୍କେ ୟୁନିଆଦ ଅଲ୍ଲୀ, କଟକ ଗୋଦାମ ମାଲିକ ଶିବ ଚରଣ ସିଂ ଓ ତ୍ରିଲୋଚନ ବେହେରାଙ୍କୁ ଗିରଫ କରିଥିବା ନେଇ ଟାଉନ ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସଦର ଏସ୍ଡିପିଓ ଦିଲ୍ଲୀପ ଦାସ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବଜେଟ ୨୦୨୪-୨୫ ସମ୍ପର୍କିତ ପ୍ୟାନେଲ ଆଲୋଚନା




ବାରିପଦା , ୪/୮ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ବିଭାଗ ଦ୍ୱାରା ୟୁନିୟନ ବଜେଟ ୨୦୨୪-୨୫ ଉପରେ ଏକ ପ୍ୟାନେଲ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ୟାନେଲ ଆଲୋଚନାର ଉଦ୍‌ଘାଟନୀ ସଭାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ଆମେରିକାର ଆମ୍ନିଆ କର୍ପୋରେସନର ବୋର୍ଡ୍ ସଦସ୍ୟ ଶ୍ରୀ ପାର୍ଥ ସାରଥି ମିଶ୍ର, ନାଇଜର ଭୁବନେଶରର ସ୍କୁଲ୍ ଅଫ ହ୍ୟୁମାନିଟିଜ୍ ଆଣ୍ଡ୍ ସୋସିଆଲ୍ ସାଇନ୍‌ସର ସହଯୋଗୀ ପ୍ରଫେସର ଡ. ଅମରେନ୍ଦ୍ର ଦାସ, ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପୂର୍ବତନ ପ୍ରଫେସର ଡ. ଆଦିତ୍ୟ କୁମାର ପାତ୍ର ଓ ବାରିପଦାର ଚାଟାର୍ଡ୍ ଆକାଉଣ୍ଟାଣ୍ଟ୍ ଶ୍ରୀ ପଙ୍କଜ ପାଣିଗ୍ରାହୀ ପ୍ୟାନେଲ୍ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ନିଜ ବକ୍ତବ୍ୟରେ କୁଳପତି ପ୍ରଫେସର ତ୍ରିପାଠୀ ସାଧାରଣ ଲୋକଙ୍କ ଦୃଷ୍ଟିକୋଣରୁ ବଜେଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବାକୁ ପ୍ୟାନେଲିଷ୍ଟମାନଙ୍କୁ ଅନୁରୋଧ କରିବା ବଜେଟ କିପରି ସମସ୍ତଙ୍କ ଜୀବନକୁ ପ୍ରଭାବିତ କରେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପ୍ରଫେସର ଆଦିତ୍ୟ କୁମାର ପାତ୍ର ପ୍ୟାନେଲ ଆଲୋଚନାର ଆରମ୍ଭରେ ୟୁନିୟନ ବଜେଟର ନୀତି, ପ୍ରସ୍ତୁତି, ପ୍ରଣାଳୀ ଓ ବିଭିନ୍ନ କାର୍ଯ୍ୟକଳାପ ଉପରେ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ପ୍ୟାନେଲିଷ୍ଟ ଡ. ଅମରେନ୍ଦ୍ର ଦାସ ଚଳିତ ୟୁନିୟନ ବଜେଟର ଏକ ସମୀକ୍ଷା କରି ଚାକିରି ଏବଂ ଦକ୍ଷତା ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଆବଣ୍ଟନ, ଭିତ୍ତିଭୂମି ସୁଦୃଢ଼ୀକରଣରେ ବିନିଯୋଗ, ଗ୍ରାମୀଣ ଅର୍ଥନୀତିକୁ ବୃଦ୍ଧି ଉପରେ ଗୁରୁତ୍ୱ, ଅକ୍ଷୟ ଶକ୍ତି ନିମନ୍ତେ ସବୁଜ ପଦକ୍ଷେପ ଆଦିର ପ୍ରଂଶସା କରିଥିଲେ । ଶ୍ରୀ ପାର୍ଥ ସାରଥି ମିଶ୍ର ବଜେଟକୁ ସମାଲୋଚନା କରି ଆର୍ଥିକ ନିଅଣ୍ଟ, ସୀମିତ ପ୍ରତ୍ୟକ୍ଷ ଲାଭ, ଘୋଷିତ ଯୋଜନାଗୁଡିକର ପ୍ରଭାବଶାଳୀ କାର୍ଯ୍ୟକାରିତା, ମୁଦ୍ରାସ୍ଫୀତି ଚାପ ଆଦି ବିଷୟରେ ନିଜର ଟିପ୍ପଣୀ ପ୍ରଦାନ କରିଥିଲେ । ଶ୍ରୀ ପଙ୍କଜ ପାଣିଗ୍ରାହୀ ବଜେଟରେ ଟିକସକୁ ଏକ ମୁଖ୍ୟ ଆୟାମ ରୂପେ ବିଚାର କରି ଏହା ସମାଜର ବିଭିନ୍ନ ବର୍ଗକୁ କିପରି ପ୍ରଭାବିତ କରୁଛି ସେ ସମ୍ପର୍କରେ ମତପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ପ୍ରଫେସର କବିତା କୁମାରୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ବିଭାଗୀୟ ପ୍ରଫେସର ମିନତୀ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ସହକାରୀ ପ୍ରଫେସର ଡ. ପ୍ରତାପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନାଚକ୍ରରେ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଗଣ ଯୋଗଦାନ କରିଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ମହାନଦୀକୁ ...

କୁହାଯାଉଛି ଅନ୍‌ଲାଇନ୍ ଗେମ୍‌ରେ ହାରି ଋଣଗ୍ରସ୍ତ ହୋଇଯାଇଥିଲେ। ଯେଉଁଥିପାଇଁ ସେ ଆତ୍ମହତ୍ୟାର ରାସ୍ତା ବାଛିଥିଲେ। ତାଙ୍କର ମୃତଦେହ ଆଜି ପର୍ଯ୍ୟନ୍ତ ମିଳିନି। ଶୁକ୍ରବାର ରାତିରେ ଖାନ୍‌ନଗର ଅଞ୍ଚଳର ମନୋଜ ବେହେରା ମଧ କାଠଯୋଡି ନଦୀକୁ ଡେଇଁଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କର ତାଙ୍କର ପତ୍ତା ମିଳିନି।

### ୬ ଓ ୭ ତାରିଖରେ...

କଳାହାଣ୍ଡି, ବଲାଙ୍ଗିର, ସୋନପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୮ ତାରିଖରେ କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### କେରଳ ଟ୍ରାଜେଡି: ଓଡ଼ିଶାରୁ ...

ଅପରେସନ୍ ବି ଚାଲିଛି। ଏହି ରାଡାର ଭୂପୃଷ୍ଠରୁ ୮୦ ମିଟର ଗଭୀରତା ଯାଏ ମଣିଷ ଫସିଥିବା ନେଇ ସନ୍ଧାନ କରିପାରେ। ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ସହ ପୁନରୁଦ୍ଧାର କାମ ଚାଲିଛି। ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଦୁର୍ଗମ ଅଞ୍ଚଳରୁ ଚାଲିଛି ଏୟାରଲିଫ୍ଟ। ପ୍ରଭାବିତ ଅଞ୍ଚଳରେ ୧୩ ଶହରୁ ଅଧିକ ଲୋକ ରେସକ୍ୟୁ ଅପରେସନରେ ଲାଗିଛନ୍ତି। ଭୂସ୍ଖଳନ ମହାବିପର୍ଯ୍ୟୟରେ ଛାରଖାର ହୋଇଯାଇଛି ୱାୟନାଡ଼୍‌ର ଚୁରଲମାଲା, ମୁଣ୍ଡାକାଇ ଓ ପୁଞ୍ଚୁରି ମାଟମ୍। ଏହି ସବୁ ସ୍ଥାନ ଧ୍ୱଂସସ୍ତୁପ ପାଲଟି ଯାଇଛି। ଭୂସ୍ଖଳନରେ ସବୁଠୁ ବେଶି ପ୍ରଭାବିତ ହୋଇଛି ମେପ୍ପାଡି ପାହାଡ଼ ନିକଟରେ ଥିବା ମୁଣ୍ଡାକାଇ ଗାଁ। ସେହିପରି ପୁଞ୍ଚୁରି ମାଟମରେ ମଧ ଅନେକ ଘର ମାଟିରେ ମିଶିଯାଇଛି।

### ଭୁଶୁଡ଼ିଲା ମନ୍ଦିର...

ଯାଦବ। ମୃତ ପିଲାମାନଙ୍କ ପରିବାର ଲୋକଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି। ସେହିପରି ଆହତମାନେ ଶୀଘ୍ର ସୁସ୍ଥ ହୋଇଯିବେ ବୋଲି ସେ ଆଶା ରଖିଥିବା କହିଛନ୍ତି। କିଛି ଦିନ ତଳେ ମଧ ପ୍ରଦେଶର ରେୱା ଜିଲ୍ଲାରେ ଏକ ଘରର କାନ୍ଥ ପଡ଼ିଯିବାରୁ ୪ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ବୟସ ୫ରୁ୭ ବର୍ଷ ମଧ୍ୟରେ ଥିଲା। ସେମାନେ ସ୍କୁଲରୁ ଫେରୁଥିବା ବେଳେ ଏହି ଘଟଣା ଘଟିଥିଲା। ଏହି ଘଟଣା ପରେ ଉକ୍ତ ଘର ମାଲିକଙ୍କୁ ପୁଲିସ ଗିରଫ କରିଥିଲା। ମଧ ପ୍ରଦେଶରେ ଭୀଷଣ ବର୍ଷା ହେଉଥିବା ବେଳେ ଏଭଳି ଘଟଣାଗୁଡ଼ିକ ଘଟୁଛି। ଚଳିତ ବର୍ଷ ବର୍ଷା ଜନିତ ଦୁର୍ଘଟଣା ଯୋଗୁ ୨୦୦ ଲୋକଙ୍କର ମୃତ୍ୟୁ ଘଟିଛି। ୨୦୬ଟି ଘର ଭାଙ୍ଗି ଥିବା ବେଳେ ୨୪୦୩ ଘର ଆଂଶିକ ଭାବେ ନଷ୍ଟ ହୋଇଛି।

# ରୂପସାର ପ୍ରଥମ ଶାଳପତ୍ର ବ୍ୟବସାୟୀଙ୍କ ପରଲୋକ



ରୂପସା, ୪/୮ (ନି.ପ୍ର): ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ହୀରାପୁର ଗ୍ରାମର ବିଶିଷ୍ଟ ଶାଳପତ୍ର ବ୍ୟବସାୟୀ ରାଧାକୃଷ୍ଣ ପଣ୍ଡା (୯୮) ଙ୍କର ମୃତ୍ୟୁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ । ଏକ ମାସ ଧରି ସେ ତାଙ୍କ ବାଲେଶ୍ୱରସ୍ଥିତ ବାସଭବନରେ ଥିଲେ । ଶନିବାର ରାତିରେ ସେ ହଠାତ ଅସୁସ୍ଥ ହୋଇ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ମର ଶରୀରକୁ ହୀରାପୁରସ୍ଥିତ ଗାଁ ବାସଭବନକୁ ଅଣାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି, ଆତ୍ମୀୟ ସ୍ୱଜନ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱର୍ଗତ ପଣ୍ଡା ରୂପସା ଅଞ୍ଚଳର ପ୍ରଥମ ଶାଳପତ୍ର ବ୍ୟବସାୟୀ ଭାବେ ଖ୍ୟାତି ଅର୍ଜନ କରିଥିଲେ । ସେ ପ୍ରଥମେ ଟ୍ରେନ ଯୋଗେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ଦିଲ୍ଲୀକୁ ଶାଳପତ୍ର ରପ୍ତାନି କରି ବ୍ୟବସାୟ ବୃଦ୍ଧି କରିଥିଲେ । ତାଙ୍କ ମୃତଦେହ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କର ତିନି ପୁଅ ସୁରେନ୍ଦ୍ର, ନରେନ୍ଦ୍ର,ଜିତେନ୍ଦ୍ରଙ୍କ ସମେତ ପୁତ୍ରବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ , ବନ୍ଧୁବାନ୍ଧବ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି ।

# ନୀଳଗିରି ଏନଏସିରେ ହଟଚମଟ, ବିଜେଡି ଛାଡିଲେ ଗୌରାଙ୍ଗ: ବିଜେପିରେ ସାମିଲ



ନୀଳଗିରି, ୪/୮ (ନି.ପ୍ର): ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ଏକ ନୂତନ ସମୀକରଣ ଦେଖିବାକୁ ମିଳିଛି। ବିଗତ ପୌର ନିର୍ବାଚନରେ ୧୩ଗୋଟି କାଉନସିଲର ପଦବୀ ମଧ୍ୟରୁ ୮ଗୋଟି କାଉନସିଲର ହାତେଇ ଏକାକୀ ସଂଖ୍ୟାଗରିଷ୍ଠ ଦଳ ଭାବରେ ଶାସନ କ୍ଷମତାରେ ରହିଥିଲା। ମାତ୍ର ଚଳିତ ସାଧାରଣ ନିର୍ବାଚନ ପରେ ଦଳ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ସନ୍ତୋଷ ଖଟୁଆ ଦଳକୁ ସଂଗଠିତ କରି ରଖିବାରେ ସମର୍ଥ ହୋଇଥିବା ବେଳେ ଶ୍ରୀଯୁକ୍ତ ଖଟୁଆ ଦଳ ଛାଡି ବିଜେପିରେ ସାମିଲ ହୋଇ ବିଧାୟକ ପଦ ହାତେଇଛନ୍ତି। ସେ ବିଜେଡି ଦଳରୁ ଯିବାପରେ ତାଙ୍କ ସମର୍ଥକ କାଉନସିଲର ଏବଂ କାର୍ଯ୍ୟକର୍ତ୍ତା ଜଣେ ପରେ ଜଣେ ବିଜେଡ଼ି ଛାଡି ବିଜେପିରେ ସାମଲ ହେଉଥିବା ଦେଖିବାକୁ ମିଳିଛି। ପୂର୍ବରୁ ଏନଏସିର ୬ଜଣ ବିଜେଡ଼ି କାଉନସିଲର ଏବଂ ଜଣେ ସ୍ୱାଧୀନ କାଉନସିଲର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ସାମିଲ ହୋଇଥିବା ବେଳେ ଆଜି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ଏବଂ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ନୀଳଗିରି ଏନଏସି ୧୦ନଂ ୱାର୍ଡର କାଉନସିଲର ଗୌରାଙ୍ଗ ବିନ୍ଧାଣି ସାଂସଦଙ୍କ ବାସଭବନ ଗୋପୀନାଥପୁର ଠାରେ ବିଧିବଦ୍ଧ ଭାବେ ବିଜେଡ଼ି ଛାଡି ବିଜେପିରେ ସାମିଲ ହୋଇଛନ୍ତି। ଫଳରେ ଏବେ ଏନଏସିରେ ବିଜେପିର କାଉନସିଲରଙ୍କ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ଫଳରେ ବିଜେଡ଼ି ଏବେ ଅଳ୍ପମତକୁ ଆସିଯାଇଥିବାରୁ ଚେୟାରମେନ ପଦବୀରେ ଥିବା ଅମ୍ବିକା ଦାସଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିବାର ସମ୍ଭାବନା ଅଧିକ ରହିଛି। ଏନେଇ ବିଜେଡି ଶିବିରରେ ଏକପ୍ରକାର ଆଶଙ୍କା ଦେଖାଦେଇଛି।

# ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିରରେ ଚିତାଲାଗି ଅମାବାସ୍ୟା ନୀତି ପାଳିତ

କେନ୍ଦ୍ରାପଡ଼ା, ୪/୮ (ନି.ପ୍ର): ତୁଳସୀକ୍ଷେତ୍ରର ପରମ ଆରାଧ୍ୟ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିରରେ ଚିତାଲାଗି ଅମାବାସ୍ୟା ନୀତି ପାଳିତ ହୋଇଯାଇଛି। ଆଜି ପ୍ରତ୍ୟୁଷରେ ପହଡ଼ ଖୋଲା ଯାଇ ଜୟ ମଙ୍ଗଳା ଆଳତି କରାଯାଇଥିଲା। ପରେ ପରେ ନୀତି ସ୍ନାନ, ଗୋପାଳ ବଲ୍ଲଭ ଏବଂ ଦ୍ୱାରପାଳ ପୂଜା ସମ୍ପନ୍ନ ହୋଇଥିଲା। ଦିବା ୧୨ ଘଟିକା ସମୟରେ ସକାଳ ଧୂପ ଲାଗି ହେବା ପରେ ମହାପ୍ରଭୁଙ୍କ ବସ୍ତ୍ର ଓଲାଗି କରାଯାଇ ନୂତନ ବସ୍ତ୍ରପାଟ ମଉଳି ପିନ୍ଧା ଯାଇଥିଲା। ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଭଣ୍ଡାର ଘର ଖୋଲାଯାଇ ସୁବର୍ଣ୍ଣ ଚିତା ଅଣାଯାଇଥିଲା। ସୁନେରି ସେବାୟତଙ୍କୁ ଏହା ହସ୍ତାନ୍ତର କରିବା ପରେ ଆଉ କିଛି ଅଳଙ୍କାର ମିଶାଇ ସମସ୍ତ ସୁବର୍ଣ୍ଣ ଚିତା ଓ ଅଳଙ୍କାର ସେ ଭଣ୍ଡାର ମୋହରଙ୍କୁ ଦେଇଥିଲେ। ବିଧି ଅନୁସାରେ ଭଣ୍ଡାର ମୋହର ଏହାକୁ ପାଳିଆ ପଣ୍ଡା ଅଥବା ପୂଜା ପଣ୍ଡାଙ୍କୁ ରତ୍ନ ସିଂହାସନ ନିକଟରେ ଦେବା ପରେ ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ଦୁର୍ଲ୍ଲଭ ସୁବର୍ଣ୍ଣ ଚିତା ଲାଗି ବେଶ। ଶ୍ରଦ୍ଧା ଓ ସମର୍ପଣର ସହ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗକୁ ରୌପ୍ୟ ଅଳଙ୍କାରରେ ସଜ୍ଜିତ କରିବା ପରେ ଶ୍ରୀ ବଳଦେବ, ମା ସୁଭଦ୍ରା ଏବଂ ଶ୍ରୀ ଜଗନ୍ନାଥଙ୍କ ମସ୍ତକରେ ଲାଗି ହୋଇଥିଲା ସୁବର୍ଣ୍ଣ ରାମାନନ୍ଦୀ ଚିତା। ଶ୍ରୀ ବଳଦେବଙ୍କ ସୁବର୍ଣ୍ଣ ଚିତା ଉପରେ ଶୋଭା ପାଉଥିଲା ଏକ ମର୍କତ ମଣି। ଭୋଗ ମଣ୍ଡପରେ କଳସ ଘଟ ସ୍ଥାପନ ପୂଜା ସମ୍ପନ୍ନ କରାଯାଇ ଚିତଉ ପିଠା ଓ କ୍ଷୀର ଶ୍ରୀଜୀଉଙ୍କୁ ଲାଗି କରାଯାଇଥିଲା। ଆଜି ଦିନ ୧ଟାରୁ ସାଢ଼େ ୩ଟା ମଧ୍ୟରେ ଏହି ନୀତି ସମ୍ପନ୍ନ ହୋଇଥିଲା। ଏହି ଦୁର୍ଲ୍ଲଭ ବେଶ ଏବଂ ଗୁପ୍ତ ନୀତି ସମୟରେ ଗର୍ଭଗୃହକୁ ସର୍ବସାଧାରଣ ପ୍ରବେଶ ନିଷେଧ ରହିଥିଲା। ସଂଧ୍ୟା ଆଳତି ପରେ ରୌପ୍ୟ ଅଳଙ୍କାରେ ସଜ୍ଜିତ ଓ ସୁବର୍ଣ୍ଣ ଚିତାରେ ବିଭୂଷିତ ତିନିଠାକୁରଙ୍କୁ ଭକ୍ତମାନେ ଦର୍ଶନ କରିଥିଲେ। ଏହି ଅପୂର୍ବ କମନୀୟ ବେଶ ଦର୍ଶନ ନିମନ୍ତେ ସନ୍ଧ୍ୟାରେ ଅସମ୍ଭବ ଭିଡ଼ ଲାଗି ରହିଥିଲା। ସୂଚନାଯୋଗ୍ୟ, ଚିତାଲାଗି ଅମାବାସ୍ୟା ବା ଚିତଉ ଉଆଁସ ଓଡ଼ିଶାର ଏକ ଗଣପର୍ବ। ଏହି ଦିନ ଗେଣ୍ଡା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଚିତଉ ଓ ଗଇଁଠା ପିଠା ଅର୍ପଣ କରିବାର ପରମ୍ପରା ରହିଛି। ଚିତାଲାଗି ଅମାବାସ୍ୟା ତିଥିରେ ବ୍ରହ୍ମ ତାଳଧ୍ୱଜ ରଥର ଦଧି କଳସ ଖୋଲା ଯାଇଥାଏ। ଏହା ପରଠୁ ଆରମ୍ଭ ହୁଏ ରଥଭଙ୍ଗା ନୀତି। ଜ୍ୟେଷ୍ଠ ପୂର୍ଣ୍ଣିମାଠାରୁ ଚିତା ଖୋଲା ଯାଇ ଭଣ୍ଡାର ଘରେ ରହିଥାଏ ଏବଂ ଶ୍ରାବଣ ମାସର ଅମାବାସ୍ୟା ତିଥିରେ ଶ୍ରୀ ବଳଦେବ, ମା ସୁଭଦ୍ରା ଏବଂ ଶ୍ରୀ ଜଗନ୍ନାଥଙ୍କ ମସ୍ତକରେ ସୁବର୍ଣ୍ଣ ଚିତା ଲାଗି କରାଯାଇ ଏହି ପବିତ୍ର ନୀତି ପାଳିତ ହୋଇଥାଏ।

# ଖୋର୍ଦ୍ଧାଗଡ଼ର ପୁନଃରୁଦ୍ଧାର ପ୍ରସଙ୍ଗ: ବିଭାଗୀୟ ଅଧିକାରୀମାନଙ୍କର ଅଚାନକ ଗସ୍ତ

## ୭ରେ ଆସିବେ ଉପମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀ




ଖୋର୍ଦ୍ଧା, ୪/୮ (ନି.ପ୍ର): ଭାରତର ଶେଷ ସ୍ୱାଧିନ ଦୁର୍ଗ ତଥା ପାଇକ ବିଦ୍ରୋହର ଏନ୍ତୁଡିଶାଳ ଖୋର୍ଦ୍ଧାଗଡ଼ର ପୁନଃରୁଦ୍ଧାର ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ସ୍ୱତନ୍ତ୍ର ସଚିବ ବାଳମୁକୁନ୍ଦ ଭୂୟାଁ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଏକ ଦାବିପତ୍ର ସହ ପ୍ରକଳ୍ପର ନକ୍ସା ଖୋର୍ଦ୍ଧା ବିକାଶ ମଂଚର ସଭାପତି ନରେନ୍ଦ୍ର ପୃଷ୍ଟି ଖୋର୍ଦ୍ଧାଗଡ଼ ପରିସରରେ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି, ଉପରୋକ୍ତ ଅଧିକାରୀମାନେ ଆଜି ଖୋର୍ଦ୍ଧାଗଡ଼କୁ ଅଚାନକ ପରିଦର୍ଶନରେ ଆସିଥିଲେ । ସେମାନଙ୍କ ସହିତ ଖୋର୍ଦ୍ଧାର ଉପଜିଲ୍ଲାପାଳ ଦିପ୍ତୀରଞ୍ଜନ ସେଠୀ, ତହସିଲଦାର ବିଭାସ ପାଣିଗ୍ରାହୀ, ଖୋର୍ଦ୍ଧା ପୌରଅଧିକାରୀ ରିଜ୍ୱାନା କଅକ୍ସ, ପୂର୍ତ୍ତ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶିବଲାଲ ସାହୁ, ଖୋର୍ଦ୍ଧା ପର୍ଯ୍ୟଟନ ଅଧିକାରୀ ମୀରାବାଇ ବେହେରାଙ୍କ ସମେତ ସ୍ଥାନୀୟ ସମାଜସେବୀ ସଂଜୟ ପଟ୍ଟନାୟକ, ବିଶ୍ୱଜିତ୍ ପ୍ରଧାନ, ଦେବେନ୍ଦ୍ର ଶତପଥି, ରମେଶ ସ୍ୱାଇଁ, ସୁନୀଲ ପ୍ରଧାନ, କିରଣ ଶତପଥି, ଶତୃଘନ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ବିଜୟ ବେହେରା, ଦିପୁ ହୋତାଙ୍କ ସମେତ ସହରର ଅନେକ ବୁଦ୍ଧିଜିବୀମାନେ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଐତିହାସିକ ଦୃଷ୍ଟିକୋଣରୁ ଚିନ୍ତାକଲେ ଖୋର୍ଦ୍ଧାଗଡ଼ ହେଉଛି ଭାରତବର୍ଷର ସବୁଠାରୁ ପବିତ୍ର ସ୍ଥାନ । ଖୋର୍ଦ୍ଧା ରାଜ୍ୟର ପ୍ରତିଷ୍ଠାତା ପ୍ରଥମ ରାଜା ରାମଚନ୍ଦ୍ର ଦେବଙ୍କ ରାଜତ୍ୱକାଳରେ ଷୋଡ଼ଶ ଶତାବ୍ଦୀ ଶେଷ ଭାଗରେ ନିର୍ମାଣ କରାଯାଇଥିଲା ଏହି ଐତିହାସିକ ଦୁର୍ଗ । ୧୫୭୨ ରୁ ୧୮୦୪ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୩୨ ବର୍ଷ ଧରି ଏହି ଦୁର୍ଗ ଥିଲା ଓଡ଼ିଶାର ରାଜଧାନୀ । ଏହିଠାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରଶାସନର ପରିଚାଳନା କରାଯାଉଥିଲା । ଏହି ଅବସରରେ ବିଭାଗୀୟ ଅଧିକାରୀମାନେ ବରୁଣେଇ ମନ୍ଦିରର ଉନ୍ନତିକରଣ, ସୀତାକୁଣ୍ଡକୁ ପାହାଚ, ରୋପୱେ, ବରୁଣେଇ ଉପରେ ରାମମନ୍ଦିର ଇତ୍ୟାଦି ପ୍ରତିଷ୍ଠା କରାଯିବା ସପକ୍ଷରେ ମତବ୍ୟକ୍ତ କରିଥିଲେ । ବରୁଣେଇର ଦକ୍ଷିଣ ପାଶ୍ୱର୍ରେ ସିଆଳିଆଠାରୁ ଆଇ.ଆଇ.ଟି. ପର୍ଯ୍ୟନ୍ତ ପ୍ରସ୍ତାବିତ୍ ନୂତନ ହେରିଟେଜ୍ ରାସ୍ତାର ତଦାରଖ କରିଥିଲେ । ବରୁଣେଇ ନିକଟରେ ପର୍ଯ୍ୟଟକମାନଙ୍କ ରାତ୍ରୀଯାପନ ପାଇଁ କୁଟୀର ଘରମାନ ତିଆରି କରାଯିବା ଉପରେ ମଧ ସେମାନେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ଥାନୀୟ ବିଧାୟକ ଶ୍ରୀ ଜଗଦେବ ପ୍ରକାଶ କରିଥିଲେ ଯେ, ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ଖୋର୍ଦ୍ଧାର ବିକାଶ ପାଇଁ ଶୁଭଦୃଷ୍ଟି ରହିଛି ଏବଂ ଆସନ୍ତା ୭ତାରିଖରେ ଉପମୁଖମନ୍ତ୍ରୀ ପ୍ରଭାତୀ ପରିଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପରିଦର୍ଶନରେ ଆସିବେ ବୋଲି ସୂଚନା ଦେଇଥିଲେ ।

# ରାଜ୍ୟ ପ୍ରାଥମିକ ଶିକ୍ଷକ ଫେଡେରେଶନର ସାମ୍ବିଧାନିକ ତଥା ରାଜ୍ୟ ପରିଷଦ ବୈଠକ

ପୁରୀ, ୪/୮ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ, ୧ ହରିପୁର ରୋଡ୍, ୫ ଖାରବେଳ ନଗରର ରାଜ୍ୟ ପରିଷଦ ବୈଠକ ଶ୍ରୀଗୁଣ୍ଡିଚା ଭକ୍ତ ନିବାସ, ପୁରୀ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ରାଜ୍ୟ ଫେଡେରେଶନର ପଚିଶ ଗୋଟି ସାଂଗଠନିକ ଜିଲ୍ଲାର ପରିଷଦ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ କ୍ଷ ଆଜିର ପରିଷଦ ବୈଠକକୁ ପୁରୀ ଜିଲ୍ଲାର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା ସୁସାହିତ୍ୟିକ ଶଙ୍କର୍ଷଣ ପରିଡ଼ା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ରାଜ୍ୟ ଫେଡରେଶନର ପୂର୍ବତନ ସଧାରଣ ସଂପାଦକ ଶେଖ୍ ଅବଦୁଲ୍ ଖାଲିକ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟର ବରିଷ୍ଠ ଶିକ୍ଷକ ନେତ୍ରୀ ସୁଚିତ୍ରା ଦାଶ ଅତିଥି ପରିଚୟ ଓ ପୁରୀ ଜିଲ୍ଲା ସଂପାଦକ ରାମ ନାରାୟଣ ମିଶ୍ର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଶିକ୍ଷକମାନଙ୍କ ସମସ୍ୟା ଓ ସମ୍ବିଧାନର ବିଧି ବ୍ୟବସ୍ଥା ଉପରେ ବିଶେଷ ଆଲୋଚନା କରାଯାଇ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ ସଭାପତି ପଦରୁ ଗତ ତିରିଶି ଜୁନ୍ ରେ ସାଂଗଠନିକ ଅଚଳ ଅବସ୍ଥାକୁ ଦେଖି ରାଜ୍ୟ ସଙ୍ଗଠନକୁ ଭଙ୍ଗ କରିଥିବା ପଦକ୍ଷେପକୁ ପରିଷଦ ଅନୁମୋଦନ କରି ନୂତନ କର୍ମକର୍ତା ସର୍ବ ସମ୍ମତି କ୍ରମେ ଚୟନକରିଥିଲେ । ଆଜିର ନିର୍ବାଚନ ତତ୍ୱାବଧାରକ ଭାବରେ ସର୍ବଶ୍ରୀ ଭ୍ରମରବର ରାଉତ, ଗୋବିନ୍ଦ ଚନ୍ଦ୍ର ସୂଆର , ପଦ୍ମନାଭ ବେହେରା ଓ ପୂର୍ବତନ ମହାସଚିବ ଅମୀୟ କୁମାର୍ ଦାଶ ଦାୟିତ୍ୱ ନିର୍ବାହ କରିଥିଲେ ।

# ପୀତାମ୍ବର ପଣ୍ଡାଙ୍କ କବିତାଗ୍ରନ୍ଥ 'ମନେପଡ଼େ ଆଜି ପିଲାବେଳ' ଉନ୍ମୋଚିତ




ବାଲେଶ୍ୱର, ୪/୮ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟାରେ କବିତୀର୍ଥ ଶାନ୍ତିକାନନଠାରେ କବି ପୀତାମ୍ବର ପଣ୍ଡାଙ୍କ ଦ୍ୱିତୀୟ କବିତାଗ୍ରନ୍ଥ 'ମନେପଡ଼େ ଆଜି ପିଲାବେଳ' ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ 'ପରିଚୟ' ପତ୍ରିକାର ସଂପାଦିକା ସୁଶ୍ରୀ ଅରୁଣା ରାୟ ପୁସ୍ତକଟିକୁ ଉନ୍ମୋଚନ କରିବା ସହ କବି ପୀତାମ୍ବର ପଣ୍ଡାଙ୍କ କାବ୍ୟକୃତିକୁ ପ୍ରଶଂସା କରିଥିଲେ। ବରେଣ୍ୟ ବକ୍ତା ଭାବରେ ଯଶସ୍ୱୀ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଓ ଚେତନା ସାହିତ୍ୟ ସଂସଦର ମୁଖ୍ୟ ଶରତଚନ୍ଦ୍ର ମହାପାତ୍ର ପୁସ୍ତକଟିକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ପିଲାବେଳର ସ୍ମୃତି ହିଁ ମଣିଷ ମନରେ ସର୍ବଦା ଆନନ୍ଦ ଭରିଦିଏ ବୋଲି ମତ ଦେଇଥିଲେ। କବି ପୀତାମ୍ବର ପଣ୍ଡା ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍ ସୂଚନା ଦେଇଥିବାବେଳେ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିକିତ୍ସା ହେଲଥ୍ କେୟାର ବିରୋଧରେ ରାଜରାସ୍ତାରେ ଗର୍ଜିଲେ ଆମ୍ବୁଲାନ୍ସ ଚାଳକ ସଂଘ

ଧର୍ମଶାଳା, ୪/୮ (ନି.ପ୍ର): ଶୁକ୍ରବାର ଦିନ ଯାଜପୁର ଜିଲା ରସୁଲପୁର ବ୍ଲକ ଓଡିଶୋ ପଂଚାୟତର ମାନପୁର ଗ୍ରାମର ୧୦୮ ଆମ୍ବୁଲାନ୍ସ କର୍ମଚାରୀ ପ୍ରଶାନ୍ତ କୁମାର ଦାସ କାର୍ଯ୍ୟରେ ଥାଇ ଗାଡିରୁ ଖସି ପଡି ମୃତ୍ୟୁ ବରଣ କରିଥିଲେ। ୧୦୮ ଦାୟିତ୍ୱରେ ଥିବା ସଂସ୍ଥା କିଛି ସହାୟତା ଦେଇ ନାହିଁ। ଫଳରେ ଆଜି ଯାଜପୁର ଜିଲା ୧୦୮ ଆମ୍ବୁଲାନ୍ସ ଚାଳକ ସଂଘ ପକ୍ଷରୁ କର୍ମଚାରୀମାନେ ଧର୍ମଶାଳା ବ୍ଲକ ଜାରକା ନିକଟସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ଏକାଠି ହୋଇଥିଲେ । ଚିକିତ୍ସା ହେଲଥ୍ କେୟାର ସଂସ୍ଥା ବିରୋଧରେ ରଣ ହୁଙ୍କାର ଦେଇଥିଲେ । ପ୍ରତିବାଦ ସ୍ୱରୂପ ଆଜି ଜିଲାର ସମସ୍ତ ୧୦୮ ଆମ୍ବୁଲାନ୍ସର ଜିପିଏସକୁ ବନ୍ଦ କରିବା ସହ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ ନ ନେଲେ ଆଗାମୀ ଦିନରେ ରାଜ୍ୟର ୬ ହଜାର ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସେବା ଠପ୍ କରିବେ ବୋଲି ଚେତାବନୀ ଦେଇଥିଲେ । ପରେ ଅପରାହ୍ନରେ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟସ୍ଥ ୧୬ ନଂ ଜାତୀୟ ରାଜପଥରେ ପ୍ରଶାନ୍ତଙ୍କ ମରଶରୀର ବ୍ୟବଚ୍ଛେଦ ହୋଇ ଆସି ପଂହଚିବା ପରେ ସଂଘର କର୍ମଚାରୀ ଉତ୍ୟକ୍ତ ହୋଇ ଶବ ରଖି ଟାୟର ଜାଳି ରାସ୍ତା ଅବରୋଧ କରିଥିଲେ । ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତି ପୁରଣ,ଆମ୍ବୁଲାନ୍ସ କର୍ମଚାରୀଙ୍କୁ ୮ ଘଂଟା ଡିୟୁଟି ଓ ହେଲଥ୍ କେୟାର ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଫଳରେ ଏହି ରାଜପଥ ଉପରେ ପାଖାପାଖି ୧ ଘଂଟା ସମୟ ଗାଡି ଚଳାଚଳରେ ପ୍ରଭାବିତ ହୋଇଥିଲା । ଖବର ପାଇ ଘଟଣାସ୍ଥଳରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁବାଶିଷ ମହାରଣା,ଯାଜପୁର ରୋଡ ଏସ୍‌ଡିପିଓ ସଂଜୟ କୁମାର ପଟ୍ଟନାୟକ,ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ,କୁଆଖିଆ ଥାନା ଅଧିକାରୀ ଓ ବଡଚଣା ଥାନା ଅଧିକାରୀ ଘଟଣାସ୍ଥଳରେ ପଂହଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ । ଫଳରେ ଅଟକିଥିବା ଗାଡିକୁ ଛାଡି ଦିଆ ଯାଇଥିଲା ।

# ମୟୂରଭଞ୍ଜ ସାହିତ୍ୟ ପରିଷଦର 'ଅଙ୍କୁରୋଦଗମ' କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ମୟୂରଭଂଜ, ୪/୮ (ନି.ପ୍ର): ସ୍ୱାଧୀନତାର ଅମୃତକାଳ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷା, ସାହିତ୍ୟ, ସଂସ୍କୃତି ତଥା ଦେଶପ୍ରୀତି ପ୍ରତି ରୁଚିବୃଦ୍ଧି ନିମନ୍ତେ ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଆଗାମୀ ୧୪ ଅଗଷ୍ଟ ୨୦୨୪, ବାରିପଦା ଓ ସହର ନିକଟବର୍ତ୍ତୀ ବିଭିନ୍ନ ହାଇସ୍କୁଲରେ ହେବାକୁ ଥିବା, 'ଅଙ୍କୁରୋଦ୍ଗମ' କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ, ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମହର୍ଷି ପବ୍ଲିକସ୍କୁଲ ସଭାଗୃହରେ ତା:୦୩.୮.୨୦୨୪ ଆୟୋଜନ କରାଯାଇଛି। ବୈଠକରେ ପରିଷଦର ସଭାପତି ପଦ୍ମନାଭ ସାହୁ ପୌରୋହିତ୍ୟ କରିଥିବା ବେଳେ ସମ୍ପାଦକ ଇଂ. ମନୋଜ ଦଳବେହେରା ଓ ସଂଯୋଜକ କୈବଲ୍ୟ ପ୍ରସାଦ ମହାପାତ୍ର କିଭଳି ଭାବେ ପରିଷଦର ସଭ୍ୟ/ସଭ୍ୟା ଏବଂ ସାହିତ୍ୟିକ ସ୍କୁଲରେ ଉପସ୍ଥିତ ରହି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ରାଜ୍ୟ ଓ ଦେଶର ବିଶିଷ୍ଟ ଓ ଅନାଲୋଚିତ ସଂଗ୍ରାମୀମାନଙ୍କ ବିଷୟରେ ଛାତ୍ରଛାତ୍ରୀଙ୍କ ଭିତରେ ବୌଦ୍ଧିକ ତଥ୍ୟର ଆଦାନ ପ୍ରଦାନ କରିବେ ତା ଉପରେ ଆଲୋକପାତ କରିଥିଲେ। ସଭାରେ ପରିଷଦର ଉପ ସଭାପତି ସୁଶ୍ରୀ କାବେରୀ ମିଶ୍ର, ଜୟନ୍ତ କୁମାର ଦ୍ୱାରୀ ଏବଂ ବରିଷ୍ଠ ସଦସ୍ୟ ଅଜିତ କୁମାର କବାଟ କାର୍ଯ୍ୟକ୍ରମଟି ବିଦ୍ୟାଳୟର ଶିକ୍ଷାନିବେଶୀଙ୍କୁ ଜାତୀୟତାରେ ଉଦବୁଦ୍ଧ କରିବାର ଏକ ଅଭିନବ ପ୍ରୟାସ ବୋଲି ଅଭିହିତ କରିଥିଲେ। ଏତଦବ୍ୟତୀତ ବୈଠକରେ ଆଗାମୀ ଅଗଷ୍ଟ ୨୪, ସେପ୍ଟେମ୍ବର ୧୪ ଏବଂ ୨୮ ତାରିଖରେ ଯଥାକ୍ରମେ ଭାରତୀୟ ପ୍ରାଚୀନ ସଂସ୍କୃତି, ମୟୂରଭଞ୍ଜର ଐତିହ୍ୟ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କିତ ବିଦ୍ୟାଳୟସ୍ତରୀୟ ସଚେତନତା ଆଦି ଧାର୍ଯ୍ୟ କାର୍ଯ୍ୟକ୍ରମମାନ କେଉଁଭଳି ଭାବରେ ଆୟୋଜିତ ହେବ ସେ ସମ୍ବନ୍ଧରେ ମଧ୍ୟ ବ୍ୟାପକ ଆଲୋଚନା ହୋଇଥିଲା। ସଦସ୍ୟ/ସଦସ୍ୟା ସର୍ବଶ୍ରୀ ଶଙ୍କର ଜେନା, ବୀଣାପାଣି ପଣ୍ଡା, ଅଶୋକ କୁମାର ପଲେଇ, ଦେବବ୍ରତ ବାରିକ, ଡ. ଶଶୀଧର ବିଶ୍ୱାଳ, ଶିଉଲାଲ ମହାନ୍ତି, ଅଜିତ କୁମାର ପାଣିଗ୍ରାହୀ, ସୁଧାମୟୀ ଦାସ, ସତୀଶ ଚନ୍ଦ୍ର ବେହେରା, ଅଜୟ କୁମାର ପାଳ, ବନମାଳୀ ପାତ୍ର ପ୍ରମୁଖ ବିଷୟଗୁଡିକ ଉପରେ ନିଜନିଜର ସୁଚିନ୍ତିତ ବିଚାର ପ୍ରକଟ କରିଥିଲେ। ଯୁଗ୍ମ ସମ୍ପାଦିକା ବାସନ୍ତୀ ଲତା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଖଇରା ପତଞ୍ଜଳି ସମିତି ପକ୍ଷରୁ ଜଡିବୁଟି ଦିବସ ପାଳନ



ଖଇରା, ୪/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ପତଞ୍ଜଳି କେନ୍ଦ୍ର ପରିସରରେ ଜଡିବୁଟି ଦିବସ ପାଳିତ ହୋଇ ଯାଇଛି । ବିଶିଷ୍ଟ ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତା କରିବା ଅବସରରେ ବିଲୁପ୍ତ ହେଉଥିବା ଔଷଧୀୟ ବୃକ୍ଷ କୁ ସଂରକ୍ଷଣ କରାଯିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଆଜି ବି ସମାଜରେ ତୁଳସୀ, ଗିଲୋୟ, ଘୃତକୁମାରୀ, ହରସୃଙ୍ଗାର ଓ ବାସଙ୍ଗ ପତ୍ର ଭଳି ଔଷଧୀୟ ବୃକ୍ଷ ବିଭିନ୍ନ ରୋଗର ଉପସମ ଲାଗି ବ୍ୟବହାର କରାଯାଉଥିବାରୁ ଏହି ଉପକାରିତାକୁ ମନେରଖି ଆଗାମି ଦିନରେ କିଭଳି ଏହିସବୁ ଗଛ ନିଜ ବାଡି ବଗିଚାରେ ଲଗାଯାଇପାରିବ ଏଥିପ୍ରତି ଯତ୍ନବାନ ହେବାକୁ ବକ୍ତାମାନେ ପ୍ରକାଶ କରିଥିଲେ । ଭାରତ ସ୍ୱାଭିମାନ ମଞ୍ଚର ଜିଲା ପ୍ରଭାରୀ କରୁଣାକର ଶିଅଳ, ଯଶୋମତୀ ଶିଅଳ, ମନୋଜ ଦେ, ଗୋପବନ୍ଧୁ ମଲ୍ଲିକ, ହେମନ୍ତ ମହାନ୍ତି, ଗୋବର୍ଦ୍ଧନ ବାବୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଗ୍ରାମବାସୀଙ୍କୁ ଜଡିବୁଟି ଚାରା ବଣ୍ଟନ କରାଯାଇଥିଲା । ବିଶିଷ୍ଟ ଜଡବୁଟି ବିଶାରଦ ଆଚାର୍ଯ୍ୟ ବାଳକୃଷ୍ଣ ମହାରାଜଙ୍କ ଜନ୍ମଦିବସକୁ ଜଡିବୁଟି ଦିବସ ରୁପେ ପାଳନ କରାଯାଇ ଆସୁଛି ।

# ଗୋପସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବୃକ୍ଷରୋପଣ ଅନୁଷ୍ଠିତ



ନୀଳଗିରି , ୪/୮ (ନି.ପ୍ର): ପ୍ରାକୃତିକ ସୌନ୍ଦର୍ଯ୍ୟ ରେ ଭରପୁର ଦେବଗିରି ପାହାଡ ପାଦଦେଶ ରେ ଅବସ୍ଥିତ, ଶ୍ୟାମସୁନ୍ଦରପୁର ପଞ୍ଚାୟତ ଗୋପ ଗ୍ରାମ ରେ ଥିବା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ, ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ,ବିଧାୟକ ସନ୍ତୋଷ କୁମାର ଖଟୁଆ, ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ, ଉତ୍କଳ ଶିକ୍ଷା ପରିଷଦ ଭୁବନେଶ୍ୱର ର ସମ୍ପାଦକ ଯୋଗେନ୍ଦ୍ର ଦାଶ ପ୍ରତିଷ୍ଠାତା ରତ୍ନାକର ପଣ୍ଡା, ସଭାପତି ପିତାମ୍ବର ଓତା, ସମ୍ପାଦକ ଉମାକାନ୍ତ ଦାସ, ସହ ସମ୍ପାଦକ ରବିନାରାୟଣ ରାଉତ, ଉପ ସଭାପତି କମଳାକାନ୍ତ ରାଉତ, ସମାଜ ସେବି ବସନ୍ତ ରାଉଳ, ସୋମନାଥ ନାୟକ, ପ୍ରଧାନ ଆଚାର୍ଯ୍ୟ ସାଧୁ ଚରଣ ମହାଳିକ ଗୁରୁମା ପୁଷ୍ପାଞ୍ଜଳି ପଣ୍ଡା, ବର୍ଷାରାଣୀ ରାଉଳ, ରଞ୍ଜିତା ରାଉତ, କଳ୍ପିତା ରାଉତ, ମଞ୍ଜୁଲତା ବେହେରା, ଗୁରୁଜୀ ହରିଶଙ୍କର ପରିଡା, ଦିବ୍ୟଜ୍ୟୋତି ବିନ୍ଧାଣି ଙ୍କ ସମେତ ଶତାଧିକ ଛାତ୍ର/ ଛାତ୍ରୀ, ଅଭିଭାବକ/ ଅଭିଭାବିକା ଉପସ୍ଥିତ ରହି, ସ୍କୁଲ ହତା ଭିତରେ ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରି ଥିବା ଦେଖାଯାଇଛି।ବିଧାୟକ ଶ୍ରୀ ଖଟୁଆ ପ୍ରତେକ ଛାତ୍ର ଛାତ୍ରୀ ରୋପଣ କରିଥିବା ବୃକ୍ଷ କୁ, ନିଜ ମା ଙ୍କ ନାମ ରେ ନାମିତ କରିବା ସହିତ ପ୍ରତିଦିନ ସ୍କୁଲ କୁ ଆସି ନିଜ ନିଜ ଗଛ ର ଯତ୍ନ ନିଜେ ନେବା ପାଇଁ ପରାମର୍ଶ ଦେବା ସହିତ ସ୍କୁଲ ରେ ଶ୍ରେଣୀ କକ୍ଷର ଅଭାବ ଅନୁଭବ କରି, ୯ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବା ସହିତ ଗୋପ ଗ୍ରାମ ଭାଗବତ ଟୁଙ୍ଗି କମ୍ୟୁନିଟି ସେଣ୍ଟର ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ସାଂସଦ ଶ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ବିଧାୟକ ସନ୍ତୋଷ ଖଟୁଆ ଙ୍କୁ, ତାଙ୍କର ଏଭଳି ମହତ କାର୍ଯ୍ୟ ପାଇଁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ବେତନଟୀ , ୪/୮ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ହାତୀପତୁକା ସ୍ଥିତ ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ଙ୍କ ଉଦ୍ଦେଶ୍ୟରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ଲମ୍ବୋଦର ପଣ୍ଡା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ମାଣିଦା ସ୍ଥିତ ସହିଦ ସ୍ମୃତି ମହାବିଦ୍ୟାଳୟର ସାହିତ୍ୟ ବିଭାଗ ଅଧ୍ୟାପକ ଡ଼ଃ ଦିଲ୍ଲୀପ କୁମାର ଭୋଇ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ମହାପାତ୍ର, ଶିକ୍ଷକ ଅଚ୍ୟୁତ ମହାପାତ୍ରଙ୍କ ସମେତ ପୂର୍ବତନ ଛାତ୍ରୀଛାତ୍ର ମାନେ ମଧ୍ୟ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଅବସର ନେଇଥିବା ସଂସ୍କୃତ ଶିକ୍ଷକ ମନୋରଞ୍ଜନ କର ମଙ୍ଗଳାଷ୍ଟକ ପାଠ କରିବା ପରେ ଶିକ୍ଷକ ମନୋରଞ୍ଜନ ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରାତନ ତଥା ଅଧ୍ୟୟନରତ ଛାତ୍ରୀ ଛାତ୍ର ମାନେ ବିଦାୟୀ ଶିକ୍ଷକ ମନୋରଞ୍ଜନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିବା ସହିତ ଅଭିନୟ , ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ମୁଖ୍ୟ ବକ୍ତା ଡଃ ଦୀଲ୍ଲିପ ଭୋଇ ନିଜର ବକ୍ତବ୍ୟରେ ଶିକ୍ଷକତା ଜୀବନ ଏକ କୋମଳ ପୁଷ୍ପ ଶଯ୍ୟା ନୁହେଁ ବରଂ ଏହା ତପସ୍ୟା ଓ ସାଧନାର ଉତ୍ସ ବୋଲି ଅଭିହିତ କରିଥିଲେ। ଅନ୍ୟ ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ବିଦାୟୀ ଶିକ୍ଷକ ଶ୍ରୀ କର ଙ୍କ ଦୀର୍ଘ ଶିକ୍ଷକତା ସମୟର ଅଭିଜ୍ଞତା ବ୍ୟକ୍ତ କରିବା ସହ ତାଙ୍କ ଦୀର୍ଘ ଜୀବନ କାମନା କରିଥିଲେ। ଶେଷରେ ଶିକ୍ଷକ ସୁବ୍ରତ ଦୁର୍ଗା ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷାଧିକ ଟଙ୍କାର ବ୍ରାଉନ ସୁଗର ଜବତ୍ : ୨ ଗିରଫ

ସମ୍ବଲପୁର, ୪/୮ (ନି.ପ୍ର): ସମ୍ବଲପୁର ସହରର ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲି ଅଂଚଳରୁ ପୁଣି ଥରେ ଧଳା ଜହର ବା ବ୍ରାଉନ ସୁଗର ଜବତ କରାଯାଇଛି । ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ସୁନାପାଲି ଥାନା ଅଂଚଳରେ ଖାନତଲାସ କରିଥିଲେ । ଏମାନଙ୍କ ଠାରୁ ୨୫ ଗ୍ରାମ୍ ଓଜନର ୨.୫ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗର ଜବତ କରାଯାଇଥିଲା । ଗିରଫ ଅଭିଯୁକ୍ତ ମହମ୍ମଦ କାଲୋ ଏବଂ ପ୍ରକାଶ ଓରାମ୍ଙ୍କ ଠାରୁ ଗୋଟିଏ ଏକ୍ଟିଭା ସ୍କୁଟି ଓ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଜାରି ରହିଥିବା ବେଳେ ବ୍ରାଉନ୍ ସୁଗାରର ଉତ୍ସରେ ପହଞ୍ଚିବା ପାଇଁ ଅନୁସନ୍ଧାନ ଜାରି ରହିଥିବା ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ଅନ୍ୟ ପକ୍ଷରେ ସହରରେ ବେଆଇନ୍ ବ୍ରାଉନ ସୁଗର କାରବାରରେ ସାମିଲ୍ ୧୧ ଜଣଙ୍କୁ ଗତ ମଇ ମାସରୁ ଅବକାରୀ ବିଭାଗ ତରଫରୁ ଗିରଫ କରାଯାଇଛି । ଗତ ଜୁଲାଇ ୩୧ରେ ସୁନାପାଲିରୁ ୨୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରାଯାଇଥିଲା । ଗତ ବର୍ଷ ଅକ୍ଟୋବର ୧୦ ତାରିଖରେ ୧୫ ଗ୍ରାମ୍, ସେପ୍ଟେମ୍ବର ୧୨ରେ ୧୪ ଗ୍ରାମ୍, ସେପ୍ଟେମ୍ବର ୮ରେ ୧୭ ଗ୍ରାମ୍, ୪ରେ ୧୨ ଗ୍ରାମ୍, ଅଗଷ୍ଟ ୨୯ରେ ୧୬ ଗ୍ରାମ୍, ଜୁଲାଇ ୧୬ରେ ୧୩ ଗ୍ରାମ୍, ମଇ ୨୦ରେ ୧୨ ଗ୍ରାମ୍ ଏବଂ ୫ ତାରିଖରେ ୧୯ ଗ୍ରାମ୍ ବ୍ରାଉନ ସୁଗର ଜବତ କରାଯାଇଥିଲା । ତନ୍ମଧ୍ୟରୁ କେବଳ ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲିରେ ଏଥରକୁ ମିଶାଇ ୯ ଥର ବ୍ରାଉନ ସୁଗର ଜବତ କରାଯାଇଛି ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଡଗରା ଡାକ ବଙ୍ଗଳା ପରିସରରେ ଗୁରୁ ଦକ୍ଷିଣା ଉତ୍ସବ



ବାଲିଆପାଳ/ଲଙ୍ଗଳେଶ୍ୱର, ୪/୮ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ରବିବାର ବାଲିଆପାଳ ବ୍ଲକ ଡଗରା ଡାକ ବଙ୍ଗଳା ପରିସରରେ ଗୁରୁ ଦକ୍ଷିଣା ଉତ୍ସବ / ସମର୍ପଣ ଦିବସ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ମାନସ ଦାସ, ଗୌରବ ଅଣ୍ଡିଆ, ଅଦ୍ୱୈତ କୁମାର ବାଗ, ଦେବାନନ୍ଦ ପିଳା, ଜୟ କୃଷ୍ଣ ଜେନା, ଡା ଗୟାରାମ ଗଙ୍ଗାଇ, ଯଯାତି ଦାସ, ହରିପଦ ଦାସ ପ୍ରମୁଖ ଯୋଗ ଦେଇ ସମର୍ପଣ ରାଶି ପ୍ରଦାନ କରିଥିଲେ। ପୂର୍ବତନ ବସ୍ତା ତହସିଲ ବୈଦ୍ଧିକ ପ୍ରମୁଖ ଡା ସୁକାନ୍ତ କୁମାର ଗିରି ବୈଦ୍ଧିକ ମାର୍ଗ ଦର୍ଶନ କରିଥିଲେ। ଉତ୍ସବ ର ପରଂପରା ଓ ଦିବସର ମହତ୍ୱ ସମ୍ପର୍କ ରେ ମଧ୍ୟ କହି ଥିଲେ। ଖଣ୍ଡ ଶାରୀରିକ ପ୍ରମୁଖ ଗୋପାଳ ଚନ୍ଦ, ପୁରାତନ ସ୍ୱୟଂ ସେବକ ମନୋଜ କୁମାର ବାରିକ କାର୍ଯ୍ୟକ୍ରମ କୁ ପରି ଚାଳନା କରିଥିଲେ।ଓଁ ପ୍ରକାଶ ପାତ୍ର ସହଯୋଗ କରିଥିଲେ।

# ଓୟୁଜେ ପାଳିଲା ଓଡ଼ିଆ ସାମ୍ବାଦିକତା ଦିବସ

ବାଲେଶ୍ୱର, ୪/୮ (ନି.ପ୍ର): ବାଲେଶ୍ୱର ନୃତ୍ୟ ସଙ୍ଗୀତ କଳା ମନ୍ଦିର ପରିସରରେ ଆଜି ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି । ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସେଇଠୁ ଆରମ୍ଭର ସମ୍ପାଦକ ଶୁଭେନ୍ଦୁ ଦାସ, ପ୍ରେସ କ୍ଲବର ସଭାପତି ବିପ୍ଳବ କୁମାର ମହାନ୍ତି, ସମାଜ ସେବୀ ପ୍ରଫେସର ଶତୃଘ୍ନ ମଲ୍ଲିକ, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ତୁଷାର କାନ୍ତି ମହାପାତ୍ର, ଯଶୋଦା ନନ୍ଦନ ଆଶ ପ୍ରମୁଖ ଯୋଗଦେଇ ଓଡ଼ିଆ ସାମ୍ବାଦିକତା ଦିବସ ପାଳନର ଅତୀତ ଇତିହାସ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । କର୍ମବୀର ଗୌରୀଶଙ୍କର ରାୟ ୧୮୬୬ ମସିହାରେ କଟକରୁ ପ୍ରଥମ ସମ୍ବାଦପତ୍ର "ଉତ୍କଳ ଦୀପିକା " ପ୍ରକାଶନ କରି ଓଡ଼ିଆ ସାମ୍ବାଦିକତା ସୃଷ୍ଟିର ଅୟମାରମ୍ଭ କରିଥିଲେ ବୋଲି ବକ୍ତା ମାନେ କହିଥିଲେ। ଆଜକୁ ୧୫୮ ବର୍ଷ ତଳେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ପରମ୍ପରା, ଜନସାଧାରଣଙ୍କ ସମସ୍ୟା, ଜନ ଜୀବନ, ଘଟଣା, ଦୁର୍ଘଟଣା ବିଶେଷ କରି ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଦିଗରେ କର୍ମବୀର ଗୌରୀଶଙ୍କର ରାୟ ଙ୍କ ଉତ୍କଳ ଦୀପିକା ର ଦାନ ଅତୁଳନୀୟ ବୋଲି ବକ୍ତାମାନେ କହିଥିଲେ। ଗମନାଗମନ ର ଅସୁବିଧା, ଅତ୍ୟାଧୁନିକ ବ୍ୟବସ୍ଥା ର ଅଭାବ ସତ୍ତ୍ୱେ ଉତ୍କଳ ଦୀପିକା ସରକାରଙ୍କ ପାଇଁ କଣ୍ଟା ସାଜିଥିଲା।ଆଜି ସମ୍ବାଦପତ୍ର, ବୈଦୁତିକ ଗଣମାଧ୍ୟମ, ୱେବ ଚେନାଲ ସମେତ କେତକଣ ବିକାଶ ହୋଇଥିଲେ ମଧ୍ୟ ସେଭଳି ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ। ସାମ୍ବାଦିକ ମାନଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଛି। ସାମ୍ବାଦିକ ମାନେ ଅତୀତର ଇତିହାସକୁ ଅନୁଶୀଳନ କଲେ ଭବିଷ୍ୟତ କୁ ଠିକ୍ ଭାବେ ଦେଖିପାରିବେ ବୋଲି ବକ୍ତା ମାନେ କହିଥିଲେ। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ଅଧକ୍ଷ ତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାତୀୟ କାର୍ଯ୍ୟ କାରିଣୀ ସଦସ୍ୟ ରାମନାରାୟଣ ଶତପଥୀ,ସଂଘର ବରିଷ୍ଠ ସଦସ୍ୟ, ମନୋଜ କୁମାର ରାଉଳ, ଅଜିତ କୁମାର ମହାନ୍ତି, ହାଇଦର ଖାନ, କହ୍ନେଇ ଚରଣ ପ୍ରଧାନ, କମଳାକାନ୍ତ ନାୟକ, ଅରୂପ କୁମାର ଦାସ, ସୋମନାଥ ସାହୁ, ଦେବବ୍ରତ ପାଣିଗ୍ରାହୀ ଅଧିପ କୁମାର ଜେନା, ସେକ.ଅଜୀମ , ସେକ. ନଜୀମ, ରମଣୀ ରଂଜନ ଦାସ, ପ୍ରମୁଖ ଯୋଗଦେଇ ଥିଲେ।

# ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ



ଉଦଳା , ୪/୮ (ନି.ପ୍ର): କପ୍ତିପଦା ଉପଖଣ୍ଡର ଏକମାତ୍ର ମହିଳା ମହାବିଦ୍ୟାଳୟ ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ଉଦଳା ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ୪୧ ତମ ପ୍ରତିଷ୍ଠା ଦିବସ ଚଳିତ ଅଗଷ୍ଟ ୩ ତାରିଖ ଶନିବାର ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ ବୃକ୍ଷ ରୋପଣ ଓ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ +୨ ଓ +୩ର ଛାତ୍ରୀ ମାନେ ମିଳିମିଶି ମହାବିଦ୍ୟାଳୟ ପରିସରରେ ସଫେଇ କାମ କରିବା ସହ ସ୍ଥାନୀୟ ଉପଖଣ୍ଡ ସରକାରୀ ଚିକିତ୍ସାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ । ଏହାପରେ ସମସ୍ତ ଛାତ୍ରୀଙ୍କ ସମେତ ପରିଚାଳନା କମିଟିର ସଦସ୍ୟ ଓ ଅଧ୍ୟାପକ / ଅଧ୍ୟାପିକା / କର୍ମଚାରି ବୃନ୍ଦ ମହାବିଦ୍ୟାଳୟ ପରିସରରେ ପୁର୍ବତନ ମୁଖ୍ୟମନ୍ତ୍ରୀ ୰ ଜାନକି ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ପୁର୍ବତନ ପ୍ରଧାନମନ୍ତ୍ରୀ ୰ ଇନ୍ଦିରାଗାନ୍ଧିଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଭାରପ୍ରାପ୍ତ ଅଧକ୍ଷା ମଂଜୁଳା କଲିଆ ଅଧକ୍ଷତା କରି ଉକ୍ତ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାରେ ନେତୃତ୍ୱ ନେଇଥିବା ପୁର୍ବତନ ବିଧାୟକ ୰ ରାବଣ ମଢ଼େଇ ଓ ୰ ରୋହିଦାସ ସୋରେନଙ୍କ ସମେତ ଉଦଳା ମହାବିଦ୍ୟାଳୟର ପୁର୍ବତନ ଅଧକ୍ଷ ୰ ରମେଶ ଚନ୍ଦ୍ର ଦାଶଙ୍କ ଅବଦାନ କିପରି ଥିଲା ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ମହାବିଦ୍ୟାଳୟ ଗଠନରେ ନେତୃତ୍ୱ ନେଇଥିବା ଦିବଂଗତ ବ୍ୟକ୍ତି ବିଶେଷଙ୍କୁ ମନେପକାଇ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ପରିଚାଳନା କମିଟିର ସଭାପତି ରବିନ୍ଦ୍ର କଟୁଆଳ ମହାବିଦ୍ୟାଳୟ ଗଠନରେ ନେତୃତ୍ୱ ନେଇଥିବା ବରିଷ୍ଠ ନାଗରିକ ଜୟଚନ୍ଦ୍ର ପତ୍ରି, ଉଦଳା ଏନ୍‌ଏସିର ପୁର୍ବତନ ଅଧକ୍ଷ ଲକ୍ଷ୍ମୀକାନ୍ତ ବାରିକ, ପୁର୍ବତନ ଉପାଧକ୍ଷ ପ୍ରଭାତ ପରିଡ଼ା, ପୁର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଆଇନଜିବି ବସନ୍ତ କୁମାର ପରିଡ଼ା ଇତ୍ୟାଦି କିପରି ଭୂମିକା ଲିଭାଇଥିଲେ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ମହାବିଦ୍ୟାଳୟର ଇତିହାସ କେବେ ମଧ୍ୟ ଏହା ଭୁଲିପାରିବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ପରେ କ୍ଷୀରୋଦ ମହାନ୍ତି ତାଙ୍କର ବକ୍ତବ୍ୟରେ ପୂର୍ବତନ ଅଧକ୍ଷା ଡ଼.ଲତା ଭୋଳ, ସଂଯୁକ୍ତା ବାରିକ ଓ ଜୟଶ୍ରୀ ଚୌଧୁରୀ ପ୍ରମୁଖ ମହାବିଦ୍ୟାଳୟ ଗଠନରେ କିପରି ଭୂମିକା ନେଇଥିଲେ ଓ ଦକ୍ଷତାର ସହ ସବୁପ୍ରକାର ପରିସ୍ଥିତିକୁ ସାମନାକରି ଏହାର ମୁକାବିଲା କରିପାରୁଥିଲେ ବକ୍ତବ୍ୟ ମାଧମରେ କହିଥିଲେ । ମହାବିଦ୍ୟାଳୟର ପୁର୍ବତନ ଛାତ୍ରୀ ତଥା ଆଲୁମିନିର ସଂପାଦିକା ସନ୍ତୋଷିନି ମହାନ୍ତି, ପରିଚାଳନା କମିଟିର ସଦସ୍ୟ ମନସୁର ଅଲ୍ଲି ଓ ଚକ୍ରଧର ବେହେରା ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ମହାବିଦ୍ୟାଳୟର ରଜତ ଜୟନ୍ତି ଉତ୍ସବ କେମିତି ପାଳିତ ହୋଇଥିଲା ବର୍ଣ୍ଣନା କରିଥିଲେ । ଅଧ୍ୟାପକ ଅଶ୍ୱିନି ବେହେରା ଓ ସୁବ୍ରତ ପାଣିଗ୍ରାହି ମହାବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନିର ଶାଖା ଖୋଲାଯିବା ସହ ପ୍ରତିବର୍ଷ ଏକ ସ୍ମରଣିକା ପ୍ରକାଶନର ଅବଶ୍ୟକତା ରହିଛି ବୋଲି ବ୍ୟକ୍ତ କରିଥିଲେ । ଅଧ୍ୟାପକ ଗିରିଜା ଶଙ୍କର ପାତ୍ର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା କୁମକୁମ ଦାସ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

# ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ବେତନଟୀ , ୪/୮ (ନି.ପ୍ର): ବେତନଟୀ ବ୍ଲକ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଆଜି ଅପରାହ୍ନରେ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବ୍ଲକ ସଭାଗୃହ ପରିସରରେ ଆୟୋଜିତ ହୋଇଯାଇଛି । କମିଟିର ଅଧକ୍ଷ ବେତନଟୀ ବ୍ଲକ ବିଡ଼ିଓ ଗୋପୀନାଥ ଖଖାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କମିଟିର ସଭାପତି ଜୟନ୍ତ ପଟ୍ଟନାୟକ, ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, କୋଷାଧକ୍ଷ ଉଦିତ କୁମାର ପରିଡା ମଞ୍ଚରେ ଉପସ୍ଥିତ ରହି ସଭାକାର୍ଯ୍ୟକୁ ପରିଚାଳନା କରଥିଲେ । ଆଗାମୀ ସ୍ୱାଧୀନତା ଦିବସ କିପରି ଶାନ୍ତିଶୃଙ୍ଖଳା ସହ ପାଳନ ହେବ ସେ ଦିଗରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା । ଆସନ୍ତା ବୁଧବାର ଦିନ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସିନିଅର, ଜୁନିଅର, ସବ ଜୁନିଅର ମାନଙ୍କ ମଧ୍ୟରେ ଅନେକ ପ୍ରତିଯୋଗିତାମାନ ହେବାର ସ୍ଥିର କରାଯାଇଥିଲା । ସ୍ୱାଧୀନତା ଦିବସ ପୂର୍ବରୁ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ପ୍ୟାରେଡ ପ୍ରାକ୍ଟିସ ପାଇଁ ଅଗଷ୍ଟ ୧୨ ଓ ୧୩ ତାରିଖ ଦିନ ହେବାର ଧାର୍ଯ୍ୟ କରାଯାଇଥିଲା । ଏହି ବୈଠକରେ ବେତନଟୀ ବ୍ଲକର କର୍ମଚାରୀ , ଜଳ ବିଭାଗ, ଶିକ୍ଷା ବିଭାଗ, ବିଦ୍ୟୁତ ବିଭାଗ, ଥାନା, ଡାକ୍ତରଖାନା, ବନ କାର୍ଯ୍ୟାଳୟରୁ ଅଧିକାରୀମାନେ ତଥା ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ସାମ୍ବାଦିକ, ବୁଦ୍ଧିଜୀବୀ ଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ । ଏହି ବୈଠକରେ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଉପସଭାପତି ଉଜ୍ଜଳ କୁମାର ବେହେରା, ସର୍ବେଶ୍ୱର ମହାନ୍ତ, ସମିତି ସଭ୍ୟ ରଣଜିତ ସିଂ, ସମିତି ସଭ୍ୟ କିଶୋର ନାୟକ, ଅନୁପ ଦଣ୍ଡପାଟ, ଗତିକୃଷ୍ଣ ମହାନ୍ତ, ଜୀବନ ପରିଡା, ଚନ୍ଦ୍ର ଶେଖର ବେରା, ସଞ୍ଜୟ ମଢୁଆଳ, ଜନମନ ବେହେରା, ପ୍ରକାଶ ବେହେରା, ସମାଜସେବୀ ରାମେଶ୍ୱର ମିଶ୍ର, ଭବାନୀ ଶଙ୍କର ପରିଡା, ପଦ୍ମମାଳି ମହିଳା ସମ୍ପାଦିକା ପ୍ରଭାତୀ ମହାନ୍ତି, ଅନିନ୍ଦିତା ସାହୁ, ଆନନ୍ଦ ମହାନ୍ତ ଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ରହି ସକ୍ରିୟ ଦାୟିତ୍ୱ ତୁଲାଇ ଥିଲେ । ପରିଶେଷରେ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିପୁଳ ପରିମାଣର ଦେଶୀ ବିଦେଶୀ ମଦ ଜବତ: ୪ ଗିରଫ

ନୀଳଗିରି, ୪/୮ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ ଓ ଜିଲ୍ଲା ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ବରହମପୁର ଓ ନୀଳଗିରି ଥାନା ଅଧୀନ ପୃଥକ ପୃଥକ ସ୍ଥାନରେ ମିଳିତ ଚଢାଉ କରାଯାଇଛି।ଉକ୍ତ ଚଢାଉରେ ୫୭ ଲି ଦେଶୀ ମଦ ,୭.୮ ଲି ବିଅର,୧୫.୭୫ ଲିଟର ପଶ୍ଚିମବଙ୍ଗରେ ବିକ୍ରୟ ମଦ,୯ ଲି ଓଡିଶାରେ ବିକ୍ରୟ ମଦ ଜବତ କରାଯାଇଛି।ଅଭିଯୁକ୍ତ ମାନେ ନୀଳଗିରିଥାନା ଅଧୀନ କାଳିଆପଦା ଗ୍ରାମ ସମବାରୀ ସିଂ(୪୫), ଖସାପଡିଆ ଗ୍ରାମର ଗୌରୀମଣୀ ସାହୁ(୫୦), ବରହମପୁର ଥାନା ଅଧୀନ ଉପରଭଗାବନ୍ଧ ଗ୍ରାମର ସୁଶାନ୍ତ ମହାପାତ୍ର(୪୫),ଜାମୁଡିହା ଗ୍ରାମର ସୁମନ୍ତ ମହାରଣା(୪୪)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଛି। ଏହି ଚଢାଉରେ ନୀଳଗିରି ଅବକାରୀ ଓଆଇସି ଜଗନ୍ନାଥ ବେହେରା, ଜିଲ୍ଲା ମୋବାଇଲ ସ୍କ୍ୱାର୍ଡ ଓଆଇସି ଭକ୍ତ ଚରଣ ସ୍ୱାଇଁ, କନେଷ୍ଟବଳ ମୀନତି ପରିଡା,ଦେବାଶିଷ ମଲ୍ଲିକ,ନହଣ ମୁର୍ମୁ,ସୁନାରାମ ସୋରେନ,ପଙ୍କଜ ମହାନ୍ତି ପ୍ରମୁଖ ସାମିଲ ଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo